# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 219 | ଭାଗ ୩୩ | ସଂଖ୍ୟା ୨୧୯ — Sunday 2 November 2025 | Page 8 Rs. 5.00 — ଭୁବନେଶ୍ୱର ରବିବାର ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଶେଖ ହସିନା ପଳାତକ ଘୋଷିତ ପୃଷ୍ଠା ୫



ଦିନିକିଆ ମହିଳା ବିଶ୍ୱକପ୍

## ଆଜି ଟ୍ରଫି ଟକ୍କର୍

- ଭାରତ-ଦକ୍ଷିଣ ଆଫ୍ରିକା ମୁକାବିଲାକୁ ଅପେକ୍ଷା
- ବିଶ୍ୱ ଦେଖିବ ନୂଆ ଚାମ୍ପିଅନ୍
- ପୁରସ୍କାର ରାଶିରେ ଉଲ୍ଲେଖନୀୟ ବୃଦ୍ଧି

**ନବୀ ମୁମ୍ବାଇ,୧।୧୧:** ଆସନ୍ତାକାଲି ଏଠାକାର ଡ. ଡିୱାଇ ପାଟିଲ୍ ଷ୍ଟାଡିୟମ୍‌ଠାରେ ଚଳିତ ଦିନିକିଆ ମହିଳା ବିଶ୍ୱକପ୍ ଉଦ୍‌ଯାପିତ ହେବ। ଅନ୍ତିମ ମୁକାବିଲା ଅର୍ଥାତ୍ ଟ୍ରଫି ପାଇଁ ଏଠାରେ ଲଢ଼େଇ ହେବ ବିଶ୍ୱର ଦୁଇଟି ପ୍ରମୁଖ ଦଳ ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଭାରତ ମଧ୍ୟରେ। ଦୁଇ ଦିନ ତଳେ ଭାରତ ଚମତ୍କାର ବ୍ୟାଟିଂ କରି ଡିଫେଣ୍ଡିଂ ଚାମ୍ପିଅନ୍ ଅଷ୍ଟ୍ରେଲିଆ ବିପକ୍ଷରେ ରେକର୍ଡ ଚେଜ୍ ପୂର୍ବକ ତୃତୀୟ ଥର ପାଇଁ ବିଶ୍ୱକପ୍ ଫାଇନାଲ୍‌ରେ ସ୍ଥାନ ପକ୍କା କରିଛି। ଏହି ମ୍ୟାଚ୍‌ରେ ଭାରତ ପାଇଁ ୧୨୭ ରନ୍‌ର ଅପରାଜିତ ଇନିଂସ ଖେଳି ପ୍ରତିଟି ଭାରତୀୟ କ୍ରିକେଟ୍‌ପ୍ରେମୀଙ୍କ ହୃଦୟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ଜେମିମା ରଡରିଗ୍ସଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେହିପରି ଅଧିନାୟିକା ହରମନ୍‌ପ୍ରୀତ୍ କୌର୍ ଗତ ଗୁରୁବାର ୮୯ ରନ୍‌ର ଇନିଂସ ଖେଳି ଚଳିତ ବିଶ୍ୱକପ୍‌ରେ ଦ୍ୱିତୀୟ ଅର୍ଦ୍ଧଶତକ କରିଛନ୍ତି। ତେଣୁ ଭାରତୀୟ କ୍ରିକେଟ୍‌ପ୍ରେମୀ ତାଙ୍କଠାରୁ ମଧ୍ୟ ସମାନ ପ୍ରଦର୍ଶନ ଆଶା କରିବେ। ଏହାଛଡ଼ା ତାରକା ଓପନର ସ୍ମୃତି ମନ୍ଧାନା ଓ ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମାଙ୍କ ଉପରେ ମଧ୍ୟ ଭାରତର ପ୍ରଦର୍ଶନ ନିର୍ଭରଶୀଳ ରହିବ।

ଅନ୍ୟପକ୍ଷରେ ସେମିଫାଇନାଲ୍‌ରେ ଇଂଲଣ୍ଡକୁ ବଡ଼ ବ୍ୟବଧାନରେ ହରାଇ ଦକ୍ଷିଣ ଆଫ୍ରିକା ପ୍ରଥମ ଥର ପାଇଁ ଫାଇନାଲ୍‌ରେ ପହଞ୍ଚିଛି। ଦଳକୁ ➪ପୃଷ୍ଠା-୬

ରାଜ୍ୟର ପ୍ରଥମ ସେମିକଣ୍ଡକ୍ଟର ପ୍ରକଳ୍ପର ଶିଳାନ୍ୟାସ

# ଓଡ଼ିଶା ହେବ ଆଇଟି ରାଜଧାନୀ

- ସିକ୍‌ସେମ୍ ଭୂମିପୂଜନ ସମାରୋହରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ୨ ହଜାର କୋଟି ନିବେଶ, ହଜାରେଙ୍କୁ ନିଯୁକ୍ତି
- ଆଇଆଇଟିରେ 'ରିସର୍ଚ୍ଚ ଓ ଇନୋଭେସନ୍ ସେଣ୍ଟର' ସ୍ଥାପିତ
- 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରୀ' ପାଇଁ ୫ କୋଟି ଅନୁମୋଦନ
- ପ୍ରତିଷ୍ଠା ହେବ 'ପାୱାର ଇଲୋକ୍ଟ୍ରୋନିକ୍ସ ହବ୍'

**ଭୁବନେଶ୍ୱର, ୧।୧୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ଆଉ ଏକ ପାଦ ଆଗକୁ ବଢ଼ିଛି। ଆଜି ଭୁବନେଶ୍ୱରର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡର ଭୂମି ପୂଜନ ସମାରୋହରେ ଯୋଗଦେଇଛନ୍ତି। ସମୁଦାୟ ୨ ହଜାର କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧ ହଜାର ପେସାଦାରଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ କହିଛନ୍ତି ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜବୁତ୍ ହେଉଛି। ଏହି ମୁହୂର୍ତ୍ତ କେବଳ ଇଟା ଓ ସିମେଣ୍ଟ ବିଷୟରେ ନୁହେଁ, ଏହା ଆକାଂକ୍ଷା, ସ୍ଥିରତା, ସହଯୋଗ ଓ ଆତ୍ମନିର୍ଭରଶୀଳତାର ଉଦାହରଣ। ଏଥିରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ, ତାହା ମିଜାଇଲ, ଇଲେକ୍ଟ୍ରୋନିକ୍ ଗାଡ଼ି, ପ୍ରତିରକ୍ଷା ଇକ୍ୟୁପ୍‌ମେଣ୍ଟ, ରେଲୱେ



ଓ ସୌରଶକ୍ତି ଭଳି ଆଧୁନିକ କ୍ଷେତ୍ରରେ ବ୍ୟବହାର କରାଯିବ। ଆଜି ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକ୍‌ସେମ୍ କମ୍ପାନୀ ପକ୍ଷରୁ ୬୪ କୋଟି ଟଙ୍କା ବିନିଯୋଗରେ ଏକ ରିସର୍ଚ୍ଚ ଏଣ୍ଡ୍ ଇନୋଭେସନ୍ ସେଣ୍ଟର୍ ସ୍ଥାପନ କରାଯାଇଛି। କେନ୍ଦ୍ର ରେଳ ମନ୍ତ୍ରୀ ତାଙ୍କ ସାଂସଦ ପାଣ୍ଠିରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ ପାଇଁ ମଧ୍ୟ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରଛାତ୍ରୀମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣା ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ➪ପୃଷ୍ଠା-୬

## ପୂର୍ବୋଦୟର ଗେଟ-ୱେ ହେବ ଓଡ଼ିଶା



**ନୂଆଦିଲ୍ଲୀ:** କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା (ଇଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସାକାର ହେଉଛି। ଓଡ଼ିଶା ପୂର୍ବୋଦୟର ଗେଟ-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଓ ଶିକ୍ଷାକୁ ସମନ୍ୱୟ କରି ଆଜି ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ଘୋଷଣା କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଭାରତରେ ବହୁତ ବଡ଼ ଶିଳ୍ପ ରୂପେ ଉଭା ହୋଇଛି। ଗତ ୧୧ ବର୍ଷ ମଧ୍ୟରେ ଏହି କ୍ଷେତ୍ର ୬ ଗୁଣ ବୃଦ୍ଧି ପାଇଛି। ଇଲେକ୍ଟ୍ରୋନିକ୍ସ ରପ୍ତାନି ମଧ୍ୟ ୮ ଗୁଣ ବଢ଼ିଛି। ଆଜି ଇଲେକ୍ଟ୍ରୋନିକ୍ସ ରପ୍ତାନି ଦେଶରେ ତୃତୀୟ ସର୍ବବୃହତ ରପ୍ତାନି କ୍ଷେତ୍ର ପାଲଟିଛି। ଓଡ଼ିଶାକୁ ମଧ୍ୟ ଏହି ଶିଳ୍ପ କ୍ଷେତ୍ରରେ ଯେପରି ଆଗକୁ ନିଆଯିବ ସେ ଦିଗରେ ଓଡ଼ିଶା ସରକାର ପ୍ରୟାସ ଆରମ୍ଭ କରିବାକୁ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଅନୁରୋଧ କରିଥିଲେ। ଏଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସବୁପ୍ରକାର ସହାୟତା ଯୋଗାଇ ଦେବାକୁ ମଧ୍ୟ କେନ୍ଦ୍ର ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ➪ପୃଷ୍ଠା-୬

ଆଜିଠୁ ପଞ୍ଚକ, ପ୍ରସ୍ତୁତିର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି

## ଭିଡ଼ ନିୟନ୍ତ୍ରଣ କରିବ ଡ୍ରାଗିଂ ଟିମ୍

- ୩୨ ପ୍ଲାଟୁନ ପୁଲିସ ଫୋର୍ସକୁ ସୁରକ୍ଷା ଦାୟିତ୍ୱ

**ପୁରୀ,୧।୧୧(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ପବିତ୍ର ପଞ୍ଚକ ଆରମ୍ଭ ହେଉଥିବା ବେଳେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପୁରୀ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କେନ୍ଦ୍ରାଞ୍ଚଳ



ଡିଆଇଜି ଓ ପୁରୀ ଏସପିଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚକ ପାଇଁ ସୁରକ୍ଷା ଦାୟିତ୍ୱରେ ୩୨ ପ୍ଲାଟୁନ ପୁଲିସ ଫୋର୍ସ, ୩୦୦ ହୋମଗାର୍ଡ, ଅତିରିକ୍ତ ଏସପି ୫ ଜଣଙ୍କ ସହ ବ୍ୟାପକ ମାତ୍ରାରେ ଡିଏସପି ଏବଂ ଏଏସଆଇଙ୍କୁ ମୁତୟନ କରାଯିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡର ମାର୍କେଟ ଛକଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ଯାଏଁ ହୋଇଛି ବ୍ୟାରିକେଡ଼। ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସ୍ଥାନରେ ବାଇକ ଦ୍ୱାରା ପାଟ୍ରୋଲିଂ କରାଯିବ। ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ହୋଇଛି ଡ୍ରାଗିଂ ଟିମ୍। ଦର୍ଶନ ସରିବା ପରେ ଏହି ଟିମ୍ ଭକ୍ତମାନେ କିପରି ଶ୍ରୀମନ୍ଦିର ବାହାରକୁ ତୁରନ୍ତ ପ୍ରସ୍ଥାନ କରିପାରିବେ, ସେ ବ୍ୟବସ୍ଥା କରିବ। ଶ୍ରଦ୍ଧାଳୁମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବାକୁ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି ନିର୍ଦ୍ଦେଶ ଦେଇଛନ୍ତି।

ଆନ୍ଧ୍ର ଶ୍ରୀକାକୁଲମ୍ ଭେଙ୍କଟେଶ ମନ୍ଦିରରେ ଦଳାଚକଟା ଘଟଣାରେ ଭକ୍ତଙ୍କ ମୃତ୍ୟୁକୁ ନେଇ ପୁରୀ ପୁଲିସ ବେଶ୍ ସତର୍କ ରହିଛି। ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ➪ପୃଷ୍ଠା-୬

ପୁଲିସ୍ ଏସଆଇ ପରୀକ୍ଷା ଜାଲିଆତି ଘଟଣା

## ଗିରଫ ହେଲା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ପୁଲିସ ଏସଆଇ ପରୀକ୍ଷା ଜାଲିଆତିର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଶଙ୍କର ପୃଷ୍ଟିକୁ ନେପାଳ ସୀମାରୁ ଗିରଫ କରାଯାଇଛି। ଏସଆଇ ପରୀକ୍ଷା ଜାଲିଆତି ଧରାପଡ଼ିବା ପରଠାରୁ ଶଙ୍କର ପୃଷ୍ଟି ଫେରାର ହୋଇଯାଇଥିଲା। ଘଟଣା ପରଠୁ ନେପାଳ-ଉତ୍ତରାଖଣ୍ଡ ସୀମାରେ ଆତ୍ମଗୋପନ କରିଥିଲା ଶଙ୍କର। ତେବେ କୌଣସି ସୂତ୍ରରୁ ଖବର ପାଇ କ୍ରାଇମବ୍ରାଞ୍ଚର ଏକ ଟିମ୍ ଚଢ଼ାଉ କରିଥିଲା। କ୍ରାଇମବ୍ରାଞ୍ଚ ଟିମ ଶଙ୍କରକୁ ଧରି ଓଡ଼ିଶା ଆସୁଛି। ଶଙ୍କର ପୃଷ୍ଟି ଗିରଫଦାରୀ ପରେ ବହୁ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା



- ନେପାଳ ସୀମାରୁ ଧରିଲା କ୍ରାଇମବ୍ରାଞ୍ଚ
- ଏବେ ପଦାକୁ ଆସିବେ ସିଣ୍ଡିକେଟର ସବୁ ସଦସ୍ୟ

କରାଯାଉଛି। ବିଶେଷ କରି ଏହି ଜାଲିଆତିର ବ୍ଲୁପ୍ରିଣ୍ଟ ସେ କିଭଳି ପ୍ରସ୍ତୁତ କରିଥିଲା ଓ ଏଥିରେ ତାଙ୍କୁ କେଉଁମାନେ ସହଯୋଗ କରୁଥିଲେ, ସେସବୁର ପର୍ଦ୍ଦାଫାସ ହେବ। ଏଥିସହ ଏହି ସ୍କାମରେ କେହି ବଡ଼ବଡ଼ିଆ ସାମିଲ ଆଛନ୍ତି କି ନାହିଁ ଏବଂ ସେମାନଙ୍କ ସହ ଶଙ୍କର ପୃଷ୍ଟିର ଆର୍ଥିକ କାରବାର ହୋଇଥିଲା କି ନାହିଁ, ତା'ର ମଧ୍ୟ ଖୁଲାସା ହେବ।

ଏହି ଘଟଣାରେ ପ୍ରଥମ ଦିନ ୧୧୪ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲ ଗିରଫ ହୋଇଥିଲେ। ପରେ କ୍ରାଇମବ୍ରାଞ୍ଚ ଆଉ ୬ ଜଣ ଦଲାଲ ଓ ଶଙ୍କର ପୃଷ୍ଟିର ମୁଖ୍ୟ ସହଯୋଗୀକୁ ମୁନ୍ନା ମହାନ୍ତିକୁ ଗିରଫ କରିଥିଲା। ପ୍ରାୟ ମାସେ କାଳ ଜେଲରେ ରହିବା ପରେ ନିକଟରେ ୧୧୪ ପରୀକ୍ଷାର୍ଥୀ ଜେଲରୁ ଜାମିନରେ ମୁକୁଳିଛନ୍ତି। କିନ୍ତୁ କୋର୍ଟ ଦଲାଲ ଓ ସହଯୋଗୀଙ୍କ ଜାମିନ ନାମଞ୍ଜୁର ➪ପୃଷ୍ଠା-୬

୨୪ ଘଣ୍ଟା ବିତିଲା

## ଏଯାଏଁ ଗିରଫ ହେଲେନି ବବି



ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେପି

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ବଳପୂର୍ବକ ଭୋଟରଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗରେ କାହିଁକି ଗିରଫ ହେବେନି ବିଜେଡି ନେତା ବବି ଦାସ ଓ ବିଧାୟକ ଅଧିରାଜ ପାଣିଗ୍ରାହୀ। ଉଭୟଙ୍କ ବିରୋଧରେ ନୂଆପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋମନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ମାରିଦେବାକୁ ଉଦ୍ୟମ କରିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଦୁଇ ଜଣଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬ (୨), ୨୯୬, ୧୧୫ (୨), ୩୫୧ (୨) ଓ ୩ (୫) ମାମଲା ରୁଜୁ କରାଯାଇଛି। ଅଭିଯୋଗର ୨୪ ଘଣ୍ଟା ପରେ ବି ଦୁଇ ବିଜେଡି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନି।

ବିଜେପି ସେମାନଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ବିଜେପି ସମର୍ଥକଙ୍କୁ ଉଭୟ ନେତା ମାଡ଼ ମାରିବା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ବୋଲି ମଧ୍ୟ ଦଳ ➪ପୃଷ୍ଠା-୬

## ମନ୍ଦିରରେ ଦଳାଚକଟା ୯ ଶ୍ରଦ୍ଧାଳୁ ମୃତ

- ଆନ୍ଧ୍ରପ୍ରଦେଶରେ ଅଭାବନୀୟ କାଣ୍ଡ
- ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଶୋକ ପ୍ରକାଶ
- ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା

**ଶ୍ରୀକାକୁଲମ୍,୧।୧୧:** ଆନ୍ଧ୍ରପ୍ରଦେଶର ଏକ ମନ୍ଦିରରେ ଆଜି ଘଟିଛି ଅଭାବନୀୟ କାଣ୍ଡ। ଦଳାଚକଟାରେ ୯ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିବା ବେଳେ ଆହତଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ଭାବେ ସ୍ପଷ୍ଟ ହୋଇନାହିଁ। କିନ୍ତୁ ଦଳାଚକଟାର ଭୟାବହତାକୁ ଦୃଷ୍ଟିରେ ରଖି ମୃତାହତ ସଂଖ୍ୟା ବଢ଼ିବାର ଆଶଙ୍କା ପ୍ରକଟ କରାଯାଉଛି। ଶ୍ରୀକାକୁଲମ ଜିଲ୍ଲାର କାଶୀବୁଗା ଭେଙ୍କଟେଶ୍ୱର ମନ୍ଦିରରେ ଏକାଦଶୀ ପାଇଁ ବ୍ୟାପକ ମାତ୍ରାରେ ଭକ୍ତଙ୍କ ସମାଗମ



ଘଟିଥିଲା। ମାତ୍ରାଧିକ ଭକ୍ତଙ୍କ ସମାଗମ କାରଣରୁ ଦଳାଚକଟା ଘଟଣା ଘଟିଥିଲା ବୋଲି ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଏକ ବିବୃତିରେ ସୂଚନା ଦେଇଛନ୍ତି। ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରିବା ସକାଶେ ପ୍ରତିଯୋଗିତା କରିବା ସମୟରେ ଏପରି ଅଭାବନୀୟ ଘଟଣା ଘଟିଥିଲା। ଫଳତଃ ମନ୍ଦିର ପରିସର ହୋହାଲ୍ଲା ଓ କାନ୍ଦବୋବାଳିରେ ଫାଟି ପଡ଼ିଥିଲା। କେହି କୁଆଡ଼େ ଯିବା ସକାଶେ ସୁଯୋଗ ନ ଥିବାରୁ କିଏ ତଳେ ପଡ଼ି ଚିତ୍କାର କରୁଥିଲା ତ ଆଉ କିଏ ଅଣନିଃଶ୍ୱାସୀ ହୋଇ ଭିଡ଼ରୁ ବାହାରକୁ ବାହାରିବା ସକାଶେ ଜୀବନ ବିକଳରେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ଦଳାଚକଟାରେ ଆହତ ହୋଇଥିବା ଶ୍ରଦ୍ଧାଳୁମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ➪ପୃଷ୍ଠା-୬



### କାନ ଡେରିଥା

ଭକତ ନିଜକୁ ଭାଜ୍ୟ
ଭାବୁଛ
ଭାଜମାନ କିନ୍ତୁ ନାହିଁ
ଭାଗଶେଷ ତମ ଭୁଲ
ହୋଇଯିବ
ଭାଗଫଳ କହୁଥାଇ
ଗଣିତ କି ଜଣାନାହିଁ...
ନିଜ ଅହଙ୍କାରେ
ରାଜନୀତି ତମ
ଶେଷ ହୋଇଯିବ ଭାଇ ।

■ ଦେବାଶିଷ

# ବିଳମ୍ବରେ ଭକ୍ତଙ୍କ ୟୁ-ଟର୍ଣ୍ଣ

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ବିଳମ୍ବରେ ୟୁ ଟର୍ଣ୍ଣ ମାରିଛନ୍ତି। ବୁଝିଛନ୍ତି ଯେ ନୂଆପଡ଼ାରେ ଘାସିରାମ ମାଝୀଙ୍କୁ ଜିତାଇବାକୁ ହେଲେ ସମସ୍ତଙ୍କର ବିଶେଷକରି ଦଳର ବରିଷ୍ଠ ନେତାଙ୍କ ସହଯୋଗ ନିହାତି ଦରକାର। ତେଣୁ ପୁରୁଖା ନେତାମାନଙ୍କ ସହଯୋଗ ଲୋଡ଼ିଛନ୍ତି। ହେଲେ ପ୍ରଥମରୁ ଭକ୍ତଙ୍କ ତାଗିଦା ଯୋଗୁଁ ଦଳର ଅନେକ ବରିଷ୍ଠ ନେତା ନୂଆପଡ଼ା ଯିବା ତ ଦୂରର କଥା, ନିର୍ବାଚନ ଉପରେ ମତଟିଏ ରଖିବାକୁ ବି ଆଗ୍ରହ ପ୍ରକାଶ କରୁନାହାନ୍ତି।

ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି ଘାସିରାମ ମାଝୀ। ପ୍ରଦେଶ କଂଗ୍ରେସ ସଭାପତି ଦାୟିତ୍ୱ ନେବା ପରେ ଭକ୍ତଙ୍କ ପାଇଁ ଏହା ହେଉଛି ପ୍ରଥମ ପରୀକ୍ଷା। ଦଳ ବଳ ଧରି ଭକ୍ତ ନୂଆପଡ଼ାରେ ଡେରା ପକାଇଛନ୍ତି। ହେଲେ ଦଳର ସବୁ ନେତାଙ୍କୁ ସାଙ୍ଗରେ ନେବା ବଦଳରେ ଭକ୍ତ ଚିଠିଟିଏ ଜାରି କରି କହିଲେ ଯେ ଯେଉଁମାନେ ନୂଆପଡ଼ା ପ୍ରଚାରରେ ଯିବାକୁ ଆଗ୍ରହୀ, ସେମାନେ ଦଳର ସରୋଜ ପାଢ଼ୀଙ୍କ ସହ ଯୋଗାଯୋଗ କରନ୍ତୁ। ସେଠାରୁ ସବୁଜ ସଙ୍କେତ ମିଳିଲା ପରେ ହିଁ ସେମାନେ ନୂଆପଡ଼ା ଆସିବେ।

ଭକ୍ତଙ୍କର ଏଭଳି ନିର୍ଦ୍ଦେଶକୁ ଦଳର ବରିଷ୍ଠ ନେତାମାନେ ସହଜରେ ଗ୍ରହଣ କଲେ ନାହିଁ। ଫଳରେ ପ୍ରଚାର ପାଇଁ ହାତରେ ମାତ୍ର ଆଉ ୮ ଦିନ ଥିଲେ ମଧ୍ୟ ନିରଞ୍ଜନ, ଜୟଦେବ ଓ ପଞ୍ଚାନନଙ୍କ ଭଳି ବରିଷ୍ଠ ନେତା ନୂଆପଡ଼ା ଗଲେ ନାହିଁ। ସେମାନେ ଏଭଳି ନିର୍ଦ୍ଦେଶକୁ ଏକପ୍ରକାର ଅସମ୍ମାନ ବୋଲି ବିଚାରିଥିବା କଂଗ୍ରେସ ମହଲରେ ଆଲୋଚନା ହେଉଛି। ସବୁଠାରୁ ବଡ଼ କଥା ହେଲା, ନୂଆପଡ଼ା ଆସନରୁ ଦୁଇ ଦୁଇ ଥର ବିଧାୟକ ହୋଇ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ଓ କଳାହାଣ୍ଡିରୁ ଲୋକସଭା ଯାଇଥିବା ଜଗନ୍ନାଥ ପଟ୍ଟନାୟକ ବି ନୂଆପଡ଼ାରେ ଦେଖାଯାଉନାହାନ୍ତି। କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀରେ ତାଙ୍କର କାର୍ଯ୍ୟ ସୀମିତ ରହିଛି।



- ବରିଷ୍ଠ ନେତାଙ୍କୁ ନେହୁରା
- ପ୍ରଥମେ ବାଟ ଓଗାଳିଥିଲେ



ପ୍ରଦେଶ କଂଗ୍ରେସ କମିଟି, ଓଡ଼ିଶା

କଂଗ୍ରେସ ଭବନ, ଭୁବନେଶ୍ୱର- ୭୫୧ ୦୦୯, ଫୋନ: (୦୬୭୪) ୨୫୩୫୫୬୭, ୨୫୩୩୫୫୧ (ଫ୍ୟାକ୍ସ)

ତା. ୦୧/୧୧/୨୦୨୫

ପ୍ରିୟ ମହାଶୟ / ମହାଶୟା,

ନୂଆପଡାରେ ଅନୁଷ୍ଠିତ ହେଉଥିବା ଉପନିର୍ବାଚନରେ କଂଗ୍ରେସ ଦଳ ପ୍ରାର୍ଥୀ ଭାବରେ ଶ୍ରୀ ଘାସିରାମ ମାଝୀ ନିର୍ବାଚନ ଲଢୁଛନ୍ତି। ଏହି ଉପନିର୍ବାଚନ ଆମ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଶ୍ରୀ ମାଝୀଙ୍କ ସପକ୍ଷରେ ଅଧିକରୁ ଅଧିକ ପ୍ରଚାର ଓ ପ୍ରସାର କରିବା ଆମମାନଙ୍କର ଦାୟିତ୍ୱ। ଶ୍ରୀ ମାଝୀ ଜଣେ ଯୋଗ୍ୟତମ ପ୍ରାର୍ଥୀ ଅଟନ୍ତି। ଏଣୁ କଂଗ୍ରେସ ଦଳର ସମସ୍ତ ରାଜ୍ୟକର୍ମକର୍ତ୍ତା / ସାଂସଦ, ବିଧାୟକ / ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକ / ଗତ ସାଧାରଣ ନିର୍ବାଚନର ସାଂସଦ ଓ ବିଧାୟକ ପ୍ରାର୍ଥୀ / ପିସିସି ସଭ୍ୟ ଓ ଏଆଇସିସି ସଭ୍ୟ / ସମସ୍ତ ରାଜ୍ୟ ସାମ୍ମୁଖ୍ୟ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ କର୍ମକର୍ତ୍ତା ଓ ନେତୃବୃନ୍ଦମାନେ ନିଜ ନିଜ ଫେସବୁକ୍ ସମେତ ସମସ୍ତ ସାମାଜିକ ଗଣମାଧ୍ୟମରେ କଂଗ୍ରେସ ଦଳର ପ୍ରାର୍ଥୀ ଶ୍ରୀ ଘାସିରାମ ମାଝୀଙ୍କୁ ନୂଆପଡା ନିର୍ବାଚନ ମଣ୍ଡଳୀର ଭୋଟର ଭାଇ ଭଉଣୀମାନେ ବିପୁଳ ସଂଖ୍ୟାରେ ଭୋଟ ଦେବା ନିମନ୍ତେ ନିବେଦନ କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତଚରଣ ଦାସ ଅନୁରୋଧ କରିଛନ୍ତି।

ଏହାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରି କାର୍ଯ୍ୟ ସମ୍ପାଦନ କରିବେ।

ସମ୍ମାନ ସହ

(ସମୀର କୁମାର ରାଉତରାୟ)
ପ୍ରଶାସକ, ଓପିସିସି

ନାମାଙ୍କନପତ୍ର ଦାଖଲ ସମୟରେ କଂଗ୍ରେସର ଯେଉଁ ଜୋସ୍ ଥିଲା, ଧିରେ ଧିରେ ତାହା କମିବାରେ ଲାଗିଛି। କଂଗ୍ରେସର ବଳ କୁହାଯାଉଥିବା ଆଦିବାସୀ ଭୋଟ ମଧ୍ୟ କ୍ରମଶଃ ଭାଗ ଭାଗ ହେବାରେ ଲାଗିଛି। ଆଗକୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚାର କାର୍ଯ୍ୟସୂଚୀ ରହିଛି। ତେଣୁ ଅବସ୍ଥା ଭିନ୍ନ ରୂପ ନେଉଥିବା ଦେଖି ଏବେ ଭକ୍ତ ବାବୁ କଂଗ୍ରେସ ନେତାଙ୍କ ପାଇଁ ପୁଣି ଗୋଟିଏ ଚିଠି ଜାରି କରିଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସବୁ ବରିଷ୍ଠ ଓ ଆଗଧାଡ଼ିର ନେତାମାନେ ନିଜ ନିଜ ସୋସିଆଲ ମିଡିଆରେ ପ୍ରଚାର ପାଇଁ କାକୁତିମିନତି ହୋଇ ଅନୁରୋଧ କରିଛନ୍ତି।

ଭକ୍ତଙ୍କର ଏହି ହଠାତ୍ ୟୁ ଟର୍ଣ୍ଣ ଏବେ ରାଜଧାନୀରୁ ନୂଆପଡ଼ା ପର୍ଯ୍ୟନ୍ତ ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ ପାଲଟିଛି। ଏଭଳି ଅନୁରୋଧ ବରିଷ୍ଠଙ୍କୁ ମନାଇବା ପାଇଁ ନା କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଉଦ୍ଦିଷ୍ଟ, ତାହାକୁ ନେଇ ଆଲୋଚନା ଜୋର ଧରିଥିବା ବେଳେ ଅନେକ କଂଗ୍ରେସ କର୍ମୀ କିନ୍ତୁ ଏହାକୁ ବିଳମ୍ବରେ ହେଉ ପଛେ ଭକ୍ତଙ୍କ ଆଖି ଖୋଲିଲା ବୋଲି କହିବାକୁ ପଛାଉନାହାନ୍ତି। ତେବେ ଭକ୍ତଙ୍କ ଏଭଳି ଅନୁରୋଧ ପରେ ଦଳର ବରିଷ୍ଠ ନେତାମାନେ କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

## ୩ରେ ୪ ଜିଲ୍ଲାରେ ସରକାରୀ ଛୁଟି

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ଆସନ୍ତା ୩ ତାରିଖରେ ଦକ୍ଷିଣ ଓଡ଼ିଶାର ୪ଟି ଜିଲ୍ଲାରେ ସରକାରୀ ଛୁଟି ଘୋଷଣା କରାଯାଇଛି। ଗଞ୍ଜାମ, ଗଜପତି, ନବରଙ୍ଗପୁର, ମାଲକାନଗିରିରେ ଏହି ସରକାରୀ ଛୁଟି ଘୋଷଣା କରାଯାଇଛି। ଦକ୍ଷିଣାଞ୍ଚଳ ଆର୍‌ଡିସି ଏହି ଛୁଟି ଘୋଷଣା କରିଥିବା ବେଳେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଉପଖଣ୍ଡରେ ବି ଏହି ଘୋଷଣା ଲାଗୁ ହେବ। କାର୍ତ୍ତିକ ମାସ ଶେଷ ସୋମବାର ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକରେ ଛୁଟି ଘୋଷଣା କରାଯାଇଛି। ଏହାଛଡ଼ା କୋରାପୁଟ ଜିଲ୍ଲାର ଫୁଲବାଣୀ ସବ୍‌ଡିଭିଜନ୍ ଓ ରାୟଗଡ଼ା ଜିଲ୍ଲାରେ ମଧ୍ୟ ଆସନ୍ତା ନଭେମ୍ବର ୨୭ ତାରିଖରେ ସ୍ଥାନୀୟ ଛୁଟି ଘୋଷିତ ହୋଇଛି। ଉକ୍ତ ଦିନ ମାର୍ଗଶୀର ମାସର ଅନ୍ତିମ ଗୁରୁବାର ଥିବାରୁ ଏପରି ଛୁଟି ଘୋଷଣା କରାଯାଇଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ କାର୍ତ୍ତିକ ମାସର ଯଥେଷ୍ଟ ଗୁରୁତ୍ୱ ରହିଥିବା ବେଳେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଲୋକେ ବିଭିନ୍ନ ନୀତିନିୟମ ପାଳନ କରିବା ସହ ମନ୍ଦିର ଯାଇଥାନ୍ତି। କାର୍ତ୍ତିକ ମାସର ଅନ୍ତିମ ସୋମବାରରେ ଭକ୍ତମାନେ ସାମୂହିକ ପ୍ରାର୍ଥନା, ଉପାବାସ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥାନ୍ତି।

# ତଦାରଖ ବ୍ୟବସ୍ଥା ଅଧିକ ପ୍ରଭାବୀ କରିବାକୁ ଗୁରୁତ୍ୱ




**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କିତ ୬ଷ୍ଠ ପରିଚାଳନା କମିଟି ବୈଠକ ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ପକ୍ଷରୁ ଆହୂତ ଏହି ବୈଠକରେ ରାଜ୍ୟ ସ୍ତରରେ ଓ ଜିଲ୍ଲା ସ୍ତରରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ତଦାରଖ ବ୍ୟବସ୍ଥାକୁ ଅଧିକ ପ୍ରଭାବୀ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କୃଷି ଓ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ କମିଟିର ସଦସ୍ୟ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଶିଳ୍ପ, ଜଳ ସମ୍ପଦ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ଅନ୍ୟ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଉମା ନନ୍ଦୁରୀ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

**ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କିତ ପରିଚାଳନା କମିଟି ବୈଠକ ଅନୁଷ୍ଠିତ**

ପ୍ରାରମ୍ଭରେ ପଞ୍ଚମ ପରିଚାଳନା କମିଟି ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ନେଇ ସମୀକ୍ଷା କରାଯାଇଥିଲା। ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି)ର ଅଗ୍ରଗତି ସମ୍ପର୍କରେ ଆଲୋଚନା ସହ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସସିଏପି)ର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ରାଉରକେଲା, ଅନୁଗୋଳ, ତାଳଚେର, ବାଲେଶ୍ୱର, ରାଇରଙ୍ଗପୁର, କଟକ ଓ ଭୁବନେଶ୍ୱର ଆଦି ଶିଳ୍ପାଞ୍ଚଳ ସହରଗୁଡ଼ିକ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ। ଏନସିଏପି ଅଧୀନରେ ବାୟୁ ଗୁଣବତ୍ତାରେ ପିଏମ ୧୦ ଓ ପିଏମ ୨.୫ର ମାତ୍ରାକୁ ନିରନ୍ତର ଭାବେ ହ୍ରାସ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ସହରାଞ୍ଚଳ ବା ଗ୍ରାମାଞ୍ଚଳରେ ରାସ୍ତା ଧୂଳି, ନିର୍ମାଣ କାମ, ଶିଳ୍ପ କାରଖାନା, ଡିଜେଲ ଯାନଚାଳିତ ଧୂଆଁ ଆଦିରୁ ନିର୍ଗତ ମୋଟ ଧୂଳି କଣିକା ପିଏମ୧୦ (୧୦ ମାଇକ୍ରୋମିଟର କିମ୍ବା ତା'ଠାରୁ ଛୋଟ), ପରିବେଶ ଓ ବାୟୁ ଗୁଣବତ୍ତାକୁ କ୍ଷତି ପହଞ୍ଚାଇଆସିଛି। ଆଗାମୀ ୫ ବର୍ଷରେ ପିଏମ ୧୦ ଓ ପିଏମ ୨.୫ର ମାତ୍ରା ୪୦ ପ୍ରତିଶତ କମାଇବାକୁ ଲକ୍ଷ୍ୟ ରଖାଯାଇ କାର୍ଯ୍ୟକ୍ରମ ଚାଲୁ ରହିଛି। ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ମଧ୍ୟ କୋଇଲା, ଡିଜେଲ ଇତ୍ୟାଦି ଧୂଆଁ ଉତ୍ସଗୁଡ଼ିକୁ ହ୍ରାସ କରାଯାଇ ସୌର ଶକ୍ତି, ପବନ, ଜଳ ଉତ୍ସ, ବିଦ୍ୟୁତ୍‌ଚାଳିତ ଯାନ ଆଦିରୁ ସ୍ୱଚ୍ଛ ଉର୍ଜା ଉପରେ ପରାମର୍ଶ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରାଜ୍ୟରେ ଏନସିଏପି କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା।

'ସୁଭଦ୍ରା ଶକ୍ତିମେଳା'କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ମହିଳାଙ୍କୁ ସ୍ୱାବଲମ୍ବୀ କରିବ 'ସୁଭଦ୍ରା' ୟୁନିକ୍ ମଡେଲ

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ଓ ଦକ୍ଷ ଉଦ୍ୟୋଗୀ କରିବା ସକାଶେ ବିଜେପି ସରକାର ପ୍ରତିବଦ୍ଧତାର ସହ କାମ କରୁଛି। ଆଜି

**୩୦୦ ମହିଳା ଏସ୍‌ଏଚ୍‌ଜି ସାମିଲ**



ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଓଡ଼ିଶା ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର ମେଳା 'ସୁଭଦ୍ରା ଶକ୍ତି ମେଳା'ର ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟନ ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ କରିବା ଆମର ଲକ୍ଷ୍ୟ। ଏହି ଲକ୍ଷ୍ୟ ପାଇଁ 'ସୁଭଦ୍ରା' ଯୋଜନା ଏକ 'ୟୁନିକ ମଡେଲ'। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଏହା ହେଉଛି ମହିଳାଙ୍କ ଘର ଅଗଣାରୁ ବାହାରି ରାଜ୍ୟ, ଦେଶ ଓ ବିଶ୍ୱମଞ୍ଚ ପର୍ଯ୍ୟନ୍ତ ଯାତ୍ରାର କାହାଣୀ। 'ଲକ୍ଷପତି ଦିଦି' ଯୋଜନାରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇସାରିଥିବା ବେଳେ ଆଗାମୀ ୨୦୨୭ ସୁଦ୍ଧା ଏହାକୁ ୨୫ ଲକ୍ଷରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ମହିଳା ସଶକ୍ତିକରଣ ଲକ୍ଷ୍ୟରୁ ସରକାର ଆଦୌ ବିଚ୍ୟୁତ ହେବେନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରାର ମା'ମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ଜରିଆରେ ରାଜ୍ୟ ପାଇଁ ସୁନାମ ଆଣୁଛନ୍ତି। ପ୍ରତି ଘରୁ ଜଣେ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ। ଗତ ସଂସ୍କରଣରେ ୮ କୋଟିର ବ୍ୟବସାୟ ହୋଇଥିବା ବେଳେ ଚଳିତ ବର୍ଷ ଏହା ୧୫ କୋଟିରେ ପହଞ୍ଚିବା ଆଶା ରହିଥିବା ଶ୍ରୀମତୀ ପରିଡ଼ା କହିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିବା ବେଳେ ମିଶନ ଶକ୍ତି କମିଶନର ଗିରୀଶ ଏସଏନ ସ୍ୱାଗତ କରିଥିଲେ ଓ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ। ଏହି ମେଳାରେ ୩୦୦ ମହିଳା ଏସ୍‌ଏଚ୍‌ଜି ସାମିଲ୍ ହୋଇଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ ଗିରଫ



**ଗଞ୍ଜାମ, ୧।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅଧୀନ ଗଡ଼ହୁମ୍ମା ପ୍ରାଥମିକ ବିଦ୍ୟାଳୟରେ ଏକ ଗୁରୁତର ଓ ଲଜ୍ଜାଜନକ ଘଟଣା ଘଟିଛି। ପଞ୍ଚମ ଶ୍ରେଣୀର ଜଣେ ଛାତ୍ରୀଙ୍କ ସହ ଅସଦାଚରଣ କରିବା ଅଭିଯୋଗରେ ସେହି ବିଦ୍ୟାଳୟର ଶିକ୍ଷକ ଲିଙ୍ଗରାଜ ମହାଙ୍କୁଡ଼ (୪୦)ଙ୍କୁ ହୁମ୍ମା ଫାଣ୍ଡି ପୋଲିସ ଗିରଫ କରିଛି। ଘଟଣା ଶନିବାର ସକାଳ ସମୟରେ ସ୍କୁଲ ଚାଲିଥିବା ବେଳେ ଘଟିଥିଲା। ମଧ୍ୟାହ୍ନ ଭୋଜନ ସରିବା ପରେ ସମ୍ପୃକ୍ତ ଶିକ୍ଷକ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ଶ୍ରେଣୀକକ୍ଷ ଭିତରକୁ ଡାକି ଅସଦାଚରଣ କରିଥିବା ଅଭିଯୋଗ ମିଳିଛି। ଘଟଣା ସମୟରେ ଛାତ୍ରୀ ଜଣଙ୍କ ଚିତ୍କାର କରି ବାହାରକୁ ଦୌଡି ପଳାଇ ଯାଇଥିଲେ ଓ ଘରକୁ ଫେରି ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ଛାତ୍ରୀଙ୍କ ପିତା ଯତିରାମ ମହାରଣା ଓ ଗ୍ରାମବାସୀ ବିଦ୍ୟାଳୟକୁ ପହଞ୍ଚି ଶିକ୍ଷକଙ୍କୁ ଅଟକ ରଖି ହୁମ୍ମା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସୁବ୍ରଜିତ ବେନିଆ ଦଳ ସହିତ ତୁରନ୍ତ ସ୍କୁଲକୁ ପହଞ୍ଚି ଅଟକ ରଖାଯାଇଥିବା ଶିକ୍ଷକଙ୍କୁ ଉଦ୍ଧାର କରି ଫାଣ୍ଡିକୁ ଆଣିଥିଲେ। ଶିକ୍ଷକଙ୍କୁ ଅଟକ ରଖାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଘଟଣା ବିଷୟରେ ଅବଗତ କରାଯାଇଛି। ଶିକ୍ଷା ବିଭାଗ ଏହାକୁ ଗୁରୁତର ଭାବରେ ନେଇ, ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛି।

## ସୋନପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ

**ସୋନପୁର,୧।୧୧(ସଂଚାର ବ୍ୟୁରୋ):** ସୋନପୁରର ବୀରମହାରାଜପୁରରେ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି ଜନୈକା ଯୁବତୀ। ଅଭିଯୋଗ ଅନୁସାରେ, ଉକ୍ତ ଯୁବତୀ ଜଣଙ୍କ ଏକ ସୋ'ରୁମରେ କାମ କରୁଥିବା ବେଳେ କାମସାରି ଘରକୁ ଫେରୁଥିବା ସମୟରେ ତାଙ୍କୁ ଗଣଦୁଷ୍କର୍ମ କରାଯାଇଛି। ବାଟରେ ତାଙ୍କୁ ତିନି ଯୁବକ ଅଟକାଇ ବେହୋସ୍ କରି ଉଠାଇ ନେଇଥିଲେ। ନିକଟସ୍ଥ ଆଇଟିଆଇ କଲେଜ ପଛପଟେ ସେମାନେ ଗଣଦୁଷ୍କର୍ମ କରି ଅଚେତ ଅବସ୍ଥାରେ ତାଙ୍କୁ ଛାଡ଼ି ପଳାଇଥିଲେ। ପରେ ଘରେ ପହଞ୍ଚି ପରିବାର ଲୋକଙ୍କୁ ସବୁ ଜଣାଇବା ପରେ ବୀରମହାରାଜପୁର ଥାନାରେ ଏତଲା ଦିଆଯାଇଥିଲା। ଏହି ମାମଲାରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ଡ. ଅରୁନ୍ଧତୀ ପାଇବେ ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ





**ଭୁବନେଶ୍ୱର, ୧।୧୧ (ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରୁମା' ଡକ୍ଟର ଅରୁନ୍ଧତୀ ଦେବୀ ଚଳିତ ବର୍ଷର ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ ପାଇବେ। ପ୍ରଦ୍ୟୁମ୍ନ ବଳ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ପକ୍ଷରୁ ଜୀବନବ୍ୟାପୀ ଶିକ୍ଷା-ସମାଜସେବା ଓ ଏକ ଶୋଭନୀୟ ସମାଜ ଗଠନ ଦିଗରେ ତ୍ୟାଗପୂତ ଅବଦାନ ଲାଗି ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭଦ୍ରକର ସମାଜସେବୀ ଏସ.ଏମ. ଫାରୁକ, ମୟୂରଭଞ୍ଜ ଜିଲ୍ଲା ଇଟାମୁଣ୍ଡିଆର ଜଙ୍ଗଲ ଓ ପରିବେଶ ସୁରକ୍ଷାକାରୀ ଗୋପୀନାଥ ସିଂ ଓ ଯାଜପୁର ଜିଲ୍ଲାର ବିଶିଷ୍ଟ ଐତିହାସିକ ତଥା ବୌଦ୍ଧ ଗବେଷକ ଡକ୍ଟର ହରିଶ୍ଚନ୍ଦ୍ର ପୃଷ୍ଟିଙ୍କୁ 'ପ୍ରଦ୍ୟୁମ୍ନ ବଳ ବ୍ୟକ୍ତିତ୍ୱ ସମ୍ମାନ'ରେ ସମ୍ମାନିତ କରାଯିବ। ଶାରିରୀକ ଭାବେ ଅକ୍ଷମ ହୋଇ ମଧ୍ୟ ସକ୍ଷମଙ୍କଠାରୁ କମ ନ ଭାବି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାର୍ଯ୍ୟରତ ଥିବା ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ସୁମନ୍ତ ମହାରଣା ଓ ଶାରିରୀକ ଅକ୍ଷମ ହୋଇ ବି ପାରା ଆଥଲେଟ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇଥିବା କ୍ରୀଡ଼ା ପ୍ରତିଭା ଭୁବନେଶ୍ୱରର ପୂଜାସ୍ୱିନୀ ନାୟକଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ସମ୍ମାନ'ରେ ସମ୍ମାନିତ କରାଯିବ। ସୋର ଅଞ୍ଚଳର 'ପ୍ରଗତିବାଦୀ' ପ୍ରତିନିଧି ଶିଶିର କୁମାର ଦାସଙ୍କୁ ସାମ୍ବାଦିକତା ପାଇଁ 'ପ୍ରଦ୍ୟୁମ୍ନ ବଳ ସାମ୍ବାଦିକତା ସମ୍ମାନ' ପ୍ରଦାନ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଆସନ୍ତା ୮ ତାରିଖରେ 'ପ୍ରଗତିବାଦୀ' ପରିସରରେ ଅନୁଷ୍ଠିତ ହେବାକୁ ଥିବା ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ।

## ଡିସେମ୍ବର ୬ରୁ ରାଜ୍ୟ ପୁସ୍ତକ ମେଳା

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ଆସନ୍ତା ଡିସେମ୍ବର ୬ ତାରିଖରୁ ସପ୍ତମ ରାଜ୍ୟ ପୁସ୍ତକ ମହୋତ୍ସବ। ଏହା ପୂର୍ବରୁ ପ୍ରକାଶକ ସାମ୍ମୁଖ୍ୟ 'ଓଡ଼ିଶା ପ୍ରକାଶକ ସଂଘ' ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ସପ୍ତମ ରାଜ୍ୟ ପୁସ୍ତକ ମହୋତ୍ସବକୁ ବୈଠକରେ ସ୍ୱାଗତ କରାଯିବା ସହ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଛି। ସଂଘ ପକ୍ଷରୁ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ସଂସ୍କୃତି ସଚିବ, ସଂସ୍କୃତି ନିର୍ଦ୍ଦେଶକ ଓ ଓଡ଼ିଶା ସାହିତ୍ୟ



ଏକାଡେମୀକୁ ଏକ ପତ୍ର ପଠାଯାଇଛି। ଗଣତାନ୍ତ୍ରିକ ପଦ୍ଧତିରେ ଷ୍ଟଲ ଆବଣ୍ଟନ ପାଇଁ ଓଡ଼ିଶା ପ୍ରକାଶକ ସଂଘ ପକ୍ଷରୁ ନିବେଦନ କରାଯାଇଛି। ପ୍ରଥମେ ଷ୍ଟଲ ବୁକିଂ କରିଥିବା ଅନୁଷ୍ଠାନକୁ ପ୍ରଥମେ ସୁଯୋଗ ଦିଆଯାଉ ଅଥବା କେନ୍ଦ୍ର ସରକାରଙ୍କ ନ୍ୟାସନାଲ ବୁକ୍ ଟ୍ରଷ୍ଟ୍ ପୁସ୍ତକ ମେଳା ଭଳି ଲଟେରୀ ସିଷ୍ଟମ କରାଯିବା ସକାଶେ ସଂଘ ପକ୍ଷରୁ ପରାମର୍ଶ ଦିଆଯାଇଛି। ସରକାର ଷ୍ଟଲ ପିଛା ଭଡ଼ା ୫୦୦୦ ଟଙ୍କା ରଖିଛନ୍ତି। ଗୋଟିଏ ଅନୁଷ୍ଠାନ ୬ଟି ଷ୍ଟଲ ନେଇପାରିବେ।

## ବସ୍ ଚଳାଉଥିବା ବେଳେ ଡ୍ରାଇଭରଙ୍କୁ ହୃଦ୍‌ଘାତ

● ଅଳ୍ପକେ ବର୍ତ୍ତିଗଲେ ଯାତ୍ରୀ




**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ବସ ଚଳାଉଥିବା ବେଳେ ଡ୍ରାଇଭରଙ୍କୁ ହୃଦଘାତ। ଅଳ୍ପକେ ବର୍ତ୍ତିଗଲେ ଯାତ୍ରୀ। ରାସ୍ତା କଡ଼କୁ ବସ ରଖିଦେଇଥିଲେ ଡ୍ରାଇଭର ଟଳିପଡ଼ିଥିଲେ। ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବସଟି ଭୁବନେଶ୍ୱରରୁ ସୋରଡ଼ା ଯାଉଥିବା ସମୟରେ ଏପରି ଅଘଟଣ ଘଟିଛି। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ସେଥିରେ ଥିବା ଯାତ୍ରୀମାନେ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି।

● ସୀମା ବିବାଦକୁ ନେଇ ତୁମୂଳକାଣ୍ଡ

## ହଣାକଟାରେ ୪ ସମ୍ପର୍କୀୟ ଭାଇ ଗୁରୁତର

**ଆନନ୍ଦପୁର,୧।୧୧(ସଂଚାର ବ୍ୟୁରୋ):** ସୀମା ବିବାଦକୁ ନେଇ ଘଟିଛି ତୁମୂଳକାଣ୍ଡ। ହଣାକଟାରେ ୪ ସମ୍ପର୍କୀୟ ଭାଇ ଗୁରୁତର ଭାବେ ଆହତ ହୋଇଛନ୍ତି।। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗାଁରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ଗାଁର ମହୁରୀ ଓଝା ଓ କୁନୀ ଓଝା ଦୁଇ ସମ୍ପର୍କୀୟ ଭାଇ ହୋଇଥିବା ବେଳେ ସେମାନଙ୍କ ଘର ପାଖାପାଖି ରହିଛି। ତେବେ କୁନୀଙ୍କ ଘର ପ୍ଲାଷ୍ଟର ପାଇଁ ସେଣ୍ଟରିଂ କାର୍ଯ୍ୟ ଚାଲିଥିବା ସମୟରେ ମହୁରୀଙ୍କ ପରିବାର ସଦସ୍ୟ ଏହାକୁ ବିରୋଧ କରିଥିଲେ। ପ୍ରଥମେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଏହି ଝଗଡ଼ା ଉଗ୍ରରୂପ ନେବା ଫଳରେ ଉଭୟ ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ କୁନୀଙ୍କ ପୁଅ ନିରଞ୍ଜନ, ରମେଶ ଓ ଟଙ୍କଧର ଆହତ ହୋଇଥିବାବେଳେ ମହୁରୀଙ୍କ ପୁଅ କାହ୍ନୁ ଚରଣ ମଧ୍ୟ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ୩ ଜଣଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇ ଘସିପୁରା ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଦୁଇଦିନିଆ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଯାପିତ

# କ୍ଷେତ୍ରକୁ ସଶକ୍ତ କରିବ ସ୍ୱତନ୍ତ୍ର ରୋଡମ୍ୟାପ୍

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ବିକାଶ ତଥା ବୁଣାକାର ଓ ହସ୍ତଶିଳ୍ପୀଙ୍କ କଲ୍ୟାଣ ଆମର ପ୍ରାଥମିକତା। ସେମାନଙ୍କୁ ଉନ୍ନତ ଉପକରଣ ପ୍ରଦାନ ଦ୍ୱାରା ସେମାନଙ୍କ ସମୟ, ଶକ୍ତି ଓ ଶ୍ରମ ହ୍ରାସ ହେବା ସହ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ବୋଲି କେନ୍ଦ୍ର ସରକାରଙ୍କ

**ପାରମ୍ପରିକ କୌଶଳ ଓ ନବସୃଜନର ମିଶ୍ରଣ ଆବଶ୍ୟକ: ଡିସି**

ବୟନଶିଳ୍ପ ମନ୍ତ୍ରାଳୟର ସଚିବ ନୀଲମ ଶମ୍ମି ରାଓ କହିଛନ୍ତି। ସ୍ଥାନୀୟ ତାଜ ଭିଭାନ୍ତା ହୋଟେଲଠାରେ ଆୟୋଜିତ ଦୁଇଦିନିଆ ଜାତୀୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହି କ୍ଷେତ୍ରର ବିକାଶ ପାଇଁ ମିଳିତ ପ୍ରୟାସ, କ୍ଲଷ୍ଟର-ଆଧାରିତ ଅଭିବୃଦ୍ଧି, ଉନ୍ନତ ଡିଜାଇନ୍, ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ଡିଜିଟାଲ୍ ମାର୍କେଟିଂ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଏହି କ୍ଷେତ୍ରକୁ ସଶକ୍ତ କରିବା ସକାଶେ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍‌ର




ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ଶମ୍ମି ରାଓ କହିଛନ୍ତି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗ ଦେଇ ପାରମ୍ପରିକ କୌଶଳ ସହ ନବସୃଜନର ମିଶ୍ରଣ କରି ସମୟ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଉନ୍ନୟନ ଆୟୁକ୍ତ (ହସ୍ତତନ୍ତ) ଏମ୍. ବୀଣା ଉନ୍ନୟନ ଆୟୁକ୍ତ (ହସ୍ତଶିଳ୍ପ) ଅମୃତା ରାଜ ଭାରତୀୟ ସାମଗ୍ରୀର ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ଉପରେ ଅଧିକ ଧ୍ୟାନ ଦେବାକୁ କହିଛନ୍ତି। ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପ୍ରତି ଯୁବପିଢ଼ିକୁ ଆକୃଷ୍ଟ କରିବା ପାଇଁ ନୂଆ ଡିଜାଇନ୍ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି ଯେ ବୁଣାକାର ଓ କାରିଗରଙ୍କ ଉନ୍ନତି ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ।

# ଫେବୃଆରୀ ୧ରେ ଜାତୀୟ ସ୍ତରର ହାଫ୍ ମାରାଥନ

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ଖେଳପ୍ରେମୀ ଓ ଫିଟନେସ୍ ଉତ୍ସାହୀମାନଙ୍କ ପାଇଁ ବଲାଙ୍ଗିର ମାରାଥନ ଆସୋସିଏସନ୍ (ବିଏମଏ) ପକ୍ଷରୁ ଆସନ୍ତା ବର୍ଷ ଫେବୃଆରୀ ୧ରେ ବଲାଙ୍ଗିରଠାରେ ଜାତୀୟ ସ୍ତରର ହାଫ୍ ମାରାଥନ ଦୌଡ଼ ଆୟୋଜିତ ହେବ। ଗତକାଲି ବଲାଙ୍ଗିରରେ ହୋଇଥିବା ଉଦ୍‌ଘାଟନୀ ସଭାରେ ଏହି ଘୋଷଣା କରାଯାଇଛି। ସଭାରେ ଆସିଷ୍ଟାଣ୍ଟ୍ ଜିଲ୍ଲାପାଳ ରାମ ନାରାୟଣ ମିଶ୍ର, ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଟ୍ରେଜେରି ଅଫିସର ଭୀମସେନ ବାଗ୍, ଜିଲ୍ଲା ଫୁଟବଲ କୋଚ୍ ପରସରା ବାଗ୍, ଲୋଅର ସୁକତେଲ ଡ୍ୟାମ୍ ଆକାଉଣ୍ଟସ ଅଫିସର ଜଗତପାଳ ସେଠ ଓ ଆଇସିଆଇସିଆଇ ବ୍ୟାଙ୍କ ବଲାଙ୍ଗିର ଶାଖା ପ୍ରବନ୍ଧକ ରଞ୍ଜିତ ମିଶ୍ର ଉପସ୍ଥିତ




ଥିଲେ। ଏହାଛଡ଼ା ବଲାଙ୍ଗିର ମାରାଥନ ଆସୋସିଏସନ୍‌ର ସଭାପତି ପ୍ରଶାନ୍ତ ନାୟକ, ସଚିବ ସଞ୍ଜୟ ପ୍ରଧାନ, ତଥା ସଦସ୍ୟ ଶଶିକାନ୍ତ ରାଉତ, ରଞ୍ଜନ ନାଏକ, ସୂରଜ ପଟେଲ, ଲିଲୁ ପ୍ରଧାନ, ରବୀନ୍ଦ୍ର ସାହୁ, ସୋମନାଥ ତ୍ରିପାଠୀ, ଜିତେନ୍ଦ୍ର ରାଉତ, ମନୋଜ ପ୍ରଧାନ, ସୁଜିତ ସାଗର ଓ ମୁଖିରାମ କାମ୍ପା ମଧ୍ୟ ଏହି ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଥିଲେ। ଏଥିରେ ହାଫ୍ ମାରାଥନରେ ୨୧ କିମି, ୧୦ କିମି ଓ ୫ କିମି ଆଦି ବର୍ଗରେ ପ୍ରତିଯୋଗିତା ହେବ। ଏହି ଦୌଡ଼ ବଲାଙ୍ଗିର ଜିଲ୍ଲାର ସୁନ୍ଦର ପରିଦୃଶ୍ୟ ଓ ସାଂସ୍କୃତିକ ଐତିହ୍ୟକୁ ଦେଶର ସମ୍ମୁଖରେ ଆଣିବା ସହ ଏକ ସ୍ମରଣୀୟ ଅଭିଜ୍ଞତା ହେବ। ବଲାଙ୍ଗିର ମାରାଥନ ୨୦୨୬ରେ ଦେଶର ବିଭିନ୍ନ ରାଜ୍ୟରୁ ଧାବକମାନେ ଯୋଗଦେବାର ସମ୍ଭାବନା ରହିଛି। ପ୍ରତିଟି ବିଭାଗରେ ବିଜେତାମାନଙ୍କୁ ନଗଦ ପୁରସ୍କାର ଓ ପଦକ ପ୍ରଦାନ କରାଯିବ। ଆଗାମୀ ଦିନରେ ଏହି ମାରାଥନ ପାଇଁ ଅନଲାଇନ୍ ରେଜିଷ୍ଟ୍ରେସନ୍ ଆରମ୍ଭ ହେବ।

## ନୂଆପଡ଼ାରେ ୧୦୮ ସମ୍ବେଦନଶୀଳ ବୁଥ୍

**ନୂଆପଡ଼ା,୧।୧୧(ସଂଚାର ବ୍ୟୁରୋ):** ଗଣତନ୍ତ୍ର ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ ଭାବେ ପରିଚାଳନା କରାଯିବା ଆବଶ୍ୟକ। କିନ୍ତୁ ଗତ ୨୦୨୪ ସାଧାରଣ ନିର୍ବାଚନର ଅନୁଭୂତି ଅନୁସାରେ, ନୂଆପଡ଼ା ବିଧାନସଭାର ମୋଟ ୩୫୮ ବୁଥ୍ ମଧ୍ୟରୁ ୧୦୮ଟି ସମ୍ବେଦନଶୀଳ ରହିଥିବା ବିଜେପି ଚିହ୍ନଟ କରିଛି। ଏନେଇ ଆଜି ରାଜ୍ୟ ନିର୍ବାଚନ ଅଧିକାରୀ (ଏସ୍‌ଇଓ)ଙ୍କୁ ବିଜେପିର ଏକ ପ୍ରତିନିଧି ଦଳ ଭେଟିବା ସହ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ଏକ ତାଲିକା ପ୍ରଦାନ କରିଛି। ସମ୍ପୃକ୍ତ ବୁଥ୍‌ଗୁଡ଼ିକରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ୱେବ କ୍ୟାମେରା ଓ ଆବଶ୍ୟକତା ଅନୁସାରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରିବା ସକାଶେ ମଧ୍ୟ ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା, ଲିଗାଲ ସେଲ୍‌ଫ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ଓ ମୁଖପାତ୍ର ତୃପ୍ତିମୟୀ

■ ଏସ୍‌ଇଓଙ୍କୁ ତାଲିକା ଦେଲା ବିଜେପି
■ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଦାବି

ମକଦମ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନା ପରେ ଦଳ ପକ୍ଷରୁ ଦିଆଯାଇଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଆବଶ୍ୟକ ଅନୁଯାୟୀ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବା ସକାଶେ ଏସ୍‌ଇଓ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି।

● ବସ୍ ଯାତ୍ରୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ

## ୧୦ ସ୍ଥାନରେ ଅଗ୍ନି ନିରାପତ୍ତା ମକଡ୍ରିଲ୍



**କଟକ/ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ବସ୍ ଯାତ୍ରୀଙ୍କ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସଠିକ୍ ଅନୁପାଳନ ପାଇଁ ଆଜି ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ ଅଗ୍ନି ନିରାପତ୍ତା ସଚେତନତା ମକଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଗ୍ନିଶମ ଓ ଜରୁରୀକାଳୀନ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ମାଲିକ ସଂଘ ସହଯୋଗରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅଗ୍ନିଶମ ବାହିନୀ ପକ୍ଷରୁ ବସ୍ କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ବୁଝାଇବା ସହ କୌଣସି ଅଘଟଣ ଘଟିଲେ କିଭଳି ନିଆଁକୁ ନିୟନ୍ତ୍ରଣ କରିହେବ, ସେନେଇ ପ୍ରାକ୍ଟିକାଲ୍ ଟ୍ରେନିଂ ପ୍ରଦାନ କରାଯାଇଛି। ବସ୍ କର୍ମଚାରୀଙ୍କ ସହ ସାଧାରଣ ଯାତ୍ରୀ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ, କଟକର ନେତାଜୀ ବସ୍ ଟର୍ମିନାଲ, ସୁନ୍ଦରଗଡ଼ ନୂଆ ବସଷ୍ଟାଣ୍ଡ, ରାଉରକେଲା ବସଷ୍ଟାଣ୍ଡ, କୋରାପୁଟ ବସଷ୍ଟାଣ୍ଡ, ସମ୍ବଲପୁର ବସଷ୍ଟାଣ୍ଡ, ଅନୁଗୁଳ ନୂଆ ବସଷ୍ଟାଣ୍ଡ, ତାଳଚେର ବସଷ୍ଟାଣ୍ଡ, ଗଞ୍ଜାମ ଜିଲ୍ଲାର ହଳଦିଆପଦର ବସଷ୍ଟାଣ୍ଡ ଓଝାରସୁଗୁଡ଼ା ଫାୟାରଷ୍ଟେସନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅପରାହ୍ନରେ ଅନୁଷ୍ଠିତ ହୋଇଛି। ପାଖାପାଖି ତିନି ଘଣ୍ଟା ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରତିଟି କୌଶଳର ଲାଇଭ୍ ଉପସ୍ଥାପନ ହୋଇଥିଲା। ଏଥିସହ ଯାତ୍ରିବାହୀ ବସ୍ ପାଇଁ ଥିବା ଅଗ୍ନି ନିରାପତ୍ତା

**ପ୍ରଶିକ୍ଷଣ ନେଲେ ବସ୍ କର୍ମଚାରୀ**

ଗାଇଡଲାଇନ୍ ଓ ଏହାର ଆବଶ୍ୟକତା ସମ୍ପର୍କରେ ବସ୍ ମାଲିକମାନଙ୍କୁ ଅବଗତ କରାଯାଇଥିଲା। ଆଗାମୀ ତିନିଟି ଶନିବାର ମଧ୍ୟରେ ପର୍ଯ୍ୟାୟ କ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ଆରଟିଓଙ୍କ ଦ୍ୱାରା ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେବ। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ସ୍ଥାନରେ ପ୍ରଶିକ୍ଷଣ ଶେଷ ପରେ ବସରେ ଅଗ୍ନି ନିରାପତ୍ତା ସମ୍ପର୍କରେ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ। ପୂର୍ବରୁ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁର ବସ୍‌ଗୁଡ଼ିକରେ ଯାତ୍ରୀଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ବସ୍ ମାଲିକ ସଂଘ ସହ ବୈଠକ ମାଧ୍ୟମରେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଅଗ୍ନିଶମ ନିର୍ଦ୍ଦେଶାଳୟ ପକ୍ଷରୁ ଯାତ୍ରିବାହୀ ବସରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

୪ ଦିନ ପରେ ଐତିହାସିକ ବାଲିଯାତ୍ରା କଟକ

# ରିଲିଜ୍ ହେଲା ମୁଖ୍ୟ ଗୀତ 'ଆମ ଐତିହାସିକ ବାଲିଯାତ୍ରା'

**କଟକ,୧।୧୧(ସଂଚାର ବ୍ୟୁରୋ):** ଐତିହାସିକ ବାଲିଯାତ୍ରାର ଗୌରବ ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସାରା ଦେଶରେ ପ୍ରଚାର କରିବା ପାଇଁ କଟକ ପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ଏକ ମୁଖ୍ୟ ଗୀତ ତିଆରି ହୋଇଛି, ଯାହାର ଶୀର୍ଷକ ରହିଛି 'ଆମ ଐତିହାସିକ

**୨ଟି ମଞ୍ଚରେ ରାତି ୧୧ଟା ଯାଏ ବାଜିବ ମାଇକ**

ବାଲିଯାତ୍ରା'। ଏହା ଓଡ଼ିଶାର ପୁରାତନ ବାଣିଜ୍ୟ ଐତିହ୍ୟ, ସାଗରିକ ଗୌରବ ଓ ସଂସ୍କୃତିକ ମହିମାକୁ ନବ ଦୃଷ୍ଟିକୋଣରେ ପ୍ରତିବିମ୍ବିତ କରିଛି। ଏହି ଗୀତର ରଚନା ଏସିପି କୃଷ୍ଣଚନ୍ଦ୍ର ସେଠୀ କରିଥିବା ବେଳେ ସେ ନିଜ ଶବ୍ଦ ମାଧ୍ୟମରେ ଓଡ଼ିଆ ମାଟିର ଗୌରବ ଓ ଐତିହ୍ୟକୁ ଜୀବନ୍ତ କରିପାରିଛନ୍ତି। ସେହିପରି ସଙ୍ଗୀତ



ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଶୁକ୍ଳା ଓ ସଙ୍ଗୀତ ଆରେଞ୍ଜମେଣ୍ଟ୍ ଦାୟିତ୍ୱ ବହନ କରିଛନ୍ତି ପ୍ରଫୁଲ୍ଲ ବେହେରା। ଏହି ଗୀତ ପାଇଁ ଏସିପି କୃଷ୍ଣଚନ୍ଦ୍ର ସେଠୀ, ଏସିପି ସତ୍ୟଜିତ ଦାସ, ସୌଜନ୍ୟା ରଥ ଓ ବିଷ୍ଣୁ ମୋହନ କବି କଣ୍ଠଦାନ କରିଛନ୍ତି। ଏହି ସଙ୍ଗୀତ ପ୍ରକଳ୍ପର କ୍ରିଏଟିଭ୍ ହେଡ୍ ଭାବେ କାର୍ଯ୍ୟ କରିଛନ୍ତି ଏସିପି ଅମିତାଭ ମହାପାତ୍ର ଓ ସାଇ ସିଦ୍ଧାନ୍ତ ମିଶ୍ର। ଉଭୟଙ୍କ ନିର୍ଦ୍ଦେଶନା ଓ ସୃଜନାତ୍ମକ ଦୃଷ୍ଟିକୋଣ ଏହି ପ୍ରକଳ୍ପକୁ ବିଶେଷ ରୂପ ଦେଇଛି। ଗୀତଟିର ରେକର୍ଡିଂ ସ୍ଥାନୀୟ ମିଳନ ଷ୍ଟୁଡିଓରେ ସମ୍ପନ୍ନ ହୋଇଛି। ଏହି ପ୍ରୟାସ ମାଧ୍ୟମରେ କଟକ ପ୍ରଶାସନ ପ୍ରଥମ ଥର ପାଇଁ ଏକ ସାହିତ୍ୟିକ ଓ ସଙ୍ଗୀତିକ ଆଭିମୁଖ୍ୟରେ ବାଲିଯାତ୍ରାର ଗୌରବକୁ ଆଗକୁ ନେଇଛି। ଏହି ଗୀତ ମାଧ୍ୟମରେ ଓଡ଼ିଶାବାସୀ ନିଜ ଐତିହାସିକ ମୂଳ ସହ ନବ ସଂସ୍ପର୍ଶ ଅନୁଭବ କରିପାରିବେ। ଏହି ଗୀତ ଶୀଘ୍ର ଭିଡିଓ ସହ ମୁକ୍ତିଲାଭ କରିବ, ଯାହା ଓଡ଼ିଶାର ପାଇଁ ଗର୍ବ ଓ ପ୍ରେରଣା ପାଇଁ ପ୍ରତୀକ ହେବ। ସେହିପରି କଟକ ଜିଲ୍ଲାପାଳ ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ବାଇକ୍ ବାଜିବା ସମୟ ଧାର୍ଯ୍ୟ କରିଛନ୍ତି। ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ମଞ୍ଚ ପାଇଁ ଏହି ନିୟମ ଲାଗୁ ହେବ ବୋଲି ଜିଲ୍ଲାପାଳ କହିଛନ୍ତି।

## ଆକର୍ଷଣ ସାଜିବ ପ୍ରବେଶ ପଥ, ଝଟକିବ ସଂସ୍କୃତି

ଆଉ ମାତ୍ର ୪ ଦିନ ପରେ ହେବାକୁ ଥିବା ଐତିହାସିକ ବାଲିଯାତ୍ରା କଟକ-୨୦୨୫ ପରିପ୍ରେକ୍ଷୀରେ ଝଟକୁଛି ତଳ ପଡିଆ। ବଡ଼ ବଡ଼ ବାଉଁଶ ସାଙ୍ଗକୁ ବାଉଁଶ ପାତିଆରେ ସୁନ୍ଦର କାରିଗରୀ ଦୃଶ୍ୟମାନ ହେଉଛି। ପୁଣି ଚାଳ ଛପର ସମେତ ବିଭିନ୍ନ ଦେଶୀ ସାମଗ୍ରୀର ବ୍ୟବହାର ନିଶ୍ଚିତ ଭାବେ ଦର୍ଶକମାନଙ୍କୁ ଆମୋଦିତ କରିବ। କେଉଁଠି ପିପିଲିର ଚାନ୍ଦୁଆ ତ ଆଉ କେଉଁଠି ଆଦିବାସୀ କଳାକୃତି, ଏମିତି କିଛି ଓଡ଼ିଶାର କଳା ଓ ସଂସ୍କୃତିକୁ ନେଇ ତିଆରି ଚାଲିଛି ଫାଟକ। ଜିଲ୍ଲା ପ୍ରଶାସନ ପକ୍ଷରୁ ଠିକା ସଂସ୍ଥାକୁ ମାଧ୍ୟମରେ ୧୦ରୁ ଅଧିକ ସ୍ଥାନରେ ଏଭଳି ଆକର୍ଷଣୀୟ ଗେଟ୍ ନିର୍ମାଣ ଚାଲିଛି। ବାଲିଯାତ୍ରାକୁ ବେଶ୍ ଜାକଜମକରେ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ପ୍ରତି ଜିନିଷକୁ ଅଧିକ ମାତ୍ରାରେ ଆକର୍ଷଣୀୟ କରିବା ପାଇଁ ଅଧିକାରୀମାନେ ଲାଗିପଡ଼ିଛନ୍ତି। ଏଥିରେ ବାଲିଯାତ୍ରାର ବୋଇତ ଗେଟ୍ ସମେତ ଓରମାସ୍‌ର ୩ଟି, କଟକ ଇନ୍ କଟକର ୩ଟି ଓ ବିଭିନ୍ନ ସ୍ଥାନରେ ପାଖାପାଖି ୧୦ରୁ ଅଧିକ ଗେଟ୍ କରାଯାଉଛି। ସେଥିପାଇଁ ୩ଟି ବର୍ଗରେ ଗେଟ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଓରମାସ୍, କଟକ ଇନ୍ କଟକ ଓ ରିଂବନ୍ଧ ରାସ୍ତା ଭଳି ପ୍ରମୁଖ ପଥରେ ବାଉଁଶ ସାହାଯ୍ୟରେ ଗେଟ୍ ତିଆରି ହେଉଛି। ଏହାଛଡ଼ା ବିଭିନ୍ନ ଗେଟ୍‌ରେ ଆଦିବାସୀ କଳା ସଂସ୍କୃତି, କୋଣାର୍କ ମନ୍ଦିର କଳାକୃତି ଆଦି ମଧ୍ୟ ସ୍ଥାନ ପାଇବ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ରବିବାର ୨ ନଭେମ୍ବର ୨୦୨୫, ଭୁବନେଶ୍ୱର

Sunday 2 November 2025, Bhubaneswar

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ମମତା ଓ ଦାଉଦ



୧୯୯୦ ଦଶକରେ ବଲିଉଡରେ ଗ୍ଲାମରର ଯାଦୁ ଦେଖାଇ ସୋ'ବିଜର ଟପକୁ ଯାଇଥିବା ବଲିଉଡର ଜଣେ ଅଭିନେତ୍ରୀ, ଯାହାଙ୍କୁ ସେତେବେଳେ ୩ ଖାନ୍ ମଧ୍ୟ ଡରୁଥିଲେ। ସଫଳତାର ଏକ ସୋପାନକୁ ଯିବା ପରେ ମଧ୍ୟ ସେ ବିବାଦ ଘେରରେ ରହିଥିଲେ। ଅନେକ ଅପବାଦ ଏବଂ ଗୁଜବ କାରଣରୁ ତାଙ୍କ ସିନେ କ୍ୟାରିଅର୍ ସହ ବ୍ୟକ୍ତିଗତ ଜୀବନ ମଧ୍ୟ ଅଶାନ୍ତ ହୋଇଯାଇଥିଲା। ଏକଦା ବଲିଉଡର ଅନେକ ନାମୀଦାମୀ ସିନେମାରେ ଅଭିନୟ କରି ପ୍ରଶଂସା ସାଉଁଟିଥିବା ଅଭିନେତ୍ରୀ ବର୍ତ୍ତମାନ ଲାଇମ୍ ଲାଇଟଠାରୁ କୋଷ କୋଷ ଦୂରରେ ରହିଛନ୍ତି। ନାଁ ତାଙ୍କର ମମତା କୁଲକର୍ଣ୍ଣି। ଅଣ୍ଡରୱାର୍ଲ୍ଡ ସହିତ ସମ୍ପର୍କ ଏବଂ ଏକ କୁଖ୍ୟାତ ଡ୍ରଗ୍ସ ମାମଲାରେ ଜଡ଼ିତ ରହିବା ଘଟଣା ତାଙ୍କ କ୍ୟାରିଅରକୁ ନଷ୍ଟ କରିଦେଲା କହିଲେ ଭୁଲ୍ ହେବନି।

ବଲିଉଡର ଏହି ଚର୍ଚ୍ଚିତ ଅଭିନେତ୍ରୀଙ୍କ ନାଁରେ ବିବାଦୀୟ ଟ୍ୟାଗ୍ ଲାଗିବା ପଛର କାରଣ ଥିଲା ଅଣ୍ଡରୱାର୍ଲ୍ଡ ଡନ୍ ଛୋଟା ରାଜନଙ୍କ ସହିତ ତାଙ୍କର କଥିତ ସମ୍ପର୍କ। ୧୯୯୮ ମସିହାରେ ରାଜନଙ୍କ ସହିତ ତାଙ୍କ ସମ୍ପର୍କର ଗୁଜବ ଖେଳିବା ପରେ ଗଣମାଧ୍ୟମରେ ଏହା ଏକ ଚର୍ଚ୍ଚିତ ବିଷୟ ପାଲଟିଥିଲା। 'ଚାଇନା ଗେଟ୍' ସିନେମା ସୁଟିଂ ସମୟରେ ମମତାଙ୍କର ଅଣ୍ଡରୱାର୍ଲ୍ଡ ସହିତ ସମ୍ପର୍କ ତୀବ୍ର ହୋଇଥିଲା। ରାଜକୁମାର ସନ୍ତୋଷୀଙ୍କ ସହ ମତଭେଦ ପରେ ତାଙ୍କୁ ଫିଲ୍ମରୁ ବାହାର କରାଯାଇଥିଲା। କୁଲକର୍ଣ୍ଣି ରାଜନଙ୍କଠାରୁ ଧମକ ପାଇବା ପରେ ଫିଲ୍ମକୁ ଫେରିଥିବା ଜଣାପଡ଼ିଥିଲା। ଫିଲ୍ମର ବିଫଳତା ତାଙ୍କ ପାଇଁ ଏକ ବଡ଼ ଆଘାତ ଥିଲା ଏବଂ ସେ ସନ୍ତୋଷୀଙ୍କ ଉପରେ ଅସଦାଚରଣ ଅଭିଯୋଗ ଆଣିଥିଲେ।

ତେବେ ଏହି ଘଟଣାକୁ ଅନେକ ବର୍ଷ ବିତିଯାଇଥିଲା ଏବଂ ଲୋକଙ୍କ ମନରେ ମମତାଙ୍କୁ ନେଇ ଏହି ପ୍ରଶ୍ନ ମଧ୍ୟ ଶୀଥିଳ ପଡ଼ିଯାଇଥିଲା। ତେବେ ବର୍ତ୍ତମାନ ପୁଣି ପୁରୁଣା ଘା'ରେ ହାତ ମାରିଛନ୍ତି ମମତା। ସେ ଅଣ୍ଡରୱାର୍ଲ୍ଡର ପ୍ରମୁଖ ଡନ୍ ଦାଉଦ୍ ଇବ୍ରାହିମର ନାଁ ନେଇ କହିଛନ୍ତି ଯେ 'ଦାଉଦ ଜଣେ ଆତଙ୍କବାଦୀ ନୁହଁନ୍ତି କିମ୍ବା ଦାଉଦଙ୍କ ନାମ କେବେ କୌଣସି ବୋମା ବିସ୍ଫୋରଣ ଘଟଣାରେ ଜଡ଼ିତ ହୋଇନାହିଁ। ଗଣମାଧ୍ୟମ ଏବଂ କିଛି ରାଜନୈତିକ ଶକ୍ତି ତାଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି। କାହାକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଅଭିଯୋଗ ପ୍ରମାଣିତ ହେବା ଆବଶ୍ୟକ। ପ୍ରଚାର କାହାକୁ ଅପରାଧୀ କରେ ନାହିଁ।' ଅଭିନେତ୍ରୀ ଆହୁରି କହିଛନ୍ତି, 'ଦାଉଦଙ୍କ ସହ ମୋର କୌଣସି ସମ୍ପର୍କ ନାହିଁ। ସେ କୌଣସି ବୋମା ବିସ୍ଫୋରଣ କରିନାହାଁନ୍ତି। ସେ ଦେଶରେ କୌଣସି ଦେଶ ବିରୋଧୀ କାର୍ଯ୍ୟ କରିନାହାଁନ୍ତି। ଯାହାଙ୍କ ସହ ମୋର ନାମ ଯୋଡ଼ା ଯାଉଛି ସେ କେବେ ବି ବୋମା ବିସ୍ଫୋରଣ କରିନାହାଁନ୍ତି। ମୁଁ ମୋ ଜୀବନରେ ଦାଉଦଙ୍କୁ କେବେ ଭେଟି ନାହିଁ।' ତେବେ ଅଭିନେତ୍ରୀଙ୍କ ଏହି ମନ୍ତବ୍ୟରେ ପ୍ରଶ୍ନ ଆସୁଛି ଯେ ଯଦି ମମତା ଦାଉଦଙ୍କୁ କେବେ ଭେଟିନାହାନ୍ତି ତାହେଲେ ସେ ବୋମା ବିସ୍ଫୋରଣ କରିନାହାନ୍ତି ବୋଲି କେମିତି ଜାଣିଲେ !

ଅଭିନୟରୁ ଅବସର ନେବା ପୂର୍ବରୁ ମମତା କୁଲକର୍ଣ୍ଣି ଶେଷ ଥର ପାଇଁ ୨୦୦୨ ମସିହାରେ ନିର୍ମିତ ଚଳଚ୍ଚିତ୍ର 'କଭି ତୁମ୍ କଭି ହମ୍' ରେ ସିଲଭର୍ ସ୍କ୍ରିନରେ ନଜର ଆସିଥିଲେ। ଭାରତୀୟ ସିନେମାର ଏକଦା ଲୋକପ୍ରିୟ ଚେହେରା ଥିବା ମମତା ୨୦୦୦ କୋଟି ଟଙ୍କାର ଡ୍ରଗ୍ସ ଚାଲାଣ ମାମଲାରେ ସମ୍ପୃକ୍ତି ଏବଂ ଡ୍ରଗ୍ସ ଲର୍ଡ ଭିକି ଗୋସ୍ୱାମୀଙ୍କ ସହିତ ବିବାହ ଗୁଜବ ପରେ ଦେଶ ଛାଡ଼ି ପଳାଇଥିଲେ। ଏହି ମାମଲାରୁ ବାହାରିବା ପରେ ଅଭିନେତ୍ରୀ ୨୫ ବର୍ଷ ପରେ ୨୦୨୪ ଶେଷ ଭାଗରେ ଭାରତ ଫେରି ଆସିଥିଲେ।

# ଆଧୁନିକ ଗଣତନ୍ତ୍ରରେ ଲୁଟ୍



ଡକ୍ଟର ଲକ୍ଷ୍ମଣ ସାହୁ



ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ନିଷ୍ପତ୍ତିଗୁଡ଼ିକ ତାଙ୍କର ଅମଲାତନ୍ତ୍ର ଯୋଗୁଁ ହୋଇଛି। ଯାହା ଯୋଗ୍ୟତା ଅପେକ୍ଷା ରାଜନୈତିକ କ୍ଷମତାକୁ ପ୍ରାଥମିକତା ଦିଏ। ଦେଖିବାକୁ ଗଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ନିଷ୍ପତ୍ତି ପ୍ରତିଦିନ ସାରା ବିଶ୍ୱରେ ନୂତନ ଅସ୍ଥିରତା ସୃଷ୍ଟି କରୁଛି। ଏହି ଅସ୍ଥିରତାର କିଛି ଅଂଶ ଆମେରିକୀୟ ଅମଲାତନ୍ତ୍ର ସହିତ ମଧ୍ୟ ଜଡିତ। ଆମେରିକା, ମେକ୍ସିକୋ ଓ ବ୍ରାଜିଲ ଭଳି ଦେଶରେ ଲୁଟ ବ୍ୟବସ୍ଥା ପ୍ରଚଳିତ। ଶାସନ ମଣ୍ଡଳରେ ଏହାକୁ "ଲୁଣ୍ଠନ-ଆଧାରିତ ପଦବୀ ବଣ୍ଟନ ବ୍ୟବସ୍ଥା" ଭାବରେ ମଧ୍ୟ ଜଣାଶୁଣା।

ଏହାର ଅର୍ଥ ହେଉଛି ଯେତେବେଳେ କୌଣସି ଦଳ କିମ୍ବା ନେତା କ୍ଷମତାକୁ ଆସେ, ସେମାନଙ୍କର ସମର୍ଥକ, କର୍ମୀ ଓ ବିଶ୍ୱସ୍ତମାନେ ସରକାରୀ ପଦବୀ, ଚାକିରି ଏପରିକି ନିଯୁକ୍ତିରେ ପ୍ରାଥମିକତା ପାଆନ୍ତି। ଯୋଗ୍ୟତା ଅପେକ୍ଷା ରାଜନୈତିକ ବିଶ୍ୱସ୍ତତାକୁ ପ୍ରାଥମିକତା ଦିଆଯାଏ। ବିପରୀତରେ, ଭାରତ, ଜର୍ମାନୀ, ଜାପାନ ଓ କାନାଡା ଭଳି ଦେଶରେ ସ୍ଥାୟୀ ନାଗରିକ ସେବା ବ୍ୟବସ୍ଥା ଅଛି, ଯାହା ନୀତି ନିରନ୍ତରତା ସୁନିଶ୍ଚିତ କରିବାରେ ସାହାଯ୍ୟ କରେ। ଆଧୁନିକ ଗଣତନ୍ତ୍ରରେ ଲୁଟ ବ୍ୟବସ୍ଥାକୁ ସଂସ୍ଥାଗତ କରାଯାଇଛି।

ଯୁକ୍ତରାଷ୍ଟ୍ର ଏହି ବ୍ୟବସ୍ଥା ପ୍ରଚଳନ କରିବାରେ ପ୍ରଥମ ଦେଶ ଥିଲା। ରାଷ୍ଟ୍ରପତି ଆଣ୍ଡ୍ରୁ ଜ୍ୟାକସନ ୧୮୨୯ ରୁ ୧୮୩୭ ମଧ୍ୟରେ ଏହାକୁ ପ୍ରୋତ୍ସାହିତ କରିଥିଲେ। ଜ୍ୟାକସନ ଓ ତାଙ୍କ ସମର୍ଥକମାନେ ଯୁକ୍ତି ଦେଇଥିଲେ ଯେ ସରକାରୀ ପଦବୀଗୁଡ଼ିକ ଏକକ, ସ୍ଥିର ଶ୍ରେଣୀ ଦ୍ୱାରା ଏକାଧିକାରୀ ହେବା ଉଚିତ୍ ନୁହେଁ , ବରଂ ନିରନ୍ତର ପରିବର୍ତ୍ତନ ହେବା ଉଚିତ୍। ଏପରି ବ୍ୟବସ୍ଥା ଅଦକ୍ଷତା, ଦୁର୍ନୀତି ଓ ପ୍ରଶାସନିକ ଅସ୍ଥିରତାକୁ ପ୍ରୋତ୍ସାହିତ କରିଥିଲା। ଯାହା ଫଳରେ ସଂସ୍କାର ପାଇଁ ଦାବି ମଧ୍ୟ ଉଠିବାରେ ଲାଗିଥିଲା।

୧୮୮୧ ମସିହାରେ ରାଷ୍ଟ୍ରପତି ଜେମ୍ସ ଏ. ଗାରଫିଲ୍ଡଙ୍କ ହତ୍ୟା ପରେ ଆମେରିକା କଂଗ୍ରେସ ପେଣ୍ଡଲଟନ୍ ସିଭିଲ୍ ସର୍ଭିସ୍ ରିଫର୍ମ ଆକ୍ଟ ପାସ୍ କରିଥିଲା। ଏହାର କାର୍ଯ୍ୟାନ୍ୱୟନ ଦ୍ୱାରା ପ୍ରତିଯୋଗିତାମୂଳକ ପରୀକ୍ଷା, କାର୍ଯ୍ୟକାଳ ସୁରକ୍ଷା ଏବଂ ଅନେକ ଫେଡେରାଲ୍ ପଦବୀ ପାଇଁ ଯୋଗ୍ୟତା-ଭିତ୍ତିକ ନିଯୁକ୍ତି ପ୍ରତିଷ୍ଠା ହୋଇଥିଲା। ତଥାପି କେବଳ କିଛି କ୍ଲାରିକାଲ୍ ଓ ବୈଷୟିକ ଚାକିରି ଏହି ଯୋଗ୍ୟତା-ଭିତ୍ତିକ ବ୍ୟବସ୍ଥା ମଧ୍ୟରେ ପଡ଼ିଥିଲା। ଯେତେବେଳେ ବରିଷ୍ଠ ପଦବୀ ରାଜନୈତିକ ପକ୍ଷପାତିତାର ଅଧୀନରେ ରହିଥିଲା। ଆଜି ମଧ୍ୟ ବୈଦେଶିକ ବ୍ୟାପାର, ପ୍ରତିରକ୍ଷା, ନ୍ୟାୟ, ଗୃହ ସୁରକ୍ଷା, ଅର୍ଥ ଓ ଅନେକ ନିୟାମକ ସଂସ୍ଥାର ଶୀର୍ଷ ପଦବୀ ରାଜନୈତିକ ଭାବରେ ନିଯୁକ୍ତି ରହିଛି। ସବୁଠାରୁ ବଡ଼ କଥା କ୍ୟାବିନେଟ ସଚିବଙ୍କଠାରୁ ରାଷ୍ଟ୍ରଦୂତ ପର୍ଯ୍ୟନ୍ତ ପ୍ରାୟ ୪,୦୦୦ ପ୍ରମୁଖ ପଦବୀରେ ନିଯୁକ୍ତି ରାଷ୍ଟ୍ରପତି ସ୍ଥିର କରନ୍ତି।

ତେଣୁ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ବୁଝିହେବ। ଗତ ମାସରେ, ଟ୍ରମ୍ପ ହଠାତ୍ ଏଚବିଭି ଭିସା ନିୟନ୍ତ୍ରଣ ନିୟମ ପରିବର୍ତ୍ତନ କରିଥିଲେ। ଏପରି ନିଷ୍ପତ୍ତି ସାଧାରଣତଃ ଏକ ପ୍ରତିଷ୍ଠିତ ପ୍ରକ୍ରିୟା ଓ ବ୍ୟାପକ ପରାମର୍ଶ ପରେ ନିଆଯାଇଥାଏ। ଯେଉଁଥିରେ ବିଭିନ୍ନ ଅଂଶୀଦାର, ଆଇନଗତ ସମୀକ୍ଷା ଓ ସମ୍ପୃକ୍ତ ବିଭାଗ ସହିତ ସମନ୍ୱୟ ଅନ୍ତର୍ଭୁକ୍ତ ହୋଇଥାଏ। ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତି ଆବଶ୍ୟକୀୟ ପ୍ରକ୍ରିୟାଗୁଡ଼ିକୁ ଅଣଦେଖା କରିଥିବା ପରି ମନେ ହେଉଥିଲା। ଏହା ଏତେ ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ସୃଷ୍ଟି କରିଥିଲା ଯେ ମାଇକ୍ରୋସଫ୍ଟ ଓ ଆମାଜନ ଭଳି ପ୍ରମୁଖ କମ୍ପାନୀଗୁଡ଼ିକୁ ଶୀଘ୍ର ସେମାନଙ୍କର ଏଚବିଭି (HBV) ଭିସା ଧାରକମାନଙ୍କୁ ଆମେରିକା ଛାଡିବା କିମ୍ବା ଯଥାଶୀଘ୍ର ଫେରି ଆସିବାକୁ ନିର୍ଦ୍ଦେଶ ଜାରି କରିବାକୁ ପଡିଲା। ସରକାରୀ ଅଧିକାରୀଙ୍କ ବିରୋଧାଭାସୀ ବୟାନ ପରିସ୍ଥିତିକୁ ଆହୁରି ଜଟିଳ କରିଥିଲା। ଉଦାହରଣ ସ୍ୱରୂପ, ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ କହିଥିଲେ ଯେ ଏହି ଫି ବାର୍ଷିକ ନିଆଯିବ, ଯାହା ପରେ ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିଥିଲା ଯେ ଏହା କେବଳ ନୂତନ ଆବେଦନକାରୀଙ୍କ ପାଇଁ ଏକକାଳୀନ ଫି ହେବ। ସ୍ପଷ୍ଟ ଭାବରେ କହିଲେ ମାନକ ପ୍ରକ୍ରିୟା ଅନୁସରଣ କରାଯାଇ ନଥିଲା। ଯେହେତୁ ଲୁଟ ବ୍ୟବସ୍ଥା ଅଧୀନରେ କରାଯାଇଥିବା ନିଯୁକ୍ତିଗୁଡ଼ିକ କେବଳ ରାଷ୍ଟ୍ରପତିଙ୍କ ଖୁସି ସମୟରେ ପ୍ରଭାବଶାଳୀ ହୋଇଥାଏ। ତେଣୁ ସେମାନେ କଳା ହଂସ ନିଷ୍ପତ୍ତିକୁ ସମର୍ଥନ କରିବାର ସମ୍ଭାବନା ଅଧିକ ଥାଏ, ଯାହା ଦ୍ୱାରା ଅଧିକାରୀମାନେ ସମସ୍ତ ପରିସ୍ଥିତିରେ ସେମାନଙ୍କ ପଦବୀରେ ରହିପାରିବେ।

ସ୍ପଷ୍ଟ ଭାବରେ ଦେଖିଲେ ଏହି ବ୍ୟବସ୍ଥା ହଠାତ୍ ନିଷ୍ପତ୍ତି ଓ ଦ୍ରୁତ ନୀତି ପରିବର୍ତ୍ତନକୁ ସୁରକ୍ଷା ଦିଏ। ବିପରୀତରେ ଏକ ସମ୍ପୂର୍ଣ୍ଣ ଯୋଗ୍ୟତା-ଭିତ୍ତିକ କିମ୍ବା ସ୍ଥାୟୀ ଅମଲାତନ୍ତ୍ରରେ, ବୃତ୍ତିଗତ ପ୍ରଶାସକମାନେ ରାଜନୈତିକ ଦୃଶ୍ୟପଟ ମଧ୍ୟରେ ନୀତି ନିରନ୍ତରତା ଓ ସ୍ଥିରତା ସୁନିଶ୍ଚିତ କରନ୍ତି। ଲୁଟ ବ୍ୟବସ୍ଥାର ଆହୁରି ଅସୁବିଧା ଅଛି। ଅଧିକାରୀମାନେ ଦୀର୍ଘକାଳୀନ ସ୍ୱାର୍ଥ ଅପେକ୍ଷା ନିଜର କ୍ଷଣସ୍ଥାୟୀ ସ୍ୱାର୍ଥ ହାସଲ କରିବାକୁ ପ୍ରବୃତ୍ତ ହୋଇପାରନ୍ତି। ଏହି ବ୍ୟବସ୍ଥାର ଗୋଟିଏ ସୁବିଧା ହେଉଛି ଯେ ଏହା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ ଅନୁମତି ଦିଏ ଓ ଲାଲ ଫିତାପ ଯୋଗୁଁ ବିଳମ୍ବକୁ ହ୍ରାସ କରେ। ମେକ୍ସିକୋ, ଫିଲିପାଇନ୍ସ ତଥା ଇଣ୍ଡୋନେସିଆରେ ଗବେଷଣା ସୂଚିତ କରେ ଯେ ଏପରି ବ୍ୟବସ୍ଥାଗୁଡ଼ିକ ପରିବାରବାଦ, ପକ୍ଷପାତିତା ଓ ସାଧାରଣ ପାଣ୍ଠିର ଅପବ୍ୟବହାର ପାଇଁ ଅଧିକ ପ୍ରବଣ। ବିପରୀତରେ ମାନକ ନିଯୁକ୍ତି ଓ ଦାୟିତ୍ୱ ବ୍ୟବସ୍ଥା ସହିତ ଯୋଗ୍ୟତା-ଭିତ୍ତିକ ଅମଲାତନ୍ତ୍ରଗୁଡ଼ିକ ସରକାରଙ୍କ ଉଦୟକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ଅଧିକ ରହେ।

ଏହି ଆଧାରିତ ବ୍ୟବସ୍ଥା ବିପଦଗୁଡ଼ିକୁ ହ୍ରାସ କରିଥାଏ। ଏସବୁ କାରଣରୁ ଭାରତର ପ୍ରତିଷ୍ଠାତା ପିତାମାନେ ପକ୍ଷପାତ ଓ ପକ୍ଷପାତିତା ମୁକ୍ତ ଏକ ଯୋଗ୍ୟତା-ଭିତ୍ତିକ ନାଗରିକ ସେବାର ଗୁରୁତ୍ୱକୁ ସ୍ୱୀକାର କରିଥିଲେ। ସେମାନେ ସମ୍ବିଧାନରେ ଏହାର ନିରପେକ୍ଷତାକୁ ସ୍ଥିର କରିଥିଲେ। ଲୋକସେବା ଆୟୋଗଗୁଡ଼ିକୁ ଏକ ନିରପେକ୍ଷ ଭାବେ ପ୍ରୟୋଗ କରିବାକୁ ବାଧ୍ୟତା ଦିଆଯାଇଛି।

ଏହାକୁ ବୃତ୍ତିଗତ ଅମଲାତନ୍ତ୍ରର ଆଗମନକାରୀ ଭାବରେ ପ୍ରତିଷ୍ଠା କରିବା ସହିତ ରାଜନୈତିକ ହସ୍ତକ୍ଷେପରୁ ଏହାକୁ କ୍ରମାଗତ ଭାବରେ ପୃଥକ କଲେ। ଯଦିଓ ଏକ ଯୋଗ୍ୟତା-ଭିତ୍ତିକ ଅମଲାତନ୍ତ୍ର ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଅପ୍ରତ୍ୟାଶିତ ନିଷ୍ପତ୍ତି ପ୍ରତି ମୁକ୍ତ ନୁହେଁ, ଏହା ଏପରି ବିଫଳତା ପ୍ରତି କମ୍ ସମ୍ବେଦନଶୀଳ। ଏକ ଲୁଟ୍ ବ୍ୟବସ୍ଥା ପରି ନୁହେଁ, ଏହା ସାଂସ୍ଥାଗତ ମାନଦଣ୍ଡ, ବିଶେଷଜ୍ଞତା ଓ ପ୍ରକ୍ରିୟାଗତ ପ୍ରକ୍ରିୟାଗୁଡ଼ିକୁ କଡ଼ାକଡ଼ି ପାଳନ କରେ। ଏହି ପରିପ୍ରେକ୍ଷୀରେ ଭାରତ ଏକ ବୃତ୍ତିଗତ ତଥା ସ୍ଥିର ନାଗରିକ ସେବା ବ୍ୟବସ୍ଥା ପାଇବା ପାଇଁ ଭାଗ୍ୟବାନ। ଯଦିଓ କୌଣସି ବ୍ୟବସ୍ଥା ସମ୍ପୂର୍ଣ୍ଣ କିମ୍ବା ନିର୍ବୋଧ ନୁହେଁ, ତଥାପି ନିରନ୍ତରତା ଭାବନା ସହିତ ଅନ୍ତର୍ନିହିତ ତଦାରଖ ଓ ନିୟନ୍ତ୍ରଣ ଏହାକୁ ଏକ ଭଲ ଫିଟ୍ କରିଥାଏ । କାରଣ ଏହା ଦୀର୍ଘକାଳୀନ ଭାବରେ ଦେଶକୁ ବହୁତ କ୍ଷତି ପହଞ୍ଚାଉଥିବା ବାଧାଗୁଡ଼ିକୁ ରୋକିବାରେ ସାହାଯ୍ୟ କରେ। ବାସ୍ତବରେ ଉପସଂହାରରେ କେବଳ ଏତିକି ସୂଚେଇ ଦେବା ସାରହେବ ଶାନ୍ତିପୂର୍ଣ୍ଣ ସମୟରେ ସ୍ପଏଲସ୍ ସିଷ୍ଟମ୍ ଉପଯୋଗୀ ହୋଇପାରେ, କିନ୍ତୁ ରାଜନୈତିକ ବିପ୍ଳବ ସମୟରେ ଏହା କେବଳ ବିଫଳ ହୁଏ ନାହିଁ , ବରଂ ବିଶୃଙ୍ଖଳା ଓ ଦୀର୍ଘକାଳୀନ କ୍ଷତି ପାଇଁ ଏକ ଉତ୍ପ୍ରେରକ ମଧ୍ୟ ହୁଏ...!!!

ତାରାନିଳୟ, ପ୍ଲଟ:୮୫୪, ମୁକୁନ୍ଦ ପ୍ରସାଦ
ଖୋର୍ଦ୍ଧା-୫୫, ମୋବାଇଲ୍: ୯୦୪୦୧୫୧୪୭୫

# ମଧୁମେହ ଏବଂ କଲ୍ୟାଣ

ଦେବହରି ରେଡ଼ି



ମଧୁମେହ ଏକ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା। ଗାଁଠୁ ଆରମ୍ଭ କରି ବଡ଼ ବଡ଼ ସହରରେ ଅନେକ ବ୍ୟକ୍ତି ଏହି ସ୍ୱାସ୍ଥ୍ୟ ସମସ୍ୟା ରେ ସମ୍ମୁଖୀନ ହେଉଛନ୍ତି। ଏହି ମଧୁମେହ ଫଳରେ ଜୀବନ ଯିବା ସହ ଜୀବନ ସାରା ଯନ୍ତ୍ରଣା ଭୋଗିବାକୁ ପଡେ।ମଧୁମେହ ଦ୍ୱାରା ଦୃଷ୍ଟିଶକ୍ତି ହାନି (ମଧୁମେହ ଜନିତ ରେଟିନୋପାଥି), ବୃକକ ଧିରେ ଧିରେ କ୍ଷତିଗ୍ରସ୍ତ ହୋଇ କାର୍ଯ୍ୟଦକ୍ଷତା କମିଯାଏ।, ସ୍ନାୟୁରୋଗ, ହୃଦରୋଗ ଭଳି ଦୀର୍ଘସ୍ଥାୟୀ ରୋଗ ସହ ଯକ୍ଷ୍ମା ଭଳି ମାରାତ୍ମକ ରୋଗ ମଧ୍ୟ ହେବା ସମ୍ଭାବନା ଅଛି। ଏହା ସହ ଶରୀରରେ ଯେକୌଣସି ସଂକ୍ରମଣ ଅଧିକ ଦିନ ଧରି ଭଲ ନହେଇ ଯନ୍ତ୍ରଣା ଦାୟକ ହୁଏ। ଯଦିଓ ଏହା ଏକ ଜୀବନ ଶୈଳୀ ପରିବର୍ତ୍ତନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ଅଧିକାଂଶ ଲୋକ ଏହି ସୁବିଧାବାଦୀ ସ୍ୱାସ୍ଥ୍ୟ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇ.ସି.ଏମ.ଆର୍) ୨୦୨୩ ସର୍ବେକ୍ଷଣ ଅନୁସାରେ ଭାରତର ପାଖାପାଖି ଦଶ କୋଟିରୁ ଉର୍ଦ୍ଧ୍ୱ ଲୋକ ଅର୍ଥାତ ୧୧.୪ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ ହେବା ବେଳେ ୧୩.୬ ଲକ୍ଷ ଯୁବକଯୁବତୀ ମଧୁମେହର ପୂର୍ବାବସ୍ଥା ବା ଦ୍ୱାରଦେଶରେ ଅଛନ୍ତି। ସେହି ପରି ଓଡ଼ିଶାରେ ୬.୮ପ୍ରତିଶତ ଲୋକଙ୍କ ପାଖରେ ମଧୁମେହ ଭଳି ସ୍ୱାସ୍ଥ୍ୟ ସମସ୍ୟା ରହିଛି। ମଧୁମେହ କେବଳ ଦୀର୍ଘସ୍ଥାୟୀ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ଏହା ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ବୃହତ୍ ବାଧା ସୃଷ୍ଟି କରିଥାଏ। ମଧୁମେହ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଏହି ରୋଗର ନିୟନ୍ତ୍ରଣ, ପ୍ରତିରୋଧ ଓ ଚିକିତ୍ସା ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଅନ୍ତଃରାଷ୍ଟ୍ରୀୟ ମଧୁମେହ ମହାସଂଘ (ଆଇଡିଏଫ୍) ଦ୍ୱାରା ୧୯୯୧ ମସିହାରୁ ପ୍ରତ୍ୟେକ ବର୍ଷ ନଭେମ୍ବର ୧୪ କୁ ବିଶ୍ୱ ମଧୁମେହ ଦିବସ ରୂପେ ପାଳନ କରାଯାଏ। ୨୦୨୫ ବର୍ଷ ପାଇଁ ବିଶ୍ୱ ମଧୁମେହ ଦିବସ ବିଷୟବସ୍ତୁ ରହିଛି 'ମଧୁମେହ ଓ କଲ୍ୟାଣ'।

ବିଷୟବସ୍ତୁ ଅନୁସାରେ 'ମଧୁମେହ ଓ କଲ୍ୟାଣ'ର ଅର୍ଥ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ଓ ସାମାଜିକ ସ୍ୱାସ୍ଥ୍ୟର କଲ୍ୟାଣ ଓ ସୁସ୍ଥ ଅବସ୍ଥା ମାନେ କେବଳ ଯେ ସ୍ୱାସ୍ଥ୍ୟର ଭଲ ଅବସ୍ଥାକୁ ବୁଝେନା ବରଂ ସ୍ୱାସ୍ଥ୍ୟ ସହ ମାନସିକ ଓ ସାମାଜିକ ସୁସ୍ଥ ଅବସ୍ଥାକୁ ବୁଝାଏ। ଅର୍ଥାତ୍ ମଧୁମେହ ନିୟନ୍ତ୍ରଣରେ ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ମଧ୍ୟ ସଠିକ୍ ରହିବାର ଗୁରୁତ୍ୱ ରହିଛି। ଏହି ବର୍ଷ ମଧୁମେହ ଏବଂ କଲ୍ୟାଣ ବିଷୟବସ୍ତୁରେ କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ଓ ସାମାଜିକ ଜୀବନଶୈଳୀରେ ସଚେତନତା ଓ ମଧୁମେହ ବ୍ୟକ୍ତି କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ପକ୍ଷପାତିତା, ଅପବାଦକୁ କିଭଳି ଦୂର କରିହେବ ତାହା କେନ୍ଦ୍ରିତ କରାଯାଇଛି।

ମଧୁମେହ ବିଷୟରେ ଅଧିକ ଜାଣିବା ହିଁ ମଧୁମେହ ନିୟନ୍ତ୍ରଣ ଓ ପ୍ରତିକାର ପାଇଁ ଉପଯୁକ୍ତ ପଦକ୍ଷେପ ହେବ। ସାଧାରଣତଃ ମଧୁମେହ ତିନି ପ୍ରକାର ଦେଖାଯାଏ ଯାହାକି ସ୍ୱାସ୍ଥ୍ୟ ବିଜ୍ଞାନରେ ମଧୁମେହ ଟାଇପ୍ ୧, ମଧୁମେହ ଟାଇପ୍ ୨ ଓ ଗର୍ଭାବଧୀ ମଧୁମେହ। ମଧୁମେହ ଟାଇପ୍ ୧ ଏକ ପ୍ରକାର ସ୍ୱ-ପ୍ରତିରକ୍ଷିତ ସ୍ୱାସ୍ଥ୍ୟ ସମସ୍ୟା ଯାହାକି ଅଗ୍ନେଶୟରେ ଇନସୁ୍ୟଲିନ୍ ନାମକ ଜୀବରସ କ୍ଷରଣ କରୁଥିବା କୋଷକୁ ଶରୀର ସ୍ୱଂୟ ଭାବେ ଆକ୍ରମଣ ଓ ନଷ୍ଟ କରିଦିଏ ଫଳସ୍ୱରୁପ କମ୍ ମାତ୍ରା କିମ୍ବା ଜମାରୁ ଇନସୁ୍ୟଲିନ୍ କ୍ଷରଣ ହୁଏ ନାହିଁ। ଏହି ଭଳି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ କେବଳ ବାହାରୁ ଇନସୁ୍ୟଲିନ୍ ଚିକିତ୍ସା କରାଯାଏ। ତେଣୁ ଏହାକୁ ଇନସୁ୍ୟଲିନ୍ ନିର୍ଭରଶୀଳ ମଧୁମେହ ମଧ୍ୟ କୁହାଯାଏ। ଅନ୍ୟ ଏକ ପ୍ରକାର ମଧୁମେହ ଯାହାକି ମଧୁମେହ ପ୍ରକାର ୨ ବୋଲି କୁହାଯାଏ। ଏହି କ୍ଷେତ୍ରରେ ଶରୀରରେ ଇନସୁ୍ୟଲିନ୍ କ୍ଷରଣ ହୁଏ କିନ୍ତୁ ଅଳ୍ପ ପରିମାଣ ରେ ହୁଏ କିମ୍ବା ଇନସୁ୍ୟଲିନ୍ କୁ ଶରୀର ବ୍ୟବହାର କରିପାରେ ନାହିଁ ଫଳରେ ରକ୍ତରେ ଶର୍କରା ପରିମାଣ ବୃଦ୍ଧି ପାଏ। ଗର୍ଭାବଧୀ ମଧୁମେହ ଯାହାକି ଗର୍ଭାବସ୍ଥାରେ ମହିଳାଙ୍କ କ୍ଷେତ୍ରରେ ଦେଖାଯାଏ। ଫଳରେ ଉଭୟ ଗର୍ଭବତୀ ମାଆ ଓ ଶିଶୁ ପ୍ରତି ବିପଦ ରହିଥାଏ। ଏହି ସମସ୍ତ ପ୍ରକାର ମଧୁମେହରେ ଅତ୍ୟଧିକ ଭୋକ, ଅତ୍ୟଧିକ ପରିସ୍ରା, ଅତ୍ୟଧିକ ଶୋଷ, ଆଖି ଝାପସା ଦେଖାଯିବା, ଦୁର୍ବଳ ଅନୁଭବ, ପାଦ ଜଳାପୋଡା, ଝିମିଝିମି ହେବା, ବାରମ୍ବାର ପରିସ୍ରାଦ୍ୱାର ସଂକ୍ରମଣ ହେବା, ଘା ଜଲଦି ନସୁଖିବା ଭଳି ଲକ୍ଷଣ ପ୍ରକାଶ ପାଇଥାଏ ଏବଂ କିଛି କ୍ଷେତ୍ରରେ କୌଣସି ଲକ୍ଷଣ ମଧ୍ୟ ପ୍ରକାଶ ପାଇନଥାଏ। ତେଣୁ ସମସ୍ତେ ତିରିଶି ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ପ୍ରତି ବର୍ଷ ରକ୍ତ ଶର୍କରା ପରୀକ୍ଷା କରିବା ଉଚିତ୍। ମୁଖ୍ୟତଃ ଖାଲି ପେଟ ଓ ଖାଇବା ଦୁଇ ଘଣ୍ଟା ପରେ ରକ୍ତ ଶର୍କରା ପରୀକ୍ଷା କଲେ ମଧୁମେହର ଅବସ୍ଥା ଜାଣିହୁଏ। ଯଦି ଖାଲି ପେଟ ରେ ରକ୍ତ ଶର୍କରା ପରିମାଣ ୭୦-୧୧୦ ମିଲିଗ୍ରାମ୍/ଡେସି ଲିଟର ଓ ଖାଇବା ଦୁଇ ଘଣ୍ଟା ପରେ ୭୦-୧୫୦ମିଲିଗ୍ରାମ୍ /ଡେସି ଲିଟର ମଧ୍ୟରେ ରହିଲେ ତାହା ସ୍ୱାଭାବିକ ଅବସ୍ଥା କୁହାଯାଏ। ଯଦି ଖାଲିପେଟ ରେ ୧୨୬ କିମ୍ବା ଉର୍ଦ୍ଧ୍ୱ କିମ୍ବା ଖାଇଲା ପରେ ୨୦୦ ଏମ.ଜି/ଡି ଏଲ୍ ରୁ ଉର୍ଦ୍ଧ୍ୱ ରୁହେ ତେବେ ସେ ମଧୁମେହ ଭଳି ସ୍ୱାସ୍ଥ୍ୟ ସମସ୍ୟା ରେ ସମ୍ମୁଖୀନ ହେଉଛନ୍ତି। ତାଙ୍କୁ ଚିକିତ୍ସା ଆବଶ୍ୟକ ପଡେ।

ଆବଶ୍ୟକ ଚିକିତ୍ସାରେ କେବଳ ଯେ ଔଷଧ ସେବନ କଲେ ରୋଗ ନିୟନ୍ତ୍ରଣ ହୁଏ ତାହା ନୁହେଁ ଔଷଧ ସେବନ ସହ ଖାଦ୍ୟଶୈଳୀ ଓ ଜୀବନଚର୍ଯ୍ୟାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମଧୁମେହ ନିୟନ୍ତ୍ରଣ ପାଇଁ ନିୟମିତ ଔଷଧ ସେବନ ସାଙ୍ଗକୁ ସନ୍ତୁଳିତ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସ, ଦୈନନ୍ଦିନ ଶାରୀରିକ ପରିଶ୍ରମ, ମାନସିକ ଚାପରୁ ମୁକ୍ତ ରହିଲେ ଅତି ଶୀଘ୍ର ନିୟନ୍ତ୍ରଣାଧୀନ ହୁଏ। ତେଣୁ ମଧୁମେହ ନିୟନ୍ତ୍ରଣରେ ରୋଗୀ ଓ ରୋଗୀଙ୍କ ପରିବାର ବର୍ଗଙ୍କ ଭୂମିକା ଶତକଡା ଅଶୀ ଭାଗ ରହିଛି।

**ସ୍ୱାସ୍ଥ୍ୟ ପରାମର୍ଶ ଦାତା, ଉପଖଣ୍ଡ ଚିକିତ୍ସାଳୟ ଛତ୍ରପୁର**
**ମୋବାଇଲ୍: ୯୪୩୭୨୫୩୩୩୨**

# ଶହୀଦ ସଂଗ୍ରାମୀ-ଜୟୀ ରାଜଗୁରୁ

ଅକ୍ଷୟ କୁମାର ରାଉତ

ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡ଼ିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହାସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଜଶ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡ଼ା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡ଼ା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡ଼ିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧ୍ୟକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡ଼ିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦, ୦୦୦ ପଠାଇଥିଲେ।

କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡ଼ିଶା ଆସିଲେ। ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ। କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡ଼ିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।



ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେଣ୍ଟ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଧଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉନଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ। ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡ଼ା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୁତୟନ କଲେ। ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ। ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ। ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ। ରାଜାଙ୍କା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ। କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ। ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ। ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡ଼ା ଅଭିମୁଖେ ଯାତ୍ରା କଲେ। ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ। ମେଜର ଫ୍ଲେଚର ନୟାଗଡ଼, ଖଣ୍ଡପଡ଼ା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ। କର୍ଣ୍ଣେଲ ହାର୍‌କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୁଖେ ଯାତ୍ରା କଲେ। ଶୁଣାଯାଏ ଖୋର୍ଦ୍ଧାଗଡ଼ର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ। କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ। କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ। ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ। ଇଂରେଜମାନେ ଗଡ଼କୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ। ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ। ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା। ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଲାଇ ଆଣିପାରିଲେ ନାହିଁ ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା। ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡ଼ର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧା ଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ। ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ।

କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ। କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି। ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ। ତାପରେ କର୍ଣ୍ଣେଲ ହାର୍‌କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା। ମେଦିନୀପୁରସ୍ଥିତ ବାଳିଚୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା। ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ।

**ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର**
**ମୋବାଇଲ୍: ୯୯୩୭୬୯୧୪୭୫**

# କମ୍ୟୁନିକେସନ୍ ସାଟେଲାଇଟ୍ ଉତ୍କ୍ଷେପଣ ଆଜି



ନୂଆଦିଲ୍ଲୀ,୧।୧୧: ରବିବାର ଇସ୍ରୋର ବଡ଼ ଧମାକା ଦେଖିବାକୁ ମିଳିବ। କମ୍ୟୁନିକେସନ୍ ସାଟେଲାଇଟ୍ ସିଏମଏସ-୦୩ ଉତକ୍ଷେପଣ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପକ୍ଷରୁ ଆଜି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମିଶନ୍ ପାଇଁ ପ୍ରସ୍ତୁତି ସରିଛି। ଦେଶର ସବୁଠୁ ଶକ୍ତିଶାଳୀ ରକେଟ୍ ଏଲଭିଏମ୩-ଏମ୫ ମାଧ୍ୟମରେ ସିଏମଏସ-୦୩ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ଉପଗ୍ରହକୁ ମହାକାଶକୁ ପଠାଯିବ। ଏଥିପାଇଁ ସମସ୍ତ ଯାଞ୍ଚ ଓ ଇନ୍ଧନ ଭର୍ତ୍ତି କାର୍ଯ୍ୟ ସରିଛି। ସବୁ ବ୍ୟବସ୍ଥା ଠିକ୍ ଥିବା ଇସ୍ରୋ ପକ୍ଷରୁ ସୂଚନା ମିଳିଛି। ଏହି ଉତକ୍ଷେପଣ ରବିବାର ସନ୍ଧ୍ୟା ୫ଟା ୨୬ ମିନିଟରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ହେବ। ସିଏମଏସ-୦୩ (ଜିଏସଏଟି-୭ଆର) ଉପଗ୍ରହର ଓଜନ ପ୍ରାୟ ୪,୪୧୦ କିଲୋଗ୍ରାମ। ଭାରତୀୟ ମାଟିରୁ ଜିଓସିଙ୍କ୍ରୋନସ୍ ଟ୍ରାନ୍ସଫର କକ୍ଷପଥକୁ ଯାଉଥିବା ଏହା ହେଉଛି ସବୁଠୁ ଓଜନିଆ ଯୋଗାଯୋଗ ସାଟେଲାଇଟ୍। ଏହି ଉପଗ୍ରହ ମୁଖ୍ୟତଃ ଭାରତୀୟ ନୌସେନା ପାଇଁ ନିର୍ମିତ। ଏହା ଜାହାଜ, ବୁଡ଼ାଜାହାଜ ଓ ବିମାନଗୁଡ଼ିକୁ ସୁରକ୍ଷିତ ତଥା ଉନ୍ନତ ଯୋଗାଯୋଗ ସେବା ଯୋଗାଇବ। ବିଶେଷକରି ସାମୁଦ୍ରିକ ଓ ରଣନୈତିକ ସଂଯୋଗ ବୃଦ୍ଧିରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଲଭିଏମ ୩ ମିଶନ୍ ରେ ବ୍ୟବହୃତ ହେଉଥିବା ଏଲଭିଏମ୩-ଏମ୫ ହେଉଛି ଭାରତର ସବୁଠୁ ଶକ୍ତିଶାଳୀ ରକେଟ୍ ଏବଂ ଏହାର ଏହା ପଞ୍ଚମ କାର୍ଯ୍ୟକ୍ଷମ ଉଡ଼ାଣ। ପୂର୍ବରୁ ଏହା ଚନ୍ଦ୍ରଯାନ-୩ ଭଳି ଗୁରୁତ୍ୱପୂର୍ଣ୍ଣ ମିଶନ୍ କୁ ସଫଳତାର ସହ ଅନ୍ତରୀକ୍ଷକୁ ନେଇଛି। ଏହି ମିଶନ୍ ଦ୍ୱାରା ଭାରତର ମହାକାଶ ଭିତ୍ତିକ ସାମରିକ ଓ ବେସାମରିକ ଯୋଗାଯୋଗ ବ୍ୟବସ୍ଥା ଆହୁରି ମଜଭୁତ ହେବ। ଏହା ସହିତ ଭବିଷ୍ୟତର ଗଗନଯାନ ମିଶନ୍ ପାଇଁ ମଧ୍ୟ ଏହା ଅତ୍ୟନ୍ତ ସହାୟକ ହେବ।

**ଇସ୍ରୋର ବଡ଼ ଧମାକା**

# ସୁଦାନରେ ରୋଗୀ ସମେତ ୪୬୦ ଲୋକଙ୍କୁ ହତ୍ୟା



ଖାର୍ତୌମ, ୧।୧୧: ସୁଦାନର ଅର୍ଦ୍ଧସାମରିକ ବାହିନୀ ସପ୍ତାହକ ମଧ୍ୟରେ ଉତ୍ତର ଡାର୍ଫୁର ପ୍ରାଦେଶିକ ରାଜଧାନୀ ଦଖଲ କରିବା ପରେ ରୋଗୀଙ୍କ ସମେତ ଶହ ଶହ ଲୋକଙ୍କୁ ଡାକ୍ତରଖାନାରେ ହତ୍ୟା କରିଥିବା ଜାତିସଂଘ କହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି ଯେ, ମଙ୍ଗଳବାର ଏଲ୍-ଫାଶେର ସହରର ରାପିଡ୍ ସପୋର୍ଟ ଫୋର୍ସର ଯୋଦ୍ଧାମାନେ ସାଉଦି ଡାକ୍ତରଖାନାରେ ୪୬୦ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ହତ୍ୟା କରିଥିବା ଜଣାଯାଇଛି। ପ୍ରତ୍ୟକ୍ଷଦର୍ଶୀମାନେ ଗଣମାଧ୍ୟମକୁ କହିଛନ୍ତି ଯେ, ଏଲ-ଫାଶେର ଉପରେ ଆକ୍ରମଣର ଏକ ଅଂଶ ଭାବରେ, ଆର୍‌ଏସ୍‌ଏଫ୍ ଯୋଦ୍ଧାମାନେ ମଧ୍ୟ ଘରକୁ ଘର ଯାଇ ମହିଳା ଓ ଶିଶୁଙ୍କ ସମେତ ଲୋକଙ୍କୁ ମାଡ଼ ମାରିଥିଲେ ଓ ଗୁଳି ଚଳାଇଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ , ରାସ୍ତାରେ ଗୁଳି ବାଜିବାରୁ ଅନେକ ଲୋକଙ୍କର ମୃତ୍ୟୁ ଘଟିଥିଲା, କେତେକ ସୁରକ୍ଷିତ ସ୍ଥାନକୁ ପଳାୟନ କରିବାକୁ ଚେଷ୍ଟା କରୁଥିବା ବେଳେ ମୃତ୍ୟୁବରଣ କରିଥିଲେ। ସୁଦାନକୁ ନିୟନ୍ତ୍ରଣ କରିବା ପାଇଁ ଦୁଇ ବର୍ଷର ଲଢ଼େଇରେ ୪୦,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ଏବଂ ୧ କୋଟି ୪୦ ଲକ୍ଷରୁ ଅଧିକ ବିସ୍ଥାପିତ ହୋଇଛନ୍ତି।

ଡାର୍ଫୁରର ଗଭର୍ଣ୍ଣର ମିନି ମିନାୱି ଅନ୍‌ଲାଇନ୍‌ରେ ଏକ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ଆର୍‌ଏସ୍‌ଏଫ୍ ଯୋଦ୍ଧାମାନେ ସାଉଦି ଡାକ୍ତରଖାନା ଭିତରେ ଗୁଳିମାଡ଼ କରୁଥିବା ଦେଖାଯାଉଛି। ଏକ ମିନିଟ୍‌ର ଫୁଟେଜରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନେକ ମୃତଦେହ ଚଟାଣରେ ପଡ଼ିଥିବା ଦେଖାଯାଇଛି। ଅନ୍ୟ ମୃତଦେହ ବାହାରେ ଦେଖିବାକୁ ମିଳିଥିଲା। ସେମାନଙ୍କ ଭିତରେ ଅଧିକାଂଶ ମହିଳା ଓ ଶିଶୁ ଥିଲେ। ଜାତିସଂଘର ସ୍ଥାନାନ୍ତର ଏଜେନ୍ସି କହିଛି ଯେ, ରବିବାରଠାରୁ ୩୬,୦୦୦ରୁ ଅଧିକ ଲୋକ ଏଲ-ଫାଶେର୍‌ରୁ ପଳାୟନ କରିଛନ୍ତି। ଏହି ଆକ୍ରମଣର ଫୁଟେଜ୍ ସମଗ୍ର ବିଶ୍ୱରେ ଅସନ୍ତୋଷର ଲହର ସୃଷ୍ଟି କରିଛି।

# ମହିଳା ପ୍ରାର୍ଥୀଙ୍କ ଉପରୁ ତୁଟୁଛି ଭରସା



- ବିହାର ନିର୍ବାଚନ ମଇଦାନରେ ହାତଗଣତି ମହିଳା
- ଏଥର ପୁରୁଷ ପ୍ରାର୍ଥୀ ୨,୩୫୭ ଓ ମହିଳା ପ୍ରାର୍ଥୀ ୨୫୮

ପାଟନା,୧।୧୧: ବିହାର ବିଧାନସଭା ନିର୍ବାଚନରେ ମହିଳାମାନଙ୍କୁ ଟିକେଟ ଦେବାରେ ସମସ୍ତ ଦଳ ପଛୁଆ ରହିଛନ୍ତି। ମହିଳା ପ୍ରାର୍ଥୀଙ୍କ ଉପରେ ରାଜନୈତିକ ଦଳଙ୍କର ଭରସା ରହୁନାହିଁ, ଫଳରେ ମଇଦାନରେ ହାତଗଣତି ମହିଳା ପ୍ରାର୍ଥୀ ଅଛନ୍ତି। ଏଥର ନିର୍ବାଚନ ମଇଦାନରେ ୨୫୮ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ଅପରପକ୍ଷରେ ପୁରୁଷ ପ୍ରାର୍ଥୀଙ୍କ ସଂଖ୍ୟା ୨,୩୫୭ ରହିଛି। ଏହା ଗତ ୧୫ ବର୍ଷ ମଧ୍ୟରେ ସବୁଠାରୁ କମ୍ ସଂଖ୍ୟା ମହିଳା ପ୍ରାର୍ଥୀ ମଇଦାନରେ ଅଛନ୍ତି। ଏହା ସୂଚାଇ ଦେଉଛି ଯେ, ରାଜନୈତିକ ଦଳଗୁଡ଼ିକର ମହିଳା ଅଂଶଗ୍ରହଣର ଦାବି କେବଳ ନିର୍ବାଚନ ମଞ୍ଚ ପର୍ଯ୍ୟନ୍ତ ସୀମିତ ରହିଛି। ଯେତେବେଳେ ରାଜନୈତିକ ଦଳଗୁଡ଼ିକୁ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା କମ୍ ବୋଲି ପଚରାଯାଉଛି, ସେମାନେ ଉତ୍ତର ଦେଉଛନ୍ତି ଯେ, ସେମାନଙ୍କର ଜିତିବା କ୍ଷମତା କମ୍ ଥିବାରୁ ସେମାନଙ୍କୁ ଟିକେଟ୍ ପାଇବାରୁ ବଞ୍ଚିତ କରାଯାଉଛି। ଦଳଗୁଡ଼ିକ ଦାବି କରୁଛନ୍ତି ଯେ, ମହିଳା ପ୍ରାର୍ଥୀମାନେ ନିର୍ବାଚନ ଜିତିପାରିବେ ନାହିଁ। ଗତ ବିଧାନସଭା ନିର୍ବାଚନର ରେକର୍ଡକୁ ଦେଖିଲେ ଜଣାପଡେ ୩୭୦ ଜଣ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ କେବଳ ୨୬ ଜଣ ଜିତିଛନ୍ତି। ନିର୍ବାଚନରେ ମହିଳାଙ୍କ ସଫଳତା ହାର ୭ ପ୍ରତିଶତ। ଏହି ସମୟରେ, ପୁରୁଷ ପ୍ରାର୍ଥୀଙ୍କ ବିଜୟ ହାର ପ୍ରାୟ ୧୦ ପ୍ରତିଶତ ଥିଲା। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ଦଳଗୁଡ଼ିକ ମଧ୍ୟରେ ବିଏସପି ୨୬ ଜଣ ମହିଳା ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିଛି। ଜନ ସୂରଜ ୨୫, ଆରଜେଡି ୨୩, ଜେଡିୟୁ ଏବଂ ବିଜେପି ୧୩ ଜଣ ଲେଖାଏଁ ପ୍ରାର୍ଥୀ ଦେଇଛନ୍ତି। ସେହିପରି କଂଗ୍ରେସ ମାତ୍ର ୫ ଜଣ ମହିଳା ପ୍ରାର୍ଥୀ ଦେଇଛି।

### ଗତ ୧୨ ବର୍ଷରେ ହୋଇନି ବଡ଼ ଆତଙ୍କବାଦୀ ଆକ୍ରମଣ

# ଭାରତ ପୂର୍ବାପେକ୍ଷା ଏବେ ଅଧିକ ସୁରକ୍ଷିତ: ଡୋଭାଲ



ନୂଆଦିଲ୍ଲୀ ୧।୧୧: ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ କହିଛନ୍ତି ଯେ, ଭାରତ ଗତ ଏକ ଦଶନ୍ଧି ହେଲା ଆତଙ୍କବାଦ ଉପରେ ପ୍ରଭାବୀ ନିୟନ୍ତ୍ରଣ ହାସଲ କରିଛି। ସେ କହିଛନ୍ତି ୨୦୧୩ ପରେ ଦେଶର ଆଭ୍ୟନ୍ତରୀଣ ଅଞ୍ଚଳରେ କୌଣସି ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇନାହିଁ। କେବଳ ଜମ୍ମୁ-କାଶ୍ମୀରକୁ ଛାଡିଦେଲେ ସାରା ଦେଶରେ ସ୍ଥିତି ସ୍ଥିର ଓ ସୁରକ୍ଷିତ ରହିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ଦ୍ଦାର ପଟେଲ ମେମୋରିୟାଲ ଲେକଚରରେ ଗଭର୍ଣ୍ଣାନସ ଉପରେ ଦେଇଥିବା ଭାଷଣରେ ସେ ଏହା କହିଛନ୍ତି।

ଡୋଭାଲ କହିଛନ୍ତି ଯ, ତଥ୍ୟ ସେଇଆ ରହିଛି ଓ ଏହା ବିବାଦିତ ହୋଇ ନପାରେ। ଭାରତ ଆତଙ୍କବାଦ ଉପରେ ପ୍ରଭାବୀ ନିୟନ୍ତ୍ରଣ ହାସଲ କରିଛି। ୧ ଜୁଲାଇ ୨୦୨୫ରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଥିଲା ଓ ଶେଷ ବଡ଼ ଆକ୍ରମଣ ୨୦୧୩ରେ ହୋଇଥିଲା। ତେବେ ମଝିରେ ମଝିରେ ଆତଙ୍କବାଦ ଆକ୍ରମଣ ପାଇଁ ପ୍ରୟାସ ନିଶ୍ଚିତ ହୋଇଛି, ହେଲେ ଏଥିରେ ଆତଙ୍କବାଦୀଙ୍କୁ ସଫଳତା ମିଳିନାହିଁ। ଲୋକେ ଗିରଫ ହୋଇଛନ୍ତି ଓ ସେମାନଙ୍କଠାରୁ ବିସ୍ଫୋରକ ଏବଂ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

ଡୋଭାଲ କହିଛନ୍ତି ଯେ ୨୦୧୪ ତୁଳନାରେ ଦେଶରେ ବାମପନ୍ଥୀ ଉଗ୍ରବାଦ (ନକ୍ସଲବାଦ) ପ୍ରଭାବ ଅନେକ କମିଛି। ସେ କହିଛନ୍ତି ୨୦୧୪ ତୁଳନାରେ ଆଜି ନକ୍ସଲବାଦ କେବଳ ୧୧% ଅଞ୍ଚଳରେ ସୀମିତ ହୋଇଯାଇଛି। ପୂର୍ବରୁ ଯେଉଁ ଜିଲ୍ଲା ସବୁ ବାମପନ୍ଥୀ ଉଗ୍ରବାଦ ଘୋଷିତ ଥିଲେ, ସେଥିରୁ ଅଧିକାଂଶ ଏବେ ସୁରକ୍ଷିତ ଘୋଷିତ ହୋଇ ସାରିଲେଣି। ଏହା ଭାରତର ଆଭ୍ୟନ୍ତରୀଣ ସୁରକ୍ଷାରେ ଏକବଡ଼ ପରିବର୍ତ୍ତନ। ଆମକୁ ଏପରି ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଥିରେ ପ୍ରତିଟି ଭାରତୀୟ ଅନ୍ତରୀଣ ଓ ବାହ୍ୟ ସ୍ତରରୁ ବିପଦମୁକ୍ତ ଅନୁଭବ କରୁଥିବ। ଏଣୁ ଆମେ ଏପରି ନୀତି ଓ ଆଇନ ଆବଶ୍ୟକ କରୁଛୁ ଯାହା ନା କେବଳ ବିପଦର ମୁକାବିଲା କରିବ ବରଂ ଏହି ବାର୍ତ୍ତା ମଧ୍ୟ ଦେବ ଯେ, ଭାରତ ଯେ କୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ। ଭାରତ ଆତଙ୍କବାଦ, ଉଗ୍ରବାଦ ଓ ବାହ୍ୟ ଆକ୍ରମଣ ଉପରେ ନିୟନ୍ତ୍ରଣ ହାସଲ ସହିତ ବୈଶ୍ୱିକ ସ୍ତରରେ ମଧ୍ୟ ନିଜ ସୁରକ୍ଷା କ୍ଷମତାକୁ ମଜଭୁତ କରିଛି।

### ଶେଖ ହସିନାଙ୍କୁ ଲାଗିଲା ବଡ଼ ଝଟକା

# ଦେଶଦ୍ରୋହ ମାମଲାରେ ପଳାତକ ଘୋଷିତ

ଢାକା,୧।୧୧: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଢାକା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଛନ୍ତି। ଚଳିତ ବର୍ଷ ଦାୟର ହୋଇଥିବା ଏକ ଦେଶଦ୍ରୋହ ମାମଲାରେ ଶେଖ ହସିନାଙ୍କ ସହିତ ଅନ୍ୟ ୨୬୦ ଜଣଙ୍କୁ ପଳାତକ ଘୋଷଣା କରାଯାଇଛି। ବାଂଲାଦେଶର ଅପରାଧ ତଦନ୍ତ ବିଭାଗ ଦୁଇଟି ଜାତୀୟ ଖବରକାଗଜରେ ଏକ ନୋଟିସ ଜାରି କରି ସମସ୍ତ ଅଭିଯୁକ୍ତଙ୍କୁ ନଭେମ୍ବର ୧୧ ସୁଦ୍ଧା କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଆଇଡି କହିଛି ଯେ, ଗୃହ ମନ୍ତ୍ରଣାଳୟରୁ ଅନୁମତି ପାଇବା ପରେ ଦେଶଦ୍ରୋହ ତଦନ୍ତ ଫୌଜଦାରୀ ପ୍ରକ୍ରିୟା ସଂହିତାର ଧାରା ୧୯୬ ଅନୁଯାୟୀ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ 'ଜୟ ବଙ୍ଗଳା ବ୍ରିଗେଡ' ନାମକ ଏକ ଅନଲାଇନ ପ୍ଲାଟଫର୍ମକୁ ଦେଶୀ ଏବଂ ବିଦେଶୀ ଉଭୟ ଦଳ ବୈଧ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ବ୍ୟବହାର କରୁଛନ୍ତି। ତଦନ୍ତ ସମାପ୍ତ ହେବା ପରେ ଶେଖ ହସିନାଙ୍କ ସମେତ ୨୮୬ ଜଣଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ ଦାଖଲ କରିଥିଲା। ଏଥିରେ ଡିଜିଟାଲ ପ୍ଲାଟଫର୍ମ, ସର୍ଭର ଏବଂ ସୋସିଆଲ ମିଡିଆରୁ ସଂଗୃହୀତ ତଥ୍ୟର ଏକ ଫରେନସିକ ପରୀକ୍ଷା ରିପୋର୍ଟ ଅନ୍ତର୍ଭୁକ୍ତ ଥିଲା। ଗୁରୁବାର ଢାକା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ କୋର୍ଟ-୧୭ର ବିଚାରପତି ଆରିଫୁଲଇସଲାମ ଶେଖ ହସିନା ଏବଂ ଅନ୍ୟ ୨୬୦ ଜଣଙ୍କୁ ପଳାତକ ଘୋଷଣା କରିଥିଲେ ଏବଂ ଖବରକାଗଜରେ ଏକ ନୋଟିସ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



# ତେଜପ୍ରତାପଙ୍କ ବିରୋଧରେ ପ୍ରଚାର କରିବେନି ରାବ୍ରିଦେବୀ



ପାଟନା,୧।୧୧: ରାଷ୍ଟ୍ରୀୟ ଜନତା ଦଳ ଏବଂ ଲାଲୁ ପରିବାରରୁ ବିତାଡ଼ିତ ନେତା ତଥା ନିଜ ବଡ଼ପୁଅ ତେଜପ୍ରତାପ ଯାଦବଙ୍କ ସମ୍ପର୍କରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ। ସେ କହିଛନ୍ତି ଯେ, ତେଜପ୍ରତାପଙ୍କ ବିରୋଧରେ ପ୍ରଚାର କରିବେ ନାହିଁ ଓ ସେ ଜିତିବା ତାଙ୍କ ଇଚ୍ଛା। ରାବ୍ରୀ ଦେବୀ କହିଛନ୍ତି ଯେ, ଯେତେବେଳେ ଗରିବ ଶାସନ କରେ, ଲୋକମାନେ ଏହାକୁ ଜଙ୍ଗଲରାଜ ବୋଲି କୁହନ୍ତି, କିନ୍ତୁ ସରକାରଙ୍କ ସୁରକ୍ଷାରେ ହତ୍ୟା ଏବଂ ଅପରାଧ ଘଟେ, ଏହାକୁ କ'ଣ କୁହାଯାଇପାରିବ? ସେ ତାଙ୍କ ପୁଅ ତେଜ ପ୍ରତାପ ଯାଦବ, ତେଜସ୍ୱୀ ଯାଦବ ଏବଂ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବିଷୟରେ ମଧ୍ୟ ଖୋଲାଖୋଲି କହିଥିଲେ।

ପ୍ରଥମ ଥର ପାଇଁ ରାବ୍ରୀ ଦେବୀ ସାର୍ବଜନୀନ ଭାବରେ ତାଙ୍କ ପୁଅ ତେଜ ପ୍ରତାପ ଯାଦବଙ୍କ ବିଷୟରେ ତାଙ୍କର ମତ ସ୍ପଷ୍ଟ ମତ ରଖିଥିଲେ। ସେ କହିଥିଲେ, ସେ ମୋର ପୁଅ, କିନ୍ତୁ ଏହି ଲୋକମାନେ ତାଙ୍କୁ ଦଳ ଏବଂ ଘରୁ ବାହାର କରିଦେଇଛନ୍ତି। ତେବେ ତା ବିରୋଧରେ ମୁଁ ପ୍ରଚାର କରିବି ନାହିଁ, କିନ୍ତୁ ସେ ଜିତୁ ବୋଲି ମୋର ଇଚ୍ଛା ଅଛି। ସେ ଆହୁରି ମଧ୍ୟ କହିଛନ୍ତି, ସେ ନିଜ ଗୋଡ଼ରେ ଛିଡ଼ା ହେଉ ବୋଲି ମୋର ଇଚ୍ଛା ଏବଂ ବିହାରରେ କାମ କରିବାର ସମସ୍ତଙ୍କ ଅଧିକାର ଅଛି। ତେଜସ୍ୱୀ ଏବଂ ତେଜ ପ୍ରତାପଙ୍କ ମଧ୍ୟରେ ଚାଲିଥିବା ରାଜନୈତିକ ମତଭେଦ ସମ୍ପର୍କରେ ସେ କହିଛନ୍ତି, ପରିବାର ଭିତରେ କିଛି ହୋଇପାରେ, କିନ୍ତୁ ସେମାନେ ଭାଇଭଉଣୀ। ଯାହାର ଘର ନାହିଁ, ସେମାନେ ଅନ୍ୟମାନଙ୍କ ଘରେ ଝଗଡ଼ା ସୃଷ୍ଟି କରନ୍ତି।

## ପୁଅ ନିର୍ବନ୍ଧ ପୂର୍ବରୁ ସମୁଦି-ସମୁଦୁଣୀ ଫେରାର

ଭୋପାଳ, ୧।୧୧: ମଧ୍ୟପ୍ରଦେଶ ଉଜ୍ଜୟନ ଜିଲ୍ଲାର ବଡ଼ନଗରରେ ରହୁଥିବା ଜଣେ ୪୫ ବର୍ଷୀୟ ମହିଳା, ହେବାକୁ ଥିବା ନିଜ ସମୁଦିଙ୍କ ସହିତ ଫେରାର ହୋଇଯାଇଥିଲେ। ପରିବାର ପକ୍ଷରୁ ନିଖୋଜ ରିପୋର୍ଟ ଦାଖଲ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ବଡ଼ନଗରର ଉଣ୍ଟବାସ ଗାଁରେ ରହୁଥିବା ଜଣେ ମହିଳା ଦୀର୍ଘ ଆଠ ଦିନ ଧରି ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ଶେଷରେ ଥାନାରେ ମହିଳା ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବଡ଼ନଗର ପୋଲିସ ଖୋଜାଖୋଜି ଆରମ୍ଭ କରିଥିଲା ଏବଂ ଶେଷରେ ମହିଳାଙ୍କୁ ପାଇଥିଲା। ତଦନ୍ତ ବେଳେ ଯେଉଁ ସତ ବାହାରିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମହିଳା ଜଣକ ନିଜ ୫୦ ବର୍ଷିୟ ସମୁଦିକୁ ଭଲ ପାଇ ବସିଥିଲେ। ତେଣୁ ନିଜ ଇଚ୍ଛାରେ ହିଁ ସ୍ୱାମୀ ଏବଂ ଦୁଇ ପିଲାଙ୍କୁ ଛାଡ଼ି ପ୍ରେମିକ ସହ ଫେରାର ହୋଇଯାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ, ପୁଅର ଶ୍ୱଶୁରକୁ ପ୍ରେମ କରି ବସିଥିଲେ ମହିଳା। ପ୍ରେମରେ ପିଲା ଛୁଆ ସ୍ୱାମୀକୁ ଭୁଲିଗଲେ। ପୁଅର ନିର୍ବନ୍ଧ ହେବା ପୂର୍ବରୁ ହିଁ ସମୁଦି ସହ ଘର ଛାଡ଼ି ପଳେଇଥିଲେ। ପୋଲିସ ଉଭୟ ସମୁଦି ସମୁଦୁଣୀଙ୍କୁ ପୋଲିସ ଷ୍ଟେସନକୁ ଡାକି ପଚରାଉଚରା କରିଛି।

### ଗୁରୁ ନାନକ ଜୟନ୍ତୀ

# ୨ ହଜାରରୁ ଅଧିକ ଭାରତୀୟ ଶିଖ୍ଙ୍କୁ ଭିସା ଦେଲା ପାକିସ୍ତାନ



ନୂଆଦିଲ୍ଲୀ,୧।୧୧: ପାକିସ୍ତାନ ଶିଖ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ଆଗାମୀ ଜନ୍ମବାର୍ଷିକୀ ପାଳନ ପାଇଁ ୨,୧୦୦ ରୁ ଅଧିକ ଭାରତୀୟ ଶିଖ ତୀର୍ଥଯାତ୍ରୀଙ୍କୁ ଭିସା ପ୍ରଦାନ କରିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଏହାପରେ ମେ' ମାସରେ ଭାରତ ଦ୍ୱାରା ଚଲାଯାଇ ଥିବା ଆତଙ୍କବାଦ-ବିରୋଧୀ ଅପରେସନ ସିନ୍ଦୂର ପରେ ଏହା ପ୍ରଥମ ବଡ଼ ସୀମାପାର ଯାତ୍ରା। ରିପୋର୍ଟ ଅନୁସାରେ, ନୂଆଦିଲ୍ଲୀ ସ୍ଥିତ ପାକିସ୍ତାନ ହାଇକମିଶନ ଭିସାଗୁଡ଼ିକୁ ସ୍ପଷ୍ଟ କରି କହିଛି ଯେ, ତୀର୍ଥଯାତ୍ରୀମାନେ ନଭେମ୍ବର ୪ ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଗୁରୁପର୍ବ ଉତ୍ସବରେ ଅଂଶଗ୍ରହଣ କରିବେ। ଭାରତ-ପାକିସ୍ତାନ ସୀମାର ପ୍ରାୟ ୮୫ କିଲୋମିଟର ପଶ୍ଚିମରେ ଅବସ୍ଥିତ ଗୁରୁ ନାନକଙ୍କ ଜନ୍ମସ୍ଥାନ ନନକାନା ସାହିବରେ ହଜାର ହଜାର ଶ୍ରଦ୍ଧାଳୁ ଏକତ୍ରିତ ହେବାର ଆଶା କରାଯାଉଛି। ଭାରତ -ପାକିସ୍ତାନ ମଧ୍ୟରେ ମାସ ମାସ ଧରି ଲାଗି ରହିଥିବା ଉତ୍ତେଜନା ପରେ ଏହି ଭିସା ଘୋଷଣା ଏକ ବିରଳ ସମ୍ଭାବନାର ସୂଚକ। ମେ ମାସରେ, ପରମାଣୁ ଅସ୍ତ୍ରଶସ୍ତ୍ର ଯୁକ୍ତ ଏହି ପଡୋଶୀ ମଧ୍ୟରେ ଚାରି ଦିନ ଯାଏ ଭୟଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହା କାଶ୍ମୀରରେ ଏକ ଆତଙ୍କବାଦୀ ଆକ୍ରମଣରୁ ଆରମ୍ଭ ହୋଇଥିଲା। ଯାହା ଫଳରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣର ବର୍ଷା ହୋଇଥିଲା, ଯେଉଁଥିରେ ସମସ୍ତ ସାଧାରଣ ନାଗରିକ ଯାତାୟାତ ବନ୍ଦ ହୋଇଯାଇଥିଲା।

# ଛତିଶଗଡ଼ ବିଧାନସଭାର ନୂଆ ଭବନ ଉଦ୍‌ଘାଟିତ

### 'ରାମ ସେ ରାଷ୍ଟ୍ର' ମନ୍ତ୍ର ଦେଲେ ମୋଦୀ



ନୂଆଦିଲ୍ଲୀ,୧।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛତିଶଗଡ଼ ବିଧାନସଭାର ନୂଆ ଭବନ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ଅପରେସନ ସିନ୍ଦୂର କଥା ଉଲ୍ଲେଖ କରି ଆତଙ୍କବାଦ ଓ ନକ୍ସଲବାଦ ବିରୁଦ୍ଧରେ ଭାରତର ନିର୍ଣ୍ଣାୟକ ଲଢେଇ କଥା ଉଲ୍ଲେଖ କରିଛନ୍ତି। ସେହିପରି 'ରାମ ସେ ରାଷ୍ଟ୍ର'ର ମନ୍ତ୍ର ଦେଇଛନ୍ତି ଓ ଏହାର ଅର୍ଥ ବି କହିଛନ୍ତି। ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ-ପ୍ରତିଷ୍ଠାର ସମୟରେ ସମସ୍ତେ 'ଦେବ ସେ ଦେଶ' ଓ 'ରାମ ସେ ରାଷ୍ଟ୍ର'ର ସଂକଳ୍ପ ନେଇଥିଲେ। 'ରାମ ସେ ରାଷ୍ଟ୍ର'ର ଅର୍ଥ ହେଉଛି ସୁଶାସନ ଓ ଜନକଲ୍ୟାଣର ରାଜ, ସବକା ସାଥ୍ ସବକା ବିକାଶ ଭାବନାରେ ଶାସନ। 'ରାମ ସେ ରାଷ୍ଟ୍ର' ଅର୍ଥ ହେଉଛି ମାନବତା ବିରୋଧୀ ଶକ୍ତିର, ଆତଙ୍କର ବିନାଶ ପାଇଁ ପ୍ରତିଜ୍ଞା ଏବଂ ଏହା ହିଁ ଅପରେସନ ସିନ୍ଦୂରରେ ଆମ ଦେଖିଥିଲୁ। ନଭା ରାୟପୁରର ଅଟଳ ନଗରରେ ଛତିଶଗଡ଼ ବିଧାନସଭାର ନୂତନ କୋଠା ଉଦଘାଟନ କରିବା ପରେ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଏହା କହିଥିଲେ। ଆତଙ୍କବାଦ ଏବଂ ବାମପନ୍ଥୀ ଉଗ୍ରବାଦ ମୁକାବିଲାରେ ଭାରତର ସଫଳତା ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଗତ ୨୫ ବର୍ଷ ମଧ୍ୟରେ ଛତିଶଗଡ଼ ଯେଉଁ ପରିବର୍ତ୍ତନ ଦେଖିଛି ତାହା ଉଲ୍ଲେଖନୀୟ ଏବଂ ପ୍ରେରଣାଦାୟକ। ଏକଦା ନକ୍ସଲବାଦ ଏବଂ ପଛୁଆ ପାଇଁ ଜଣାଶୁଣା ଏହି ରାଜ୍ୟ ଏବେ ସମୃଦ୍ଧି, ସୁରକ୍ଷା ଏବଂ ସ୍ଥିରତାର ପ୍ରତୀକ ପାଲଟିଛି ।

# ସ୍କୁଲରେ ୨୨ ଛାତ୍ରୀଙ୍କୁ ଯୌନ ନିର୍ଯାତନା

### ଡିଜିଟାଲ ପ୍ରମାଣ ପରେ ପ୍ରିନ୍ସପାଲଙ୍କ ସମେତ ୩ ଗିରଫ

ଇଟାନଗର,୧।୧୧: ଅରୁଣାଚଳ ପ୍ରଦେଶର ପୂର୍ବ ସିଆଙ୍ଗର ଏକ ଇଂରାଜୀ ମାଧ୍ୟମ ସ୍କୁଲରେ ୨୨ ଜଣ ଛାତ୍ରୀଙ୍କ ସହ ଯୌନ ନିର୍ଯାତନା ହୋଇଥିବାର ଏକ ମାମଲା ସାମ୍ନାକୁ ଆସିଛି। ସ୍କୁଲ ପ୍ରିନ୍ସପାଲ, ୱାର୍ଡେନଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇ ସ୍କୁଲକୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି। ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରାଯାଇଛି। ଏସଆଇଟି ସ୍କୁଲ ପରିସର ପରିଦର୍ଶନ କରି ସ୍କୁଲରୁ ଅନେକ ଡକ୍ୟୁମେଣ୍ଟ ଉଦ୍ଧାର କରିଛି। ଡିଜିଟାଲ ପ୍ରମାଣ ମଧ୍ୟ ସଂଗ୍ରହ କରାଯାଇଛି, ଯାହାକୁ ପରୀକ୍ଷା ପାଇଁ ଫୋରେନ୍‌ସିକ୍ ଦଳକୁ ପଠାଯାଇଛି। ଏହି ମାମଲାରେ ପ୍ରଭାବିତ ଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ସୂଚନା ମିଳିଛି।

ଅକ୍ଟୋବର ୨୯ରେ ମେବୋ ଥାନାରେ ଜଣେ ଅଭିଭାବକ ଅଭିଯୋଗ ଦାଖଲ କରିଥିଲେ। ଅଭିଭାବକଙ୍କ ଅଭିଯୋଗ ପରେ ପୋଲିସ ମାମଲାର ତଦନ୍ତ ଆରମ୍ଭ କରି ୱାର୍ଡେନ ହେନ ଜନସନଙ୍କୁ ଗିରଫ କରିଥିଲା।ଅଭିଭାବକମାନେ କହିଛନ୍ତି ଯେ, ସ୍କୁଲର ପ୍ରିନ୍ସିପାଲ ହୋଇନୁ ଭାଇଫେ ଏବଂ ଆକାଉଣ୍ଟାଣ୍ଟ ନିଆଙ୍ଗଡୋଇଟିଂ ଭାଇଫେ ମାମଲାକୁ ଲୁଚାଇବା ଏବଂ ରିପୋର୍ଟ ଦାଖଲ କରିବାରେ ବିଫଳ ହେବାରେ ଭୂମିକା ଗ୍ରହଣ କରିଥିଲେ। ଅକ୍ଟୋବର ୩୦ରେ ପ୍ରିନ୍ସିପାଲ ଏବଂ ଆକାଉଣ୍ଟାଣ୍ଟଙ୍କୁ ପୋକ୍ସୋ ଆଇନ ଅନୁଯାୟୀ ମଧ୍ୟ ଗିରଫ କରାଯାଇଛି। ପୀଡ଼ିତାଙ୍କ ପାଇଁ ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରାଯାଇଛି। ଏପର୍ଯ୍ୟନ୍ତ ୨୨ ଜଣ ପ୍ରଭାବିତ ଛାତ୍ରଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି।

## ଦେଶର ବିଭିନ୍ନ ମନ୍ଦିରରେ ଦଳାଚକଟା ଘଟଣା

# ୨୦ବର୍ଷରେ ଗଲାଣି ୧୨୯୫ ଜୀବନ

ଆଜି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଏକାଦଶୀ ଅବସରରେ କାସିବୁଗାସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ କ୍ଷମତାଠାରୁ ଅଧିକ ଭକ୍ତଙ୍କ ସମାଗମ ହେବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ହଠାତ୍ ଦଳାଚକଟା ଘଟିବାରୁ ଏପର୍ଯ୍ୟନ୍ତ ୯ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଦଳାଚକଟା ହେବାରୁ ଅଣନିଶ୍ୱାସୀ ହୋଇ ଅନେକ ଭକ୍ତଙ୍କ ଜୀବନ ଯାଇଥିବା କହିଛି ପୁଲିସ। ତେବେ ମନ୍ଦିରରେ ଏପରି ଦୁର୍ଘଟଣା ପ୍ରଥମ ଥର ପାଇଁ ଘଟିନାହିଁ। ପୂର୍ବରୁ ମଧ୍ୟ ସମାନ ଦୁଃଖଦ ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ଆଜି ଆମେ ଏପରି ଘଟଣାଗୁଡ଼ିକ ବିଷୟରେ ବର୍ଣ୍ଣନା କରିବୁ ଯେଉଁ ଦୁର୍ଘଟଣାରେ ହଜାର ହଜାର ଲୋକ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଏକାଠି ହୋଇ ଦଳାଚକଟାରେ ପ୍ରାଣ ହରାଇଥିଲେ।

**୨୭ ଜୁଲାଇ, ୨୦୨୫:** ୨୭ ଜୁଲାଇ, ୨୦୨୫ରେ ହରିଦ୍ୱାରର ମନସା ଦେବୀ ମନ୍ଦିରରେ ଅଧିକ ଭକ୍ତଙ୍କ ଭିଡ଼ ଜମା ହେବା ପରେ ଦଳାଚକଟା ହୋଇଥିଲା, ଯାହା ଫଳରେ ୬ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ।

**୩ ମେ', ୨୦୨୫:** ଗୋଆର ଶିରଗାଓଁ ଗ୍ରାମର ଶ୍ରୀ ଲୈରାଇ ଦେବୀ ମନ୍ଦିରରେ ବାର୍ଷିକ ଉତ୍ସବ ସମୟରେ ଦଳାଚକଟା ହୋଇଥିଲା, ଯେଉଁଥିରେ ୬ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା ଏବଂ ୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

**୨୯ ଜାନୁଆରି, ୨୦୨୫:** ଜାନୁଆରି ୨୯ରେ ପ୍ରୟାଗରାଜରେ ମହାକୁମ୍ଭ ମେଳା ସମୟରେ ବିଳମ୍ବିତ ରାତିରେ ଝଗଡ଼ା ହୋଇ ଦଳାଚକଟା ହୋଇଥିଲା। ଝଗଡ଼ା ପରେ ଠେଲାପେଲା ହେବାରୁ ତଳେ ଶୋଇଥିବା ଲୋକଙ୍କ ଉପରେ ଏକାଧିକ ଲୋକ ଚଢ଼ିଯାଇଥିଲେ। ଏହି ଘଟଣାରେ ଚାପି ହୋଇ ୩୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୬୦ ଜଣ ଆହତ ହୋଇଥିଲେ।

**ଜାନୁଆରି ୮, ୨୦୨୫:** ହଜାର ହଜାର ଭକ୍ତ 'ବୈକୁଣ୍ଠ ଦ୍ୱାର ଦର୍ଶନମ୍' ପାଇଁ ଟିକେଟ୍ ସଂଗ୍ରହ କରିବାକୁ ତିରୁମାଲା ପାହାଡ଼ରେ ଥିବା ଭଗବାନ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରକୁ ଧାଇଁ ଆସିଥିଲେ। ଅତ୍ୟଧିକ ଭିଡ଼ ଯୋଗୁଁ ଦଳାଚକଟା ହୋଇଥିଲା, ଯାହା ଫଳରେ ୬ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ।

**ଜୁଲାଇ ୨, ୨୦୨୪:** ଉତ୍ତରପ୍ରଦେଶର ହାଥରସରେ ନାରାୟଣ ସାକାର ହରି ନାମରେ ଜଣାଶୁଣା ବାବାଙ୍କ ସତସଙ୍ଗରେ ପ୍ରସାଦ ନେବା ପାଇଁ ଦଳାଚକଟା ଆରମ୍ଭ ହୋଇଥିଲା। କ୍ଷମତାଠାରୁ ଅଧିକ ଭକ୍ତ ଏକତ୍ରିତ ହୋଇଥିବାରୁ ଅନେକ ଲୋକ ଅଚେତ୍ ହୋଇ ତଳେ ପଡ଼ିଯାଇଥିଲେ, ଯାହା ଫଳରେ ମହିଳା ଏବଂ ପିଲାମାନଙ୍କ ସମେତ ୧୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।

**୩୧ ମାର୍ଚ୍ଚ, ୨୦୨୩:** ରାମ ନବମୀ ପାଳନ କରିବା ପାଇଁ ଇନ୍ଦୋରର ଏକ ମନ୍ଦିରରେ ହଜାର ହଜାର ଭକ୍ତ ପହଞ୍ଚିଥିଲେ। ଏହି ସମୟରେ ମନ୍ଦିର ଭିତରେ ଥିବା କୂଅର ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା। ଏହି ଦୁର୍ଘଟଣାରେ ପ୍ରାୟ ୩୬ ଜଣଙ୍କର ମୃତ୍ୟୁ ହୋଇଥିଲା।

**୧ ଜାନୁଆରି, ୨୦୨୨:** ଜମ୍ମୁ ଏବଂ କଶ୍ମୀରର ମାତା ବୈଷ୍ଣୋ ଦେବୀ ମନ୍ଦିରରେ ଦଳାଚକଟା ଘଟି ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩୦ରୁ ଅଧିକ ଆହତ ହୋଇଥିଲେ।

**୧୪ ଜୁଲାଇ, ୨୦୧୫:** ଆନ୍ଧ୍ରପ୍ରଦେଶର ରାଜାମଣ୍ଡ୍ରୀରେ ଗୋଦାବରୀ ନଦୀ କୂଳରେ 'ପୁଷ୍କରମ' ମହୋତ୍ସବ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ଏହି ସମୟରେ ଦଳାଚକଟା ହେବାରୁ ୨୭ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା।

**୧୩ ଅକ୍ଟୋବର, ୨୦୧୩:** ମଧ୍ୟପ୍ରଦେଶର ଦତିଆର ରତନଗଡ଼ ମନ୍ଦିର ନିକଟରେ ହଜାର ହଜାର ଭକ୍ତ ଏକାଠି ହୋଇଥିଲେ, ଯାହା ଫଳରେ ଦଳାଚକଟା ହୋଇଥିଲା। ନବରାତ୍ରି ଉତ୍ସବ ସମୟରେ ଘଟିଥିବା ଏହି ଦଳାଚକଟାରେ ୧୧୫ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ।

**୮ ନଭେମ୍ବର, ୨୦୧୧:** ହରିଦ୍ୱାରର ପ୍ରସିଦ୍ଧ ହର-କି-ପୌରୀ ଘାଟରେ ଗଙ୍ଗା ନଦୀରେ ସ୍ନାନ କରିବା ସମୟରେ ଦଳାଚକଟା ଘଟି ୨୦ ଜଣଙ୍କର ମୃତ୍ୟୁ ହୋଇଥିଲା।

**୧୪ ଜାନୁଆରି, ୨୦୧୧:** କେରଳର ଇଡୁକ୍କି ଜିଲ୍ଲାରେ ଏକ କାର ହଠାତ୍ ତୀର୍ଥଯାତ୍ରୀଙ୍କ ଉପରେ ଚଢ଼ିଯିବାରୁ ଜୀବନ ବଞ୍ଚାଇବା ପାଇଁ ଲୋକେ ଦୌଡ଼ିବା ଆରମ୍ଭ କରିଥିଲେ। ଏହି ସମୟରେ ଦଳାଚକଟା ଘଟି ୧୦୪ ଜଣ ସାବରୀମାଳା ଭକ୍ତଙ୍କ ମୃତ୍ୟୁ ହୋଇଥିଲା।

**୪ ମାର୍ଚ୍ଚ, ୨୦୧୦:** ଉତ୍ତରପ୍ରଦେଶର ପ୍ରତାପଗଡ଼ରେ ଥିବା ରାମ ଜାନକୀ ମନ୍ଦିରରେ ମାଗଣା ଖାଦ୍ୟ ଏବଂ ପୋଷାକ ପାଇଁ ଦଳାଚକଟା ଘଟି ୬୩ ଜଣଙ୍କର ମୃତ୍ୟୁ ହୋଇଥିଲା।

**୩୦ ସେପ୍ଟେମ୍ବର, ୨୦୦୮:** ରାଜସ୍ଥାନର ଯୋଧପୁରର ଚାମୁଣ୍ଡା ଦେବୀ ମନ୍ଦିରରେ ଏକ ବୋମା ବିସ୍ଫୋରଣ ଗୁଜବ ପ୍ରଚାରିତ ହୋଇଥିଲା, ଯେଉଁଠାରେ ଶହ ଶହ ଭକ୍ତ ଉପସ୍ଥିତ ଥିଲେ। ବୋମା ଥିବା ଜାଣି ଜୀବନ ବଞ୍ଚାଇବାକୁ ଲୋକେ ଦୌଡ଼ିବା ଆରମ୍ଭ କରିଥିଲେ। ଏହି ସମୟରେ ଦଳାଚକଟାରେ ପ୍ରାୟ ୨୫୦ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା।

**୩ ଅଗଷ୍ଟ, ୨୦୦୮:** ହିମାଚଳ ପ୍ରଦେଶର ବିଳାସପୁରର ନୈନା ଦେବୀ ମନ୍ଦିରରେ ହଜାର ହଜାର ଭକ୍ତ ଏକତ୍ରିତ ହୋଇଥିବା ବେଳେ କେହି ଜଣେ ପଥର ଧସିବା ନେଇ ମିଛ ଖବର ପ୍ରଚାର କରିଦେଇଥିଲା। ଏହା ଶୁଣି ଲୋକେ ଏଣେତେଣେ ଦୌଡ଼ିବାରୁ ଦଳାଚକଟା ଘଟିଥିଲା ଏବଂ ୧୬୨ ଜଣଙ୍କର ମୃତ୍ୟୁ ହୋଇଥିଲା।

**ଜାନୁଆରି ୨୫, ୨୦୦୫:** ମହାରାଷ୍ଟ୍ରର ସତାରାର ମନ୍ଧରାଦେବୀ ମନ୍ଦିରରେ, ଲୋକମାନେ ନଡ଼ିଆ ଭାଙ୍ଗିବାକୁ ଚେଷ୍ଟା କରିବା ସମୟରେ ସିଡ଼ିରୁ ଖସି ପଡ଼ିଥିଲେ, ଯାହା ଫଳରେ ଦଳାଚକଟା ହୋଇଥିଲା ଏବଂ ୩୪୦ ଜଣଙ୍କର ମୃତ୍ୟୁ ହୋଇଥିଲା।

# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ଶ୍ରେୟସ ଆୟର



**ସିଡନୀ,୧।୧୧:** କ୍ରିକେଟ କରିଡରରୁ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ଆହତ ଭାରତୀୟ ବ୍ୟାଟସ୍ ମ୍ୟାନ ଶ୍ରେୟସ ଆୟରଙ୍କୁ ହସ୍ପିଟାଲରୁ ଡିସଚାର୍ଜ ମିଳିଯାଇଛି। ହେଲେ ସେ ବର୍ତ୍ତମାନ ପାଇଁ ସିଡନୀରେ ରହିବେ। ରିପୋର୍ଟ ଅନୁସାରେ ସେ କିଛି ଦିନ ପରେ ଭାରତ ଆସିବେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ନିକଟରେ ଶେଷ ହୋଇଥିବା ଏକଦିବସୀୟ ମ୍ୟାଚ୍ ରେ ଫିଲ୍ଡିଂ କରୁଥିବା ବେଳେ ଏଲେକ୍ସ କ୍ୟାରୀଙ୍କ କ୍ୟାଚ୍ ନେବାକୁ ଯାଇ ଶ୍ରେୟସ ଆହତ ହୋଇଥିଲେ। ତାଙ୍କ ପଞ୍ଜରାରେ ଆଘାତ ଲାଗିଥିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଆଇସିୟୁରେ ଥିଲେ। ନିକଟରେ ସେ ଆଇସିୟୁରୁ ଜେନେରାଲ ୱାର୍ଡକୁ ସିଫ୍ଟ ହୋଇଥିବା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଡିଷ୍ଚାର୍ଜ କରିଦେଇଛନ୍ତି। ଏହି ସୂଚନା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଦିଆଯାଇଛି। ଶ୍ରେୟସ୍ କ୍ୟାଚ୍ ଧରିବା ବେଳେ ସେ କେବଳ ଆହତ ହୋଇନଥିଲେ ତାଙ୍କ ଶରୀର ଭିତରେ ରକ୍ତସ୍ରାବ ହୋଇଯାଇଥିଲା। ଏଣୁ ତାଙ୍କୁ ତୁରନ୍ତ ଓ ସଘନ ଚିକିତ୍ସାର ଆବଶ୍ୟକତା ଥିଲା। ହସ୍ପିଟାଲରୁ ଡଜିଷ୍ଚାର୍ଜ ହେବା ପରେ ସେ ଏବେ କିଛି ଦିନ ସିଡନୀରେ ଅବସ୍ଥାନ କରିବେ। ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରିବା ପରେ ଡାକ୍ତରଙ୍କ ପରାମର୍ଶରେ ଭାରତ ଫେରିବେ। ତେବେ ଶ୍ରେୟସ ଟେଷ୍ଟ ଓ ଟି-୨୦ ଫର୍ମାଟରେ ଫେରିବାକୁ ବେଶ୍ ଉଦ୍ୟମ ଜାରି ରଖିଛନ୍ତି। ହେଲେ ତାଙ୍କୁ ୱାନଡେ ଫର୍ମାଟରେ ଲଗାତାର ଭାରତୀୟ ଟିମ୍ ରେ ସୁଯୋଗ ମିଳୁଛି। ଅଷ୍ଟ୍ରେଲିଆରେ ଖେଳା ଯାଇଥିବା ମ୍ୟାଚରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଟିମ୍ କୁ ବିଜୟୀ କରିବାରେ ସହାୟକ ହୋଇଥିଲେ।

■ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ପ୍ରତିଷ୍ଠା ଦିବସ ପାଳିତ

# ପିଲାଦିନରୁ ଶିଶୁର ବିକାଶକୁ ଗୁରୁତ୍ୱ ଦିଅନ୍ତୁ

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ପଞ୍ଚଦଶ ପ୍ରତିଷ୍ଠା ଦିବସ ଆଜି ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଶିଶୁ ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା ସମାଜର କର୍ତ୍ତବ୍ୟ। ଶିଶୁର ବିକାଶ ପାଇଁ ସମାଜର ପ୍ରତ୍ୟେକ ସ୍ତରରେ ଆବଶ୍ୟକତା ରହିଛି। ଏଥିନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି ଓ ଏହାର ସୁଫଳ ସମସ୍ତ ଶିଶୁଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଥିସହ ଚଳିତ ବର୍ଷର ବିଷୟବସ୍ତୁ 'ବାତ୍ସଲ୍ୟ: ସୁରକ୍ଷିତ ଶିଶୁ, ସମୃଦ୍ଧ ଓଡ଼ିଶା' ଉପରେ ଆଲୋଚନା କରି ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ପିଲାଦିନରୁ ଜଣେ ଶିଶୁର ମାନସିକ ଓ ଶାରୀରିକ ବିକାଶ ଉପରେ ଅଭିଭାବକମାନେ ଗୁରୁତ୍ୱ ଦେବା ଆବଶ୍ୟକ। ଶିଶୁମାନଙ୍କର ଯତ୍ନ ଓ ଶିକ୍ଷା ଗ୍ରହଣ ପ୍ରତି ଆକୃଷ୍ଟ କରାଇବା ଦିଗରେ ସେ ଅଙ୍ଗନବାଡ଼ି କର୍ମୀମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଶିଶୁ ସୁରକ୍ଷା ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ବୃତ୍ତିଗତ ଦକ୍ଷତା ତାଲିମ, ପ୍ରଚାର ଓ



ଜନସଚେତନତା ଅଭିଯାନ ଜାରି ରହିଲେ ଶିଶୁ ଅଧିକାର ସୁରକ୍ଷା ଦିଗରେ ଥିବା ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଅନ୍ୟତମ ଅତିଥି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଶିଶୁମାନଙ୍କ ପାଇଁ ନ୍ୟାୟ ପ୍ରଦାନରେ ଥିବା ବ୍ୟବଧାନକୁ ଦୂର କରିବା ଓ ଶିଶୁ ଅନୁକୂଳ ଆଇନଗତ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ଏଥିପ୍ରତି କିଶୋର ନ୍ୟାୟ ଆଇନରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି, ଯାହା କୌଣସି ପିଲାଙ୍କୁ ବିପଦ ସମୟରେ ଆଇନଗତ ସୁରକ୍ଷାକୁ ସୁଦୃଢ଼ କରିଥାଏ।

# ଜେଲ୍ ଭିତରେ ବିକ୍ରମ ଖାଇପାରିବେ ଘର ଖାଦ୍ୟ

**ବ୍ରହ୍ମପୁର,୧।୧୧(ସଂଚାର ବ୍ୟୁରୋ):** ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଜେଲ ଭିତରେ ଆବଶ୍ୟକ ସ୍ଥଳେ ଘରର ରନ୍ଧା ଖାଦ୍ୟ ଖାଇପାରିବେ। ଏନେଇ ବିକ୍ରମ ନିଜ ଓକିଲଙ୍କ ଜରିଆରେ ଶନିବାର ସ୍ଥାନୀୟ ଏସଡିଜେଏମ କୋର୍ଟରେ ପିଟିସନ ଦାଖଲ କରିଥିଲେ। ଆଜି କୋର୍ଟ ଏହାକୁ ଗ୍ରହଣ କରି ବିକ୍ରମକୁ ଜେଲ ଭିତରେ ଆବଶ୍ୟକ ସ୍ଥଳରେ ଘର ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିକ୍ରମ ନିୟମିତ ଭାବେ ଔଷଧ ସେବନ କରୁଛନ୍ତି। ତେଣୁ ଜେଲ ଖାଦ୍ୟ ପରିବର୍ତ୍ତେ ଘର ରନ୍ଧା ଖାଦ୍ୟ ମଗାଇବା ଦିଗରେ ଅନୁମତି ଦେବାକୁ ସେ ତଙ୍କ ଓକିଲଙ୍କ ଜରିଆରେ ଆବେଦନ କରିଥିଲେ ।

# ବିଜେପିରେ ନୂଆପଡ଼ା ବେଲଟୁକୁରି ପଞ୍ଚାୟତର ସଭାପତି

**ନୂଆପଡ଼ା/ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ):** ନୂଆପଡ଼ା ବିଧାନସଭା ଉପନିର୍ବାଚନ ତାରିଖ ଯେତିକି ପାଖେଇ ପାଖେଇ ଆସୁଛି ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ନୂଆପଡ଼ା ବେଲଟୁକୁରି ବିଜେଡି ପଞ୍ଚାୟତ ସଭାପତି ବଳରାମ ଚନ୍ଦେକର ତାଙ୍କର ଶତାଧିକ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି। ନୂଆପଡ଼ା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ବିଧାୟିକା କୁସୁମ ଟେଟେ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାଏକ ଉପସ୍ଥିତ ରହି ବିଜେପି ଉତରୀୟ ଓ ଟୋପି ପିନ୍ଧାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ପେନାଲିଷ୍ଟ୍ ମନସ ରଞ୍ଜନ ବକ୍ସି, ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ଧର୍ମପତ୍ନୀ ସୁମନ ଢୋଲକିଆ, ବରିଷ୍ଠ ବିଜେପି ନେତା ନିରଞ୍ଜନ ପାଣିଗ୍ରାହୀ, ଦେବ ଦର୍ଶନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ବିଧାୟକଙ୍କ ଗିରଫ ଦାବି କଲା ବିଜେଡି



**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପାଇଁ ରକ୍ତମୁଖା ସାଜିଛି ବିଜେପି। ଶାନ୍ତିପ୍ରିୟ ଓଡ଼ିଶାରେ ୟୁପି, ବିହାର ଭଳି ନିର୍ବାଚନୀ ହିଂସା ଆରମ୍ଭ କରିଛି ଶାସକ ବିଜେପି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୋମନା ବ୍ଲକ୍‌ରେ ବିଜେପି ବିଧାୟକ ରଘୁରାମ ମାଛଙ୍କ ପିଏସ୍‌ଓଙ୍କ ଦ୍ୱାରା ଫାଙ୍କା ଗୁଳିଚାଳନା। ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି ବିଜେଡି କହିବା ସହ ଏହାକୁ ନିନ୍ଦା କରିଛି। ଏହାକୁ ନୂଆପଡ଼ାବାସୀ କଦାପି ବରଦାସ୍ତ କରିବେ ନାହିଁ ବୋଲି ବିଜେଡି ନେତ୍ରୀ ଡ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଛନ୍ତି ଯେ ହିଂସାକାଣ୍ଡ ଘଟାଇବା ସହ ପ୍ରଶାସନକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି ବିଜେପି। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତିପାରିବେ ନାହିଁ ବୋଲି ବିଜେପି ଜାଣିସାରିଲାଣି। ସେଥିପାଇଁ ପ୍ରତିପକ୍ଷ ଦଳର ନେତାଙ୍କୁ ଧମକାଇବା, ଗୁଳି ଚଳାଇବା ଭଳି କାର୍ଯ୍ୟ ଜରିଆରେ ଆତଙ୍କର ବାତାବରଣ ସୃଷ୍ଟି କରାଯାଉଛି। ତେଣୁ ତୁରନ୍ତ ବିଧାୟକଙ୍କୁ ଗିରଫ କରିବା ସକାଶେ ସେ ଦାବି କରିଛନ୍ତି। ଏଥିସହ ବନ୍ଧୁକ ମୂନରେ ନିର୍ବାଚନ ଜିତିବା ପାଇଁ ବିଜେପି ଉଦ୍ୟମ କରୁଛି ବୋଲି ମଧ୍ୟ ଡ. ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

# ଆଭାସୀରେ ନିଶ୍ଚିନ୍ତକୋଇଲି ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୧।୧୧(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ ୪୪ଟି ଉପନିବନ୍ଧକ କାର୍ଯ୍ୟାଳୟର ଲୋକାର୍ପଣ କରିଥିଲେ। ଏହି ୪୪ଟି ଉପନିବନ୍ଧକ କାର୍ଯ୍ୟାଳୟ ମଧ୍ୟରୁ ନିଶ୍ଚିନ୍ତକୋଇଲି ଅନ୍ୟତମ। ଏହି ପ୍ରରୀପେକ୍ଷୀରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଭାସୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ କହିଛନ୍ତି ଯେ ୧୬ ମାସର ବିଜେପି ସରକାର ଅମଳରେ ଯଥେଷ୍ଟ ଲୋକାଭିମୁଖୀ କାର୍ଯ୍ୟ ହୋଇଛି। ଏବକାର ସରକାର ଲୋକମାନଙ୍କୁ ସେମାନଙ୍କ ଘର ପାଖରେ ପ୍ରଶାସନିକ ସେବା ଯୋଗାଇବା ଦିଗରେ ତା'ର ପ୍ରଚେଷ୍ଟା ଜାରି ରଖିଛି। ବିଜେପି ସରକାର ତା'ର ୫ ବର୍ଷର ଶାସନ କାଳ ଭିତରେ ସମସ୍ତ ମୌଳିକ ସେବା ଲୋକମାନଙ୍କ ପାଖରେ ପହଞ୍ଚାଇବାର ଲକ୍ଷ୍ୟ ନେଇ ରାଜ୍ୟରେ କାର୍ଯ୍ୟ କରୁଛି ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ତହସିଲଦାର ଦମୟନ୍ତୀ ସାହୁ, ବିଡିଓ ଦ୍ୱିବ୍ୟେନ୍ଦୁ ଦାସ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର ଉପସ୍ଥିତ ଥିଲେ। ପରେ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ନୂତନ ଉପନିବନ୍ଧକ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ କରିଥିଲେ। ଉଦ୍‌ଘାଟନ ସମୟରେ ବିଧାୟକଙ୍କ ସହ ନିଶ୍ଚିନ୍ତକୋଇଲି ତହସିଲଦାର ଉପସ୍ଥିତ ଥିଲେ।



# ଟେନିସକୁ ବୋପାନ୍ନାଙ୍କ ଗୁଡବାଏ

**ନୂଆଦିଲ୍ଲୀ,୧।୧୧:** ଭାରତୀୟ ଟେନିସ୍ ଜଗତକୁ ଶକ୍ତ ଝଟ୍‌କା। ଅବସର ଘୋଷଣା କରିଛନ୍ତି ଦମଦାର୍ ଟେନିସ ତାରକା ରୋହନ ବୋପନ୍ନା। ଏନେଇ ସେ ପ୍ରଥମେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଦୀର୍ଘ ୨୦ ବର୍ଷ ଧରି ସେ ଟେନିସ ଜଗତ ସହ ଜଡିତ ଥିଲେ। ରିଟାୟାରମେଣ୍ଟ ଘୋଷଣା ପରେ ଏବେ ତାହା ଶେଷ ହୋଇଯାଇଛି। ଶେଷ ଥର ପାଇଁ ପ୍ୟାରିସରେ ଅନୁଷ୍ଠିତ ପ୍ୟାରିସ୍ ମାଷ୍ଟର୍ସ ୧୦୦୦ରେ ଭାଗ ନେଇଥିଲେ ରୋହନ ବୋପନ୍ନା। ଯେଉଁଥିରେ ଆଲେକଜାଣ୍ଡର ବବଲିକଙ୍କ ସହ ସେ ମିଳିତ ଭାବେ ଖେଳିଥିଲେ। ଅବସରକୁ ନେଇ ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେଉଁ ଖେଳ ତାଙ୍କ ଜୀବନକୁ ଏକ ଅର୍ଥ ପ୍ରଦାନ କରିଛି ତାହାଠାରୁ ସେ କେମିତି ବିଦାୟ ନେବେ। ୨୦ ବର୍ଷ ପରେ ଏବେ ରାକେଟ୍ ତ୍ୟାଗ କରିବା ନେଇ ସମୟ ଆସିଛି। ଭାରତ ପାଇଁ ପ୍ରତିନିଧିତ୍ୱ କରିବା ତାଙ୍କ ଜୀବନର ସବୁଠୁ ବଡ ସମ୍ମାନ ଅଟେ। କୋର୍ଟରେ ଖେଳିବା ସମୟରେ ସବୁବେଳେ ଦେଶ ଏବଂ ତ୍ରିରଙ୍ଗା ପାଇଁ ସେ ଖେଳୁଥିବା ଉଲ୍ଲେଖ କରିଛନ୍ତି। ରୋହନ ବୋପନ୍ନା ଭାରତୀୟ ଟେନିସକୁ ଏକ ନୂଆ ଦିଗ ଦେଇଥିଲେ। ୨୦ ବର୍ଷର ଲମ୍ବା କ୍ୟାରିଅରରେ ସେ ଅନେକ ସଫଳତା ସାଉଁଟିଥିଲେ। ଡବଲ୍ସ ସ୍ପେଶାଲିଷ୍ଟ ଭାବରେ ବିଶ୍ୱସ୍ତରରେ ସର୍ବଶ୍ରେଷ୍ଠ ଖେଳାଳି ଭାବେ ତାଙ୍କର ଖ୍ୟାତି ରହିଥିଲା। ସେ ଦୁଇଟି ଗ୍ରାଣ୍ଡ୍ ସ୍ଲାମ୍ ଚାମ୍ପିଅନ ହେବା ସହ ଅନେକ ଅନ୍ତର୍ଜାତୀୟ ମଂଚରେ ଦେଶର ଗରିମା ବୃଦ୍ଧି କରିଥିଲେ। ତାଙ୍କ ପାଇଁ ବୟସ କେବଳ ଏକ ନମ୍ବର୍ ଥିଲା। ୪୦ ବର୍ଷରେ ବି ସେ ଫିଟ୍ ରହିଥିଲେ। ଏପରିକି ଗ୍ରାଣ୍ଡ୍ ସ୍ଲାମ୍ ଫାଇନାଲରେ ସ୍ଥାନ ପକ୍କା କରିଥିଲେ। ଯାହା ଅନ୍ୟ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣା ଥିଲା। ୨୦୧୭ରେ ବୋପନ୍ନା ଫ୍ରାନ୍ସ ଓପନ ଡବଲ୍ସରେ ବିଜୟୀ ହୋଇଥିଲେ। ୨୦୨୪ରେ ମାଥ୍ୟୁ ଏବଡନଙ୍କ ସହ ଅଷ୍ଟ୍ରେଲିଆନ୍ ଓପନ ଜିତି ଇତିହାସ ରଚନା କରିଥିଲେ।



ରିସା ମାଙ୍କଡିଆଙ୍କ ଅନାହାର ମୃତ୍ୟୁ ପ୍ରସଙ୍ଗ

# ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ରାଜ୍ୟ କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ରାଂସୋଳ ଗ୍ରାମ ପଞ୍ଚାୟତର ମଲ୍ଲାହାର ସାହି ୧୦ ନମ୍ବର ୱାର୍ଡର ରିସା ମାଙ୍କଡ଼ିଆ ଗତ ୨୨ ତାରିଖରେ ଅନାହାରରେ ମୃତ୍ୟୁବରଣ କରିଥିଲେ। ଗତ ୨୮ ତାରିଖରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶରେ ବିଧାୟକ ଦଳର ଉପନେତା ଅଶୋକ ଦାସଙ୍କ ନେତୃତ୍ୱରେ ମଲ୍ଲାହାର ସାହିରେ ତଥ୍ୟ ଅନୁସନ୍ଧାନକାରୀ ଦଳ ପହଞ୍ଚି ପରିବାରକୁ ଭେଟିବା ସହ ଗତ ୩୦ରେ ଯାଜପୁର ଜିଲ୍ଲାପାଳଙ୍କୁ ଜିଲ୍ଲା କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଅଭିଯୋଗ କରାଯାଇଥିଲା। କିନ୍ତୁ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଆଜି ରାଜ୍ୟପାଳଙ୍କୁ ଏକ ୧୭ ଜଣିଆ ପ୍ରତିନିଧି ଦଳ ଭେଟି ୪ଟି ଦାବି ଉପସ୍ଥାପନ କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନା ମାଙ୍କିଡିଆଙ୍କ ନିକଟରେ ପହଞ୍ଚାଇବା, ସେମାନଙ୍କୁ ତୁରନ୍ତ ଥଇଥାନ କରିବା, ପକ୍କାଘର ଓ ବିଶୁଦ୍ଧ ପାଣି ସହ ସ୍ୱାସ୍ଥ୍ୟ ଏବଂ ଗାଁକୁ ରାସ୍ତା ଯୋଗାଇଦେବା ଏବଂ ଜଙ୍ଗଲ ଜମି ମାଙ୍କିଡିଆମାନଙ୍କୁ ୨୦୦୬ ଆଇନ୍ ଅନୁଯାୟୀ ଯୋଗାଇ ଦେବା ସକାଶେ ପ୍ରତିନିଧି ଦଳ ଦାବି କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ସୃଜନ ଅଭିଯାନର ଉପାଧ୍ୟକ୍ଷ ସୁଧାଂଶୁ ଦେଓ, ରାଜ୍ୟ ପ୍ରଦେଶ କଂଗ୍ରେସ ମୁଖପାତ୍ର ହିଂମାଂଶୁ ଲେଙ୍କା, ଯାଜପୁର ଜିଲ୍ଲା ସଭାପତି ମାଗୁଣି ଚରଣ ଜେନା, ଏଆଇସିସି ସଭ୍ୟ ମଧୁସ୍ମିତା ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲା ସଭାପତି ମନୋଜ ରାଉତ, ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସ୍ୱର୍ଣ୍ଣ ବନାରା, ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ହିନ୍ଦୁ ଜାମୁଦା ଓ ବିଭୁ ପ୍ରସାଦ ରାଉତ ପ୍ରମୁଖ ସାମିଲ୍ ଥିଲେ।

● ଜାତୀୟ ରାଜପଥ ନିର୍ମାଣ ପ୍ରକଳ୍ପର ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

# ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ଚାଲିଥିବା ୧୬ଟି ଜାତୀୟ ରାଜପଥ ପ୍ରକଳ୍ପର ନିର୍ମାଣ ଅଗ୍ରଗତି ନେଇ ସ୍ଥିତି ସମୀକ୍ଷା କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଆଜି ସନ୍ଧ୍ୟାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପର ଟିକିନିକି ସ୍ଥିତି ଯାଞ୍ଚ କରିବା ସହ କାର୍ଯ୍ୟକୁ ତ୍ୱରିତ ବେଗରେ ଆଗେଇ ନେବା ନେଇ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପ ଗୁଡ଼ିକ ଲାଗି ଆସୁଥିବା ସମସ୍ୟା ଯେପରିକି ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ ଏବଂ ପରିବେଶ ମଞ୍ଜୁରୀ ଆଦି କିଭଳି ଶୀଘ୍ର ଦୂର କରାଯାଇ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇହେବ ସେଥିନେଇ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ସମେତ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓତା,ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ସଚିବ ମଧୁସ୍ମିତା ସାହୁ, ଦିଗନ୍ତ ରାଉତରାୟ, ସୁରଞ୍ଜନ ପ୍ରଧାନ,ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଆଞ୍ଚଳିକ ଅଧିକାରୀ ବିରେନ୍ଦ୍ର ସିଂହ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ ସୁନିଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା...

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଯାହା ପୂର୍ବରୁ ବର୍ଷ ବର୍ଷ ସମୟ ଲାଗୁଥିଲା, ତାହା ଏବେ ମାସକରେ ସମ୍ପୂର୍ଣ୍ଣ ହେଉଛି। ଏହା ହିଁ ନୂତନ ଭାରତର ଗତି ଓ ଶକ୍ତି। ବେଙ୍ଗାଲୁରୁ ପରେ ଆଜି ଓଡ଼ିଶା ଭାରତର ନୂତନ ଇଲେକ୍ଟ୍ରୋନିକ୍ସ ଓ ଆଇଟି ରାଜଧାନୀ ଭାବେ ଉଭା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଚିପ୍‌ରୁ ସିପ୍ ପର୍ଯ୍ୟନ୍ତ ସବୁ ମିଶନରେ ଆଗକୁ ବଢୁଛି। ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଆତ୍ମନିର୍ଭରଶୀଳତାର ଓଡ଼ିଶା ଏକ ନୂତନ କାହାଣୀ ସୃଷ୍ଟି କରୁଛି। ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ମିଶନ୍‌ର ସଫଳତାରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଦିଲ୍ଲୀରେ ମଧ୍ୟ ଦୁଇଟି କମ୍ପାନୀ ଓଡ଼ିଶାରେ ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ଚୁକ୍ତି କରିଥିଲେ। ଆଗାମୀ ଦିନରେ ସେମାନେ ପ୍ରାୟ ୩ ହଜାର କୋଟି ଟଙ୍କା ନିବେଶ କରିବେ। ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡ଼ିଶା ଏକ ହବ୍ ଭାବେ ପରିଗଣିତ ହେବ।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଇଟି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ପାଇଁ ସେମିକଣ୍ଡକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଥିବା ବେଳେ ଓଡିଶା ଏହି ଗୁରୁ ଦାୟିତ୍ୱ ବହନ କରି ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତର ସ୍ୱପ୍ନକୁ ସାକାର କରୁଛି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କର୍ମଲ୍‌କର୍, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରୀଜ୍‌ର ମ୍ୟାନେଜିଂ ଡାଇରେକ୍ଟର ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଗୁରୁ ଥାଲ୍ଲାପାନେନୀ, କ୍ଲାସ୍-ସିକ୍ ୱାଫର୍ ଫ୍ୟାବ୍ ଲିମିଟେଡର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ମିସ୍ ଜେନିଫର୍ ୱାଲ୍‌ସ ଉପସ୍ଥିତ ଥିଲେ।

## ଆଜି...

ଟ୍ରଫି ନିକଟତର କରାଇବାରେ ଅଧିନାୟିକା ତଥା ଓପନର ଲୌରା ଉଲ୍‌ଭାର୍ଟଙ୍କର ପ୍ରମୁଖ ଭୂମିକା ରହିଛି। ସେମିଫାଇନାଲ୍‌ରେ ସେ ୧୬୯ ରନ୍‌ର ବିଶାଳ ଇନିଂସ ଖେଳି ଇଂଲଣ୍ଡର ସମସ୍ତ ଆଶାରେ ପାଣି ଭରିଦେଇଥିଲେ। ସେହିପରି ବୋଲିଂରେ ସେମିଫାଇନାଲ୍‌ରେ ଇଂଲଣ୍ଡ ମାତ୍ର ୧୯୪ ରନ୍‌ରେ ଅଲ୍‌ଆଉଟ୍ ହେବା ପଛରେ ଅଭିଜ୍ଞ ପେସର୍ ମାରିଜେନ୍ କାପ୍‌ଙ୍କ ୫ ୱିକେଟ୍‌ର ସଫଳତା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ତେଣୁ ଉଭୟ ଖେଳାଳି ସେମାନଙ୍କ ସମାନ ପ୍ରଦର୍ଶନ ଆସନ୍ତାକାଲି ଦୋହରାଇପାରିଲେ, ଦକ୍ଷିଣ ଆଫ୍ରିକା ହୋଇପାରିବ ନୂଆ ବିଶ୍ୱ ଚାମ୍ପିଅନ୍।

ଏଥିସହ ଚଳିତ ବିଶ୍ୱକପ୍‌ରେ ପ୍ରଥମ ଥର ପାଇଁ ଦୁଇଟି ନୂଆ ଦଳ ଫାଇନାଲ୍‌ରେ ପହଞ୍ଚିଛନ୍ତି। ତେଣୁ ଆସନ୍ତାକାଲି ବିଶ୍ୱ ଦେଖିବ ନୂଆ ବିଶ୍ୱକପ୍ ବିଜେତା। ଏଥିସହ ଆସନ୍ତାକାଲିର ମ୍ୟାଚ୍‌ଟି ପ୍ରଥମ ଫାଇନାଲ୍ ଯେଉଁଥିରେ ନା ଅଷ୍ଟ୍ରେଲିଆ ନା ଇଂଲଣ୍ଡ ଭାଗ ନେଉଛନ୍ତି। ଏହା ପୂର୍ବରୁ ଭାରତ ଦୁଇ ଥର ଫାଇନାଲ୍‌ରେ ପହଞ୍ଚିଥିଲେ ହେଁ ୨୦୦୫ରେ ଏହା ଅଷ୍ଟ୍ରେଲିଆଠାରୁ ଓ ୨୦୧୭ରେ ଇଂଲଣ୍ଡଠାରୁ ପରାସ୍ତ ହୋଇ କେବଳ ରନର୍ସଅପ୍‌ରେ ରହିଯାଇଛି। ଉଭୟ ମ୍ୟାଚ୍‌ରେ ଭାରତର ନେତୃତ୍ୱ ନେଇଥିଲେ ମିତାଲି ରାଜ୍। ଏପରି ସ୍ଥିତିରେ ହରମନ୍‌ପ୍ରୀତ୍ କୌର୍‌ଙ୍କ ଟିମ୍ ଇତିହାସ ପୃଷ୍ଠାରେ ନିଜ ନାମ ଦରଜ କରିବାକୁ ଆପ୍ରାଣ ଉଦ୍ୟମ କରିବ, ଏହା କହିବା ବାହୁଲ୍ୟ ମାତ୍ର।

ସେହିପରି ଗତ ସଂସ୍କରଣ ତୁଳନାରେ ଚଳିତ ବର୍ଷର ଚାମ୍ପିଅନ୍ ଓ ରନର୍ସଅପ୍ ଟିମ୍ ପାଖାପାଖି ଅଢ଼େଇ ଗୁଣା ଅଧିକ ପୁରସ୍କାର ରାଶି ଲାଭ କରିବେ। ଚାମ୍ପିଅନ୍ ଟିମ୍‌କୁ ୩୭.୩ କୋଟି ମିଳିବାକୁ ଥିବା ବେଳେ ରନର୍ସଅପ୍ ଟିମ୍ ପାଇବ ୨୦ କୋଟି। କିନ୍ତୁ ଗତ ୨୦୨୨ ସଂସ୍କରଣରେ ଚାମ୍ପିଅନ୍ ଅଷ୍ଟ୍ରେଲିଆ ୧୧ କୋଟି ପାଇଥିବା ବେଳେ ରନର୍ସଅପ୍ ଇଂଲଣ୍ଡ ପାଇଥିଲା ୫ କୋଟି। ଏହାଛଡ଼ା ଚଳିତ ସଂସ୍କରଣର ଦୁଇ ବିଦାୟ ନେଇଥିବା ସେମିଫାଇନାଲିଷ୍ଟଙ୍କୁ ଗତ ସଂସ୍କରଣର ଅଢ଼େଇ କୋଟି ତୁଳନାରେ ୯.୩ କୋଟି ଟଙ୍କା ଲେଖାଏଁ ପାଇବେ।

## ପୂର୍ବୋଦୟର ...

ସେ ଆହୁରି କହିଛନ୍ତି ଯେ ସମୁଦ୍ର ତଳ କେବୁଲ କ୍ଷେତ୍ରରେ ମଧ୍ୟ ଦେଶରେ ଯଥେଷ୍ଟ ସମ୍ଭାବନା ରହିଛି। ଗତ ଶତାବ୍ଦୀରେ ସିଙ୍ଗାପୁର ଭଳି ଆଣ୍ଡାମାନ ଓ ନିକୋବାର ଦ୍ୱୀପ ନିକଟରେ ମଧ୍ୟ ବିଶ୍ୱ ଡାଟା ସେଣ୍ଟର କେନ୍ଦ୍ରସ୍ଥଳୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି କ୍ଷେତ୍ର ଦେଇ ଭାରତର ଦକ୍ଷିଣ ଉପକୂଳ, ମ୍ୟାଁମାର ଓ ଉତ୍ତର-ପୂର୍ବ ଭାରତ ଓ ଦକ୍ଷିଣ ପୂର୍ବ ଏସିଆକୁ ସମୁଦ୍ର ତଳ କେବୁଲ ସଂଯୋଗ କରାଯାଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେହିପରି ଏଆଇ ଗତ କିଛି ବର୍ଷ ମଧ୍ୟରେ ବ୍ୟାପକ ପରିବର୍ତ୍ତନ ଆଣିଥିବା ପରିପ୍ରେକ୍ଷୀରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଓଡ଼ିଶାରେ ଏଆଇ ତାଲିମ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇପାରିବ। ସେମିକଣ୍ଡକ୍ଟର ତାଲିମ ପାଇଁ ଭାରତ ସରକାର ଓଡ଼ିଶାକୁ ବହୁ ପରିମାଣରେ ଅନୁଦାନ ଯୋଗାଇଦେଇଛନ୍ତି। ସାରା ଦେଶରେ ୨୯୮ଟି ବିଶ୍ୱବିଦ୍ୟାଳୟ ରହିଛି, ଯେଉଁଠାରେ ସେମିକଣ୍ଡକ୍ଟର ତାଲିମ ଦିଆଯାଉଛି। ଓଡ଼ିଶାର ଦୁଇଟି ଶିକ୍ଷାନୁଷ୍ଠାନ ରାଉରକେଲା ଏନଆଇଟି ଓ ବ୍ରହ୍ମପୁର ଇଞ୍ଜିନିୟରିଂ କଲେଜର ପିଲାମାନେ ଚିପ୍ ଡିଜାଇନ କରିବା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ପାଇଁ ଦୂରଦର୍ଶୀ ନୀତି ପ୍ରଣୟନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ କେନ୍ଦ୍ର ମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ।

## ଭିଡ଼...

ଏକାଧିକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଭିଡ଼କୁ ନିୟନ୍ତ୍ରଣ କରିବା ସହ ଦର୍ଶନ କରିସାରିଥିବା ଭକ୍ତଙ୍କୁ ତୁରନ୍ତ ବାହାରକୁ ପଠାଇବେ। ପଞ୍ଚୁକ ଓ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୁରୀ ବେଳାଭୂମିରେ ୨୦ ପ୍ଲାଟୁନ ପୁଲିସ ଫୋର୍ସ ସହ ଲାଇଫ ଗାର୍ଡମାନଙ୍କୁ ମୁତୟନ କରାଯିବ। ଏନେଇ ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି ଯେ ପଞ୍ଚୁକ ଓ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଶ୍ରୀମନ୍ଦିରରେ ପୂର୍ବ ଅପେକ୍ଷା ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ଓ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଭିଡ଼ ନିୟନ୍ତ୍ରଣ ସହଜ ହେବ। ଫଳରେ ଦଳାଚକଟା ସ୍ଥିତି ଉପୁଜିବ ନାହିଁ। ଶ୍ରୀମନ୍ଦିର ଭିତରେ ଓ ବାହାର ବେଢ଼ାକୁ ଫାଙ୍କା ରଖିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ମୁତୟନ ରହିବେ। ତେବେ ବରିଷ୍ଠ ପୁଲିସ ଅଧିକାରୀମାନେ ମଧ୍ୟ ଶ୍ରୀମନ୍ଦିର ଭିତରେ ୨୪ ଘଣ୍ଟା ଦାୟିତ୍ୱରେ ରହିବେ। କୌଣସି ଜରୁରୀ ପରିସ୍ଥିତିରେ ଭିଏଚଏଫ୍ ଦ୍ୱାରା ଯୋଗାଯୋଗ କରାଯିବ। ନାଟମଣ୍ଡପରେ ଭିଡ଼ ନିୟନ୍ତ୍ରଣ ପାଇଁ ଅଭିଜ୍ଞ ପୁଲିସ ଅଧିକାରୀ ମଧ୍ୟ ମୁତୟନ ରହିବେ।

ସେହିପରି ଟ୍ରାଫିକ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦୁଇଚକିଆ ଯାନଗୁଡିକ ମାର୍କେଟ ଛକ ମ୍ୟୁନିସିପାଲିଟିଠାରେ ଥିବା ପାର୍କିଂରେ ରହିବେ। ଚାରିଚକିଆ ଗାଡ଼ିଗୁଡିକର ପାର୍କିଂ ଜଗନ୍ନାଥ ବଲ୍ଲଭ, ଜେଲ୍ ରୋଡରେ ହେବ। କୋଣାର୍କ ପଟୁ ଆସୁଥିବା ଗାଡ଼ିଗୁଡିକ ତାଳବଣିଆରେ ପାର୍କିଂ କରିବେ। ବିଭିନ୍ନ ପ୍ରବେଶ ପଥରେ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହି ଟ୍ରାଫିକ ପରିଚାଳନା କରିବେ। ପୁରୀ ବେଳାଭୂମିର ଦିଗବାରେଣି ଛକଠାରୁ ଯାତ୍ରୀକା ପର୍ଯ୍ୟନ୍ତ ନୋ ଭେହିକିଲ୍ ଜୋନ୍ ରହିବ। ଦିଗବାରେଣି ଓ ଯାତ୍ରୀକା ପାର୍କିଂରେ ଯାତ୍ରୀମାନେ ସେମାନଙ୍କ ଗାଡ଼ି ପାର୍କିଂ କରିପାରିବେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନୋ ଭେହିକିଲ୍ ଜୋନ୍ ରହିବ। କାର୍ତ୍ତିକ ପୂର୍ଣ୍ଣିମାରେ ମେଡିକାଲ ଛକଠାରୁ ଶ୍ରୀମନ୍ଦିର ଯାଏଁ ନୋ ଭେହିକିଲ୍ ଜୋନ୍ ରହିବ ବୋଲି ପୁରୀ ଏସପି କହିଛନ୍ତି।

## ଗିରଫ...

କରିଦେଇଥିଲା। ସେପ୍ଟେମ୍ବର ୨୯ ତାରିଖରେ ନିଯୁକ୍ତି ପରୀକ୍ଷା ଅନିୟମିତତା ପଦାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ତୁରନ୍ତ କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଏହା ଏକ ଅନ୍ତଃରାଜ୍ୟ ର୍ୟାକେଟ ହୋଇଥିବାରୁ ଗତ ୨୨ ତାରିଖରେ ମାମଲା ସିବିଆଇକୁ ହସ୍ତାନ୍ତର କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ଗତ ୨୭ ତାରିଖରେ ରାଜ୍ୟ ସରକାର ହାଇକୋର୍ଟକୁ ଏକ ସତ୍ୟପାଠ ଜରିଆରେ ମଧ୍ୟ ଏହା ଅବଗତ କରିଛନ୍ତି। ଏଥିସହ ସିବିଆଇ ନିର୍ଦ୍ଦେଶକଙ୍କୁ ମଧ୍ୟ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଦିଲ୍ଲୀ ପୁଲିସ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ-୧୯୪୬ର ଧାରା-୬ ଅନ୍ତର୍ଗତ ବିଜ୍ଞପ୍ତି ଜାରି କରି ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାର ବିଧିବଦ୍ଧ ଅନୁମତି ଦେଇଥିବା ନେଇ ମଧ୍ୟ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା।

୯୩୩ଟି ପୁଲିସ ଏସଆଇ ପଦବୀ ନିମନ୍ତେ ଓଡ଼ିଶା ପୁଲିସ ଗତ ୨୦୨୪ ସେପ୍ଟେମ୍ବର ୨୭ ତାରିଖରେ ବିଧିବଦ୍ଧ ଟେଣ୍ଡର ଜାରି କରିଥିଲା। ଆଇଟିଆଇ ଲିମିଟେଡ୍ ଓ ଟିସିଆଇଏଲ୍ ନାମକ ଦୁଇଟି କମ୍ପାନୀ ଟେକିନକାଲ ବିଡିଂ ପ୍ରକ୍ରିୟାରେ ସଫଳ ହେବା ପରେ ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କ୍ରୟ କମିଟି ୨୦୨୪ ଡିସେମ୍ବର ୧୧ ତାରିଖରେ ଆଇଟିଆଇ ଲିମିଟେଡକୁ ପ୍ରତ୍ୟେକ ଆବେଦନ ପିଛା ୨୪୫ ଟଙ୍କା ଓ ଜିଏସଟି ହିସାବରେ ପରୀକ୍ଷା ପରିଚାଳନା ନିମନ୍ତେ ଏଣ୍ଡଟୁଏଣ୍ଡ ସେବା ପ୍ରଦାନ ନିମନ୍ତେ ଚୟନ କରିଥିଲା। ଆଉ ଏହି ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍ ନିଜର ପାର୍ଟନର ଚୟନ ନିମନ୍ତେ ୨୦୨୪ ଅକ୍ଟୋବର ୧୫ ଏବଂ ୨୦୨୫ ଜୁନ୍ ୧୨ରେ ଟେଣ୍ଡର ଡାକି ବାତିଲ କରିବା ପରେ ପୁଣିଥରେ ୨୦୨୫ ଜୁଲାଇ ୯ ତାରିଖରେ ଟେଣ୍ଡର ଡାକି ସିଲିକନ ଟେକଲାବ୍‌କୁ ଚୟନ କରିଥିଲା । ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ ତାରିଖରେ ନିର୍ଦ୍ଧାରିତ ପରୀକ୍ଷାକୁ ଦିନକ ପୂର୍ବରୁ ବାତିଲ କରାଯିବା ପରେ ଓପିଆରବିର ତତ୍କାଳୀନ ଅଧ୍ୟକ୍ଷ ସନ୍ତୋଷ ଉପାଧ୍ୟାୟ ନିଜର କାର୍ଯ୍ୟକାଳ ବର୍ଷେ ଥାଇ ସୁଦ୍ଧା ଏପ୍ରିଲ ୩୦ ତାରିଖରେ ଇସ୍ତଫା ଦେଇଥିଲେ। ତା'ପରେ ସିଲିକନ୍ ଟେକଲାବ ଓ ପଞ୍ଚସଫ୍ଟ କମ୍ପାନୀର ଏଣ୍ଟ୍ରି ହୋଇଥିଲା। ତେବେ ଆଇଟିଆଇକୁ ନିଜର ପାର୍ଟନର ପରିବର୍ତ୍ତନ ପାଇଁ କିଏ ବାଧ୍ୟ କରୁଥିଲା ଓ କାହା ନିର୍ଦ୍ଦେଶରେ ସେ ନିଜର ପାର୍ଟନର ଚୟନ କରୁଥିଲା ଓ ସେସବୁ ସଂସ୍ଥାର ବିଶ୍ୱସନୀୟତା କ'ଣ ରହିଥିଲା, ତା'ର ଖୋଳତାଡ଼ରେ କ୍ରାଇମବ୍ରାଂଚ ସକ୍ଷମ ହୋଇନାହିଁ। ଏଥିସହ ୯୩୩ଟି ଏସଆଇ ପଦବୀ ପାଇଁ ଏକ ଲକ୍ଷ ୫୩ ହଜାର ଆଶାୟୀ ଆବେଦନକାରୀଙ୍କ ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲିହୋଇଯାଇଛି ।

## ଏଯାଏଁ...

କହିଛି। କୋମନାରେ ଜିତୁ ଆଡ଼ବାଙ୍ଗ ନାମକ ଯୁବକଙ୍କୁ ବବି ଦାସ ଓ ବିଧାୟକ ଅଧିରାଜ ପାଣିଗ୍ରାହୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଥାନାରେ ଏତଲା ଦିଆଯିବା ପରେ ପୁଲିସ ମାମଲା ରୁଜୁ କରିଛି।

ଜିତୁ ଆଡ଼ବାଙ୍ଗ ଘର କୋମନାର ପାଇକପଡ଼ାର ବାସିନ୍ଦା। ସେ ତାଙ୍କ ଏଫଆଇଆରରେ ଲେଖିଛନ୍ତି ଯେ ଅକ୍ଟୋବର ୩୦ ତାରିଖ ଅପରାହ୍ନ ୨ଟା ବେଳେ ବବି ଦାସ ଓ ଅଧିରାଜ ପାଣିଗ୍ରାହୀ ତାଙ୍କୁ ବିଜେଡି ନେତା ମନୋଜ ମିଶ୍ରଙ୍କ ଫାର୍ମ ହାଉସକୁ ଡକାଇଥିଲେ। ସେ ସେଠାରେ ପହଞ୍ଚିବା ପରେ ବବି ଦାସ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ଆଗରୁ ତ ବିଜେଡିରେ ବୁଲୁଥିଲୁ, ଏବେ କାହିଁକି ବିଜେପିରେ ବୁଲୁଛୁ ବୋଲି ପଚାରିଥିଲେ। ତା'ପରେ ବବି ତାଙ୍କ ଶାର୍ଟ କାଲରକୁ ଧରି ଘୋଷାଡ଼ି ନେବା ସହ ମାଡ଼ ମାରିଥିଲେ। ତା'ସହିତ ତାଙ୍କୁ ଓ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ କହିଥିଲେ।

ଅଭିଯୋଗକାରୀ ଆହୁରି ଲେଖିଛନ୍ତି, ମୋର ଯାହା ଇଚ୍ଛା ମୁଁ କରିବି ବୋଲି କହିବାରୁ ବବି ଦାସ ଓ ଅଧିରାଜ ପାଣିଗ୍ରାହୀ ମୋ ତଣ୍ଟିକୁ ଚିପି ମୋ ମୁହଁକୁ ଧରି ବହୁତ ମାଡ଼ ମାରିଥିଲେ। ତେବେ ଠିକଣା ସମୟରେ କୋମନା ଆଇଆଇସି ସେଠାରେ ପହଞ୍ଚି ମୋତେ ଉଦ୍ଧାର କରିଥିଲେ। ନହେଲେ ଆଜି ମୁଁ ବଞ୍ଚି ନଥା'ନ୍ତି। ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଜିତୁ ଆଡ଼ବାଙ୍ଗ ପୁଲିସକୁ ଅନୁରୋଧ କରିଛନ୍ତି।

## ୯ ଶ୍ରଦ୍ଧାଳୁ...

ମିଳିଥିବା ସୂଚନାନୁସାରେ, ଉକ୍ତ ମନ୍ଦିରରେ ପବିତ୍ର କାର୍ତ୍ତିକ ମାସ ଯୋଗୁଁ ପ୍ରବଳ ମାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଭିଡ଼ ଏତେ ଅଧିକ ଥିଲା ଯେ ପ୍ରଶାସନ ସ୍ଥିତିକୁ ନିୟନ୍ତ୍ରଣରେ ରଖିପାରିନଥିଲା। ଫଳତଃ ଶ୍ରଦ୍ଧାଳୁମାନେ ପରସ୍ପର ସହ ଧକ୍କା ହୋଇ ତଳେ ପଡ଼ିଯାଇଥିଲେ। ତେବେ ଏହା ଏକ ଘରୋଇ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେଉଥିବା ବେଳେ ମନ୍ଦିରରେ ଭକ୍ତଙ୍କ ଦର୍ଶନ ପାଇଁ ଯଥେଷ୍ଟ ବ୍ୟବସ୍ଥା ହୋଇନଥିଲା। ତା'ଛଡ଼ା ମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଭକ୍ତମାନଙ୍କ ସୁରକ୍ଷା ପାଇଁ ସେପରି କୌଣସି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିଲା। ତେବେ ଦଳାଚକଟା ଘଟଣା ଘଟିବା ପରେ ସେଠାରେ ଉଦ୍ଧାର କାର୍ଯ୍ୟ ଚାଲିବା ସହ ରିଲିଫ୍ କାର୍ଯ୍ୟରେ ସହାୟତା କରିବା ପାଇଁ ଅତିରିକ୍ତ ପୁଲିସ ଫୋର୍ସ ମୁତୟନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ନାଇଡୁ ଏପରି ଅଘଟଣରେ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇଦେବା ସକାଶେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିପରି ଖବର ପାଇ ରାଜ୍ୟ କୃଷି ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ମନ୍ଦିର କର୍ତ୍ତୃପକ୍ଷଙ୍କ ସହ କଥା ହୋଇଥିବା ଜଣାପଡ଼ିଛି।

ସେହିପରି ଏହି ଅଘଟଣ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଦୁର୍ଘଟଣାରେ ଅନେକ ପ୍ରାଣ ହରାଇବା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି କହିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି।

ଏଥିସହ ରାଷ୍ଟ୍ରପତି ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ମଧ୍ୟ ପ୍ରାର୍ଥନା କରିଛନ୍ତି। ଏହାଛଡ଼ା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗଭୀର ଦୁଃଖ ପ୍ରକାଶ କରି ସୋସିଆଲ ମିଡିଆ 'ଏକ୍ସ'ରେ ଲେଖି କରିଛନ୍ତି ଯେ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଦଳାଚକଟା ଘଟଣାରେ ସେ ଗଭୀର ଭାବେ ଦୁଃଖିତ।

ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି, ସେମାନଙ୍କ ପରିବାର ସହ ତାଙ୍କ ସମବେଦନା ରହିଛି। ଆହତ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ସେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିବା ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି। ଏଥିସହ ସେ ମୃତାହତଙ୍କ ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୃତକଙ୍କ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ସେହିପରି ଆହତମାନଙ୍କୁ ମଧ୍ୟ ୫୦ ହଜାର ଟଙ୍କା ଲେଖାଏଁ ମିଳିବ।

## ୧୧ ଫୁଟର ଅଜଗର ସାପ ଉଦ୍ଧାର



**ବ୍ରହ୍ମପୁର,୧।୧୧ (ସଂଚାର ବ୍ୟୁରୋ):** ଗୋସାଇଁନୂଆଗାଁ ଓମ୍ ବିହାର ସାଇ ବାବା ମନ୍ଦିର ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ ୧୧ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ସ୍ନେକ୍ ହେଲ୍ପ ଲାଇନ ପକ୍ଷରୁ ସାପକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ ଓମ୍ ବିହାରର ପ୍ରମୋଦ ବେହେରାଙ୍କ ଘର ଗ୍ରିଲ୍ ଆଗରେ ଏକ ବିରାଟକାୟ ସାପକୁ ପରିବାର ଲୋକ ଦେଖିଥିଲେ। ସାପକୁ ଉଦ୍ଧାର ପାଇଁ ସ୍ନେକ୍ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ। ସ୍ଥାନୀୟ ସଦସ୍ୟ ତ୍ରିଲୋଚନ ନାୟକ ସେଠାରେ ପହଞ୍ଚିଥିଲେ। ତ୍ରିଲୋଚନ କୌଶଳ କ୍ରମେ ସାପକୁ ଉଦ୍ଧାର କରିଥିଲେ। ଉଦ୍ଧାର ସାପଟି ଅଜଗର ପ୍ରଜାତିର ହୋଇଥିବା ବେଳେ ୧୧ ଫୁଟ ଲମ୍ବ ରହିଥିଲା। ସାପଟିକୁ ବନପାଳ ସୋମନାଥ ମଲ୍ଲିକ, ବନରକ୍ଷୀ ଅଶ୍ୱିନୀ ନାୟକଙ୍କ ଉପସ୍ଥିତିରେ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିବା ସ୍ନେକ୍ ହେଲ୍ପ ଲାଇନ ସଂଯୋଜକ ସ୍ୱାଧିନ କୁମାର ସାହୁ ସୂଚନା ଦେଇଛନ୍ତି।

## ବାଇକ୍ ଧକ୍କାରେ ଜଣେ ଗୁରୁତର



**ନାଉଗାଁ,୧।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ବାଲିଭଉଁରୀ-ଶିଖରଘାଟ ରାସ୍ତାର ମୁଣ୍ଡାଳୋ ବଜାର ନିକଟରେ ଏକ ବାଇକ୍ ଧକ୍କାରେ ଜଣେ ଗୁରୁତର ହୋଇପଡ଼ିଥିବା ଜଣାଯାଇଛି। ବ୍ୟକ୍ତି ଜଣକ ନୂଆଗାଁ ପଞ୍ଚାୟତ ପାଳସାହି ଗ୍ରାମର ରବୀନ୍ଦ୍ର ବିଶ୍ୱାଳ(୫୬) ବୋଲି ଜଣାଯାଇଛି। ସୂଚନା ମୁତାବକ ରବୀନ୍ଦ୍ର ମୁଣ୍ଡାଳ ବଜାରରେ ଏକ ପାନ ଦୋକାନ ଖୋଲିଛନ୍ତି। ସକାଳୁ ଦୋକାନ ଖୋଲି କିଛି ଦୋକାନ ସାମଗ୍ରୀ ପାଇଁ ପାଖ ଦୋକାନକୁ ରାସ୍ତା ପାର ହୋଇ ଯାଉଥିଲେ। ସେହି ସମୟରେ ଜଗତସିଂହପୁର ଆଡୁକୁ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଯାହାଫଳରେ ରବୀନ୍ଦ୍ର ରାସ୍ତାରେ ପଡ଼ିଯିବାରୁ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ପ୍ରଥମେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ଲାଗି କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

## ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ଦୌଡ଼

**ନବରଙ୍ଗପୁର,୧।୧୦ (ସଂଚାର ବ୍ୟୁରୋ):** ଆଜି ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଂକ ଜନ୍ମ ୧୫୦ ତମ ଜନ୍ମତିଥି ଓ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୋଲିସ ବିଭାଗପକ୍ଷରୁ ଆୟୋଜିତ ଏକତା ଦୌଡ଼ ରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଛାତ୍ର ଛାତ୍ରୀ, ଯୁବକ ସଂଘ ର କର୍ମକର୍ତ୍ତା ପ୍ରମୁଖ ଭାଗ ନେଇଥିଲେ। ସ୍ଥାନୀୟ ସଦାଶିବ ତ୍ରିପାଠୀଙ୍କ ପାର୍କ ଠାରୁ ଏହି ଦୌଡ଼ ଆରମ୍ଭ ହୋଇ ପୋଲିସ ପଡ଼ିଆ ଠାରେ ଶେଷ ହୋଇଥିଲା। ମୁଖ୍ୟ ଅତିଥି ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଯୋଗ ଦେଇ ପତକା ଦେଖାଇ ଆନୁଷ୍ଠାନିକ ଭାବେ ଏକତା ଦୌଡ଼ ର ଶୁଭାରମ୍ଭ କରିଥିଲେ।

# ଅଷ୍ଟୁନି ସହାୟତା, ମତ୍ସ୍ୟଜୀବୀଙ୍କ ଜିବିକା ପ୍ରଭାବିତ

- ୭ ମାସ ପାଇଁ ସମୁଦ୍ରରେ ମାଛ ଧରା ଉପରେ କଟକଣା
- ଅନେକ ମତ୍ସ୍ୟଜୀବି ପେଟ ପାଟଣା ପାଇଁ ଦାଦନମୁହାଁ



**କାକଟପୁର/ଅସ୍ତରଙ୍ଗ,୧।୧୦ (ସଂଚାର ବ୍ୟୁରୋ):** ବର୍ଷକ ମଧରେ କେତେ ବେଳେ ପ୍ରାକୃତିକ ବିପର୍ଯ୍ୟୟ ତ କେତେବେଳେ ସରକାର ଙ୍କ କଟକଣା ପାଇଁ ମତ୍ସ୍ୟଜୀବି ଙ୍କ ଜୀବନ ଜୀବିକା ପ୍ରଭାବିତ।ଚଳିତ ମାସରୁ ୭ମାସ ଅର୍ଥାତ ଆସନ୍ତାବର୍ଷ ମେ ମାସ ଶେଷ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ଉପରେ କଟକଣା ଜାରି ହୋଇଛି। ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭି ରିଡଲେ ଙ୍କ ପୁରୀ ଜିଲ୍ଲା ତଥା ଅସ୍ତରଙ୍ଗ ଉପକୂଳ ନିକଟ ସମୁଦ୍ରକୁ ଆଗମନ, ସମାଗମ ରୁ ଆରମ୍ଭ କରି ଗଣଅଣ୍ଡାଦାନ ଏବଂ ଛୁଆ ଫୁଟି ସମୁଦ୍ରକୁ ଯିବା ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରିଛି ବନବିଭାଗ। ମତ୍ସ୍ୟଜୀବି ମାନେ ଏହି ସମୟ ମଧରେ ପାରମ୍ପରିକ ପଦ୍ଧତି ବ୍ୟତୀତ ବୈଷୟିକ ଜ୍ଞାନ କୌଶଳ ଯଥା ମୋଟର ବୋଟ, ଜିରୋ ନେଟ ଆଦି ବ୍ୟବହାର କରି ମାଛ ଧରିପାରିବେ ନାହିଁ। ଏଭଳି କଟକଣାଦ୍ୱାରା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଉପକୂଳ ରେ ରହୁଥିବା ପ୍ରାୟ ୩ ହଜାର ୪ଶହ ପ୍ରତ୍ୟକ୍ଷ ମତ୍ସ୍ୟଜୀବି ଓ ମାଛଧରା ଉପରେ ନିର୍ଭର କରି ପେଟପାଟଣା ଯୋଗାଡ଼ କରୁଥିବା ଅନ୍ୟ ୧୨ହଜାର ପରୋକ୍ଷ ମତ୍ସ୍ୟଜୀବି ଙ୍କ ପରିବାର ପ୍ରଭାବିତ ହେବ ଅନୁମାନ କରାଯାଉଛି। ଯାହା ଫଳରେ କି ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଅନେକ ମତ୍ସ୍ୟଜୀବି ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ବାଧ ହେଉଛନ୍ତି।ଯଦିଓ ସରକାର ଙ୍କ ତରଫରୁ ଏମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ତେବେ ତାହା ସମସ୍ତ ମତ୍ସ୍ୟଜୀବିଙ୍କୁ ମିଳିପାରୁନି। ଯାହାବି ମିଳୁଛି ତାହା ସମୁଦ୍ର କୁ ଶଙ୍ଖେ ଭଳି। ଫଳରେ ଏମାନେ ଏବେ ଜୀବିକା ଚିନ୍ତାରେ ପଡ଼ିଛନ୍ତି। ସମୁଦ୍ରରୁ ମାଛ ଧରୁଥିବା ପ୍ରାୟ ୩ହଜାର ୪ଶହ ମତ୍ସ୍ୟଜୀବି ଙ୍କୁ ମତ୍ସ୍ୟବିଭାଗ ପକ୍ଷରୁ ପ୍ରତି ପରିବାର ପିଛା ସମ୍ପୂର୍ଣ୍ଣ ୭ମାସ ପାଇଁ ମୋଟ ୧୫ହଜାର ଟଙ୍କା ପ୍ରଦାନ କରାଯାଉଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସହନ, ଡ଼ାଲୁଅକଣି, ନଗର, କାଳିଆକଣ, ବାଲିଡିଆ, ଆଳସାହି, ପାଟସୁନ୍ଦରପୁର, ଅସନ ଭଳି ଗ୍ରାମର ମତ୍ସ୍ୟଜୀବି ଙ୍କ ଯୁକ୍ତି ସେମାନେ ୭ ମାସରେ ଲକ୍ଷ ଲକ୍ଷ ଟଙ୍କାର ମାଛ ଧରିପାରନ୍ତେ। ତେଣୁ ତାହା ତୁଳନାରେ ମାର୍କେଟ ବିଭିନ୍ନ ସାମଗ୍ରୀ ଦରଦାମ୍ ବୃଦ୍ଧି ସରକାରଙ୍କ ଠାରୁ ମିଳୁଥିବା ଆର୍ଥିକ ସହାୟତା ବେଶ ନିଅଣ୍ଟ ବୋଲି ସେମାନେ କହି ଆସୁଛନ୍ତି।ଯାହାକି ପରିବାର ପ୍ରତିପୋଷଣ ସହ ପିଲା ଙ୍କୁ ଶିକ୍ଷା ଦେବାକୁ ଆର୍ଥିକ ପରିସ୍ଥିତି ଦୁର୍ବଳ ହେତୁ ବାଧ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି।

## ସୁକନ୍ୟା ସମୃଦ୍ଧି ପ୍ରୋତ୍ସାହନ ଶିବିର



**ଫୁଲବାଣୀ,୧।୧୦ (ସଂଚାର ବ୍ୟୁରୋ):** ସଞ୍ଚୟ ପକ୍ଷ ପାଳନ ଅବସରରେ ସୁକନ୍ୟା ସମୃଦ୍ଧି ଯୋଜନାର ପ୍ରଚାର ଓ ପ୍ରସାର ନିମନ୍ତେ ଶ୍ରୀ ସତ୍ୟ ସାଇ ଉଚ୍ଚ ବିଦ୍ୟାଳୟ ଫୁଲବାଣୀ ରେ ଏକ ବିଶେଷ ଅଭିଯାନର ଆୟୋଜନ କରାଯାଇଥିଲା। ଏଠାରେ ସ୍କୁଲ ର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରମୋଦ କୁମାର ଦାଶ, ସହକାରୀ ଶିକ୍ଷକ ଶ୍ରୀ ସଂଜୀବ କୁମାର ନାୟକ ଓ ଫୁଲବାଣୀ ମୁଖ୍ୟ ଡାକ ଘର ବ୍ୟବସାୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶେଷଦେବ ସାହୁ ଅତିଥି ଭାବରେ ଉପସ୍ଥିତ ରହି ସୁକନ୍ୟା ସମୃଦ୍ଧି ଯୋଜନା ର ଗୁରୁତ୍ୱ ବିଷୟରେ ଛାତ୍ର ଛାତ୍ରୀ ଓ ତାଙ୍କର ଅଭିଭାବକମାନଙ୍କୁ ବତାଇଥିଲେ। ଉକ୍ତ ବୈଠକରେ ପିଲାମାନେ ନିଜ ବାପା/ମା' ଙ୍କୁ ଧନ୍ୟବାଦ ଜ୍ଞାପନ କରି କହିଲେ ' ଧନ୍ୟବାଦ ମା-ବାପା ମୋର ବି ଅଛି ସୁକନ୍ୟା ଖାତା' ଓ ନିଜର ସୁକନ୍ୟା ପାସବୁକ ପ୍ରଦର୍ଶନ କରିଲେ। ଅନ୍ୟ କିଛି ପିଲାମାନେ ନିଜ ମା- ବାପାଙ୍କୁ ଅନୁରୋଧ କରି କହିଲେ 'ପୂଜ୍ୟ ମା ଓ ବାପା ; ମୁ ତମର ଅଟେ ଅତି ପ୍ରିୟ କନ୍ୟା, ମୋ ପାଇଁ ଖୋଲି ଦିଅ ଗୋଟେ ଖାତା ସୁକନ୍ୟା'। ସେଠି ଉପସ୍ଥିତ ପିଲାମାନେ ଏହି ବାର୍ତ୍ତା ଶିଖି ପ୍ରଚାର ମଧ କରିଥିଲେ। ଏହି ବୈଠକଟି କୁ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ, ଶ୍ରୀ ବିଜୟ ଚନ୍ଦ୍ର ପାଳ ପରିଚାଳନା କରିଥିଲେ।

## ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ 'ରନ୍ ଫର୍ ୟୁନିଟି'

**ପାରାଦୀପ,୧।୧୦ (ସଂଚାର ବ୍ୟୁରୋ):** ଆଜି ରାଷ୍ଟ୍ରୀୟ ଏକତା ଦିବସ (ଜାତୀୟ ଏକତା ଦିବସ) ଅବସରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ 'ରନ୍ ଫର୍ ୟୁନିଟି' ଆୟୋଜନ କରିଥିଲେ। ଏହି ବର୍ଷ ପାଳନ ବିଶେଷ ଭାବରେ ସ୍ୱତନ୍ତ୍ର କାରଣ ଏହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରୁଛି। ପିପିଏର ଉପ-ଅଧ୍ୟକ୍ଷ (ସ୍ୱାଧୀନ ଦାୟିତ୍ୱ) କ୍ୟାପ୍ଟେନ ଅଲେଖ ଚରଣ ସାହୁ ଆଜିର ସମାବେଶକୁ ସମ୍ବୋଧିତ କରି ସର୍ଦ୍ଦାର ପଟେଲଙ୍କ ଏକ ଅଖଣ୍ଡ ଭାରତର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ ଏବଂ ଏକ ଅନ୍ତର୍ଭୁକ୍ତ, ସମୃଦ୍ଧ ଏବଂ ସମନ୍ୱିତ ଦେଶ ପାଇଁ ଆହ୍ୱାନ ଦେଇଥିଲେ। ସେ ସମସ୍ତ କର୍ମଚାରୀଙ୍କୁ ସମାନ ସଂକଳ୍ପ ଅନୁସରଣ କରିବାକୁ ଏବଂ ଆଗାମୀ ସମୟରେ ପିପିଏକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ସେମାନଙ୍କର ସର୍ବୋତ୍ତମ ପ୍ରୟାସ କରିବାକୁ ଆହ୍ୱାନ କରିଥିଲେ।

● ପ୍ଲାଷ୍ଟିକ ମୁକ୍ତ ଯାଜପୁର କେବଳ ସ୍ଲୋଗାନ୍ ?

# ପୌରପାଳିକା ଚୁପ୍ ସହର ହେଉଛି ପ୍ରଦୂଷିତ !



> ● ସହରବାସୀଙ୍କ ପ୍ରଶ୍ନ
> **ପୌରପାଳିକା କାହିଁକି ଏତେ ଚୁପ୍ ?**
> ସାଧାରଣରେ ଚର୍ଚ୍ଚା ପ୍ଲାଷ୍ଟିକ ବ୍ୟବସାୟୀଙ୍କ ଠାରୁ ମାସିକିଆ ବଟି ନେଇ ପୌରପାଳିକାର ଅଧିକାରୀ ଚୁପ୍ ରହୁଛନ୍ତି। ପରିବେଶ ପ୍ରେମୀମାନେ କହୁଛନ୍ତି "ଯାଜପୁର ପୌରପାଳିକା ଯଦି ପୁଣି ସଚେତନ ହୋଇ କାର୍ଯ୍ୟାନୁଷ୍ଠାନ ନେଉନାହିଁ, ତେବେ ଏହି ସହର ଦିନକୁ ଦିନ ପ୍ଲାଷ୍ଟିକ ରାଜଧାନୀରେ ପରିଣତ ହେବ।"

**ଯାଜପୁର,୧।୧୦(ସଂଚାର ବ୍ୟୁରୋ):** କିଛି ବର୍ଷ ପୂର୍ବରୁ ଯାଜପୁର ପୌରପାଳିକା ଦୃଢ଼ ଅଭିଯାନ ଆରମ୍ଭ କରିଥିଲା "ପ୍ଲାଷ୍ଟିକ ମୁକ୍ତ ଯାଜପୁର" ଗଠନ ପାଇଁ। ସେଥିରେ ପ୍ଲାଷ୍ଟିକ ସାମଗ୍ରୀ, ସିଙ୍ଗଲ୍‌ୟୁଜ୍ ବ୍ୟାଗ, ପ୍ଲାଷ୍ଟିକ ଚାମଚ, ଥର୍ମୋକୋଲ ଦାନା, ଗ୍ଲାସ୍ ଆଦି ବସ୍ତୁ ବିକ୍ରୟ ଓ ବ୍ୟବହାର ଉପରେ ନିଷେଧ ଜାରି ହୋଇଥିଲା। ପୌରପାଳିକା ଅଧିକାରୀମାନେ ତେବେ ସହରରେ ଚଢ଼ାଉ ଚଳାଇ, ନିୟମ ଭଙ୍ଗ କରୁଥିବା ବ୍ୟବସାୟୀଙ୍କ ଉପରେ ଜରିମାନା ଅଦାୟ କରୁଥିଲେ। ସେତେବେଳେ ଲୋକମାନେ ଭାବିଥିଲେ — "ଏବେ ସତରେ ସବୁଜ ଓ ସୁନ୍ଦର ଯାଜପୁର ଗଠିବ।"କିନ୍ତୁ ଆଜିକାଲି ସେହି ଦୃଶ୍ୟ ସମ୍ପୂର୍ଣ୍ଣ ଉଲଟିଗଲା। ସହରର ପ୍ରାୟ ସବୁ ବଜାର ଓ ଗଳିରେ ପୁଣି ଚାଲିଛି ପ୍ଲାଷ୍ଟିକ ବ୍ୟାଗ ଓ ଥର୍ମୋକୋଲ ସାମଗ୍ରୀର ବ୍ୟବହାର। ଡ୍ରେନ୍ ଗୁଡ଼ିକ ଅବରୋଧ ହେଇ ଜଳଜମା ଓ ଦୁର୍ଗନ୍ଧ ସମସ୍ୟା ବଢ଼ିଯାଇଛି। ପରିସ୍ଥିତି ଏପରି ହେଉଛି ଯେ, ଯେଉଁ ସହରକୁ "ସବୁଜ ଓ ସୁନ୍ଦର ଯାଜପୁର" ବୋଲି ଘୋଷଣା କରାଯାଇଥିଲା, ସେଇ ସହର ଆଜି ପ୍ଲାଷ୍ଟିକ ତୋଳାମୁଳି ରେ ପ୍ରଦୂଷିତ ହେଉଛି।

## ଆଦର୍ଶ ବିଦ୍ୟାଳୟରେ ସାମାଜିକ ବିଜ୍ଞାନମେଳା

**ସାଲେପୁର,୩୧।୧୦ (ସଂଚାର ବ୍ୟୁରୋ):** ରାଘବପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ, ପ୍ରଯୁକ୍ତି ବିଜ୍ଞାନ ଓ ସାମାଜିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଯଶୋବନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରକଳ୍ପ ଗୁଡିକର ପରିଦର୍ଶନ କରିବା ସହ ପ୍ରଶଂସା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଏହି ମେଳାରେ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକୁ ପରିଦର୍ଶନ କରିବା ସହ ମୂଲ୍ୟାଙ୍କନ କରିଥିଲେ। ଏହି ମେଳାକୁ ଶିକ୍ଷକ ଡଃ ସନ୍ତୋଷ କୁମାର ନାୟକ, ଲକ୍ଷ୍ମୀଧର ସାହୁ, ନିରହାର ପୃଷ୍ଟି, ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଲିଟୁ, ପ୍ରତାପ ଓ ପ୍ରକାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅସ୍ତରଙ୍ଗ ତହସିଲରେ ହେବ ଜମି କିଣାବିକା

● ଅନଲାଇନି ସ୍ଲଟ ବୁକ କରି ଅଫିସରେ କରିପାରିବେ ଜମି ପଞ୍ଜିକରଣ



**କାକଟପୁର/ଅସ୍ତରଙ୍ଗ, ୧।୧୦ (ସଂଚାର ବ୍ୟୁରୋ):** ଜମି କିଣାବିକାକୁ ସହଜ କରିବା ପାଇଁ ରାଜ୍ୟ ସରକାର ଅସ୍ତରଙ୍ଗ ତହସିଲ ଅଫିସରେ ସବ୍ ରେଜିଷ୍ଟ୍ରି ଅଫିସ ଶନିବାର ଶୁଭାରମ୍ଭ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରେ ଜମି କିଣାବିକା କାମ ଶୁଭାରମ୍ଭ ହୋଇଛି। ପୂର୍ବରୁ ସାଧାରଣ ଲୋକେ ଜମିକିଣାବିକା କରିବାକୁ ବହୁ ଦୂରକୁ ଯିବାକୁ ପଡୁଥିଲା। ଏହାକୁ ନଜରରେ ରଖି ଶନିବାର ରାଜ୍ୟ ସରକାର ଙ୍କ ତରଫରୁ ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ ଅଫିସ ପରିସରରେ ଏହି ସେବା ପାଇ ପାରିବେ ଉପଭୋକ୍ତା। ଶନିବାର ମଧାହ୍ନ ସମୟରେ ତୃତୀୟ ମହଲା ସମ୍ମିଳନୀ କକ୍ଷରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଯାହାକି ଆଭାସୀ ମାଧ୍ୟମରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପନିବନ୍ଧନ କାର୍ଯ୍ୟାଳୟ ଶୁଭାରମ୍ଭ କରିଛନ୍ତି। ଅନଲାଇନି ରେ ସ୍ଲଟ ବୁକ କରି ତହସିଲ କାର୍ଯ୍ୟାଳୟରେ ଜମି କିଣାବିକା କରି ପାରିବେ ଲୋକ। ଏହା ଦ୍ୱାରା ଲୋକ ମାନେ ଜମିଜମା ସମ୍ପର୍କିତ ସବୁ କାର୍ଯ୍ୟ ଗୋଟିଏ କ୍ୟାମ୍ପସ ରେ କରିପାରିବେ। ଶୁଭାରମ୍ଭ ପ୍ରଥମ ଦିନରେ କିଛି ଉପଭୋକ୍ତା ଜମି କିଣାବିକା କାର୍ଯ୍ୟ କରିଛନ୍ତି ବୋଲି ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ସୂଚନା ଦେଇଛନ୍ତି। ଏହା ସହ ଅସ୍ତରଙ୍ଗ ଅଞ୍ଚଳ ବାସୀ ନିକଟରେ ସୁରୁଖୁରୁରେ କିଣାବିକା କରିପାରିବେ ବୋଲି ଏଭଳି ସ୍ୱାଗତ ଯୋଗ୍ୟ ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ସ୍ଥାନୀୟ ଲୋକ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଆଇଏଏସ୍‌ରେ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠାପନ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୧।୧୦ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ) ର ୧୩ ତମ ବ୍ୟାଚ ବିଏସ୍‌ସି (ଏଗ୍ରିକଲ୍‌ଚର) ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶୁକ୍ରବାର ଅନୁଷ୍ଠାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ, ମୂଲ୍ୟବୋଧ ଓ ଏହା ପ୍ରଦାନ କରୁଥିବା ସୁଯୋଗ ସହିତ ପରିଚିତ କରାଯାଇଥିଲା। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ବ୍ୟବସ୍ଥା ଓ ସମ୍ବଳର ସୁଯୋଗ ନେବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଅନୁଯୋଗ କରିଥିଲେ। ସେମାନଙ୍କୁ ସେ ଶୃଙ୍ଖଳିତ ହେବା ସହ ଅଧ୍ୟବସାୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଆଇସିଏଆର-ସିଆରଆରଆଇର ନିର୍ଦ୍ଦେଶକ ଡ. ଜି.ଏ.କେ. କୁମାର ବର୍ତ୍ତମାନ ପରିସ୍ଥିତିରେ ପୋଷଣୀୟ ଓ ଜଳବାୟୁକୁ ଦୃଷ୍ଟିରେ ରଖି କୃଷି କାର୍ଯ୍ୟ ବିଷୟରେ ମତ ରଖିଥିଲେ।

## ଅମାନୁଷିକତାର ସବୁ ସୀମା ଟପିଗଲେ ବସ୍ ଚାଳକ

**କେନ୍ଦୁଝର,୧।୧୧(ସଂଚାର ବ୍ୟୁର):** ବର୍ବରତା ଏବଂ ଅମାନୁଷିକତାର ସବୁ ସୀମା ଟପିଲେ ବସ ଚାଳକ। ପ୍ରଥମେ ଗାଡ଼ି ଚଢ଼ାଇ ଜୀବନ ନେଲେ, ପରେ ଗାଡ଼ି ପଛରେ ମୃତ କୁକୁରକୁ ବାନ୍ଧି ଘୋଷାଡ଼ିଲେ। ଏଭଳି ବର୍ବରର ଏବଂ ଅମାନୁଷିକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକ କାଦକଳା ଗାଁରେ ଆଜି କାଦକଳାରୁ କେନ୍ଦୁଝର ଯାଉଥିବା ଶୁଭମ୍ ନାମକ ଏକ ଘରୋଇ ବସ୍ ଚକା ତଳେ ଏକ କୁକୁରକୁ ମଡ଼ାଇ ଦେଇଥିଲା ବସ୍ ର ଡ୍ରାଇଭର୍ । ଦୁଃଖର ବି ବିଷୟ ଏହି ଯେ, ଏହି କୁକୁରର ମୃତ୍ୟୁ ପରେ ୪ ରୁ ଟି ଛୁଆ ମାଛେଉଣ୍ଡ ହୋଇଗଲେ। ଗାଡ଼ି ଚକା ତଳେ କୁକୁରର ଜୀବନ ଚାଲିଗଲା ପରେ, ବର୍ବରତାର ସୀମା ଟପିଲେ ବସ୍ କର୍ମଚାରୀ। ମୃତ କୁକୁରକୁ ବସ୍ ପଛ ପଟେ ବାନ୍ଧି ଘୋଷାଡ଼ିଲେ, ଯାହାର ଦୃଶ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏଭଳି ଦୃଶ୍ୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମନରେ ଗଭୀର ଦୁଃଖ ଆଣି ଦେଇଛି।

## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ନାଉଗାଁ,୧।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ମଣ୍ଡଳସ୍ତରୀୟ କ୍ରିଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ନାଉଗାଁ ମଣ୍ଡଳ କ୍ରିଡା ସଂଗଠନର ସମ୍ପାଦକ ବିନତ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରିଡାକୁ ଉଦ୍‌ଯାପିତ କରିଥିଲେ। ଏହି ପ୍ରତିଯୋଗିତାରୁ ଦୌଡକୁଦରେ ୨୫ଜଣ, ଫୁଟବଲ୍ ରେ ୧୨ଜଣ ଏବଂ ଯୋଗରେ ୮ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଜଗତସିଂହପୁର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆସନ୍ତା ନଭେମ୍ବର ୬ ଓ ୭ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି କ୍ରିଡାକୁ ଶାରିରୀକ ଶିକ୍ଷକ ପ୍ରତାପ ମିଶ୍ର, ଅଜୟ ଭୋଇ, ଜ୍ଞାନରଞ୍ଜନ ବିଶ୍ୱାଳ, ଅଭିଜିତ ପରିଡ଼ା, ଆଦର୍ଶ ଦାସ, ପ୍ରସନ୍ନ ରାଉଳ, ଶିକ୍ଷୟିତ୍ରୀ ରଶ୍ମୀରେଖା ପାତ୍ରଙ୍କ ସମେତ ସମସ୍ତ ଶାରୀରିକ ଶିକ୍ଷକ, ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

## ଖୋର୍ଦ୍ଧାରେ ସତର୍କତା ସଚେତନତା ସପ୍ତାହ ପାଳିତ



**ଖୋର୍ଦ୍ଧା,୧।୧୧(ସଂଚାର ବ୍ୟୁରୋ):** ଖୋର୍ଦ୍ଧାର କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ଭିଜିଲାନ୍ସ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଜିଲ୍ଲାସ୍ତରୀୟ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳିତ ହୋଇଥିଲା। ଏଡିଏମ୍ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବରେ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ତାଙ୍କ ଭାଷଣରେ ସେ କହିଥିଲେ ଯେ ଦୁର୍ନୀତି ଏକ ସାମାଜିକ ରୋଗ ଏବଂ ଏକ ଦୁର୍ବଳ ମାନସିକତାର ଲକ୍ଷଣ। ଚଳିତ ବର୍ଷ, କେନ୍ଦ୍ରୀୟ ସତର୍କତା କମିଶନ, ନୂଆଦିଲ୍ଲୀ ଦ୍ୱାରା ରଖାଯାଇଥିବା 'ସତର୍କତା ଆମର ସହଭାଗୀ ଦାୟିତ୍ୱ' ଶୀର୍ଷକରେ ପାଶ୍ଚାତ୍ୟ ସଭ୍ୟତାରୁ ଆଧୁନିକ ସଭ୍ୟତା ପର୍ଯ୍ୟନ୍ତ ଦୁର୍ନୀତି ରୋକିବା ପାଇଁ ଆମର ସାମୂହିକ ଦାୟିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସେ ଏହା ମଧ କହିଥିଲେ ଯେ ଲୋଭ, ଭ୍ରମ ଏବଂ ଭ୍ରମ ପରି ମନ୍ଦ ମାନସିକତା ପରିତ୍ୟାଗ କରି ଏକ ଶୃଙ୍ଖଳିତ ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ଭବ। ଖୋର୍ଦ୍ଧାର ଅତିରିକ୍ତ ଏସ୍ପି ରିନିବାସ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଦୁର୍ନୀତି ଏକ ମାନସିକ ରୋଗ। ଯଦି ଲୋକଙ୍କୁ ଲାଞ୍ଚ ବିଷୟରେ ସଚେତନ କରାଯାଏ ତେବେ ସମାଜରୁ ଦୁର୍ନୀତି ନିଶ୍ଚିତ ଭାବରେ ଦୂର ହୋଇପାରିବ। ଭିଜିଲାନ୍ସ ଉପ-ଅଧିକ୍ଷକ ଚନ୍ଦ୍ରା କଳା ଜେନା ବିଭିନ୍ନ ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

# ପୁଣି ଏମ୍‌କେସିଜିରେ ରାଗିଂ ଅଭିଯୋଗ

## ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ




**ବ୍ରହ୍ମପୁର,୧।୧୧ (ସଂଚାର ବ୍ୟୁରୋ):** ପୁଣି ଏମକେସିଜିରେ କିଛି ଛାତ୍ରଙ୍କୁ ରାଗିଂ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଏମକେସିଜି ପ୍ରିନ୍ସିପାଲଙ୍କ ସମ୍ମିଳନୀ କକ୍ଷରେ ଶନିବାର ସନ୍ଧ୍ୟାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଅନ୍ୟପଟେ ବାରମ୍ବାର ଏହି ପରି ଆସୁଥିବା ବେନାମୀ ରାଗିଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ୍ କରିବାକୁ ଦାବି କରିଛନ୍ତି ଛାତ୍ରଚାତ୍ରୀ। ଅନ୍ୟପକ୍ଷେ ନିକଟରେ ଆସିଥିବା ରାଗିଂ ଅଭିଯୋଗକୁ ନିଜେ ଡିନ ଭିତ୍ତିହୀନ ବୋଲି ଦର୍ଶାଇଥିଲେ। ଏହି ପରି ଆସୁଥିବା ଭିତ୍ତିହୀନ ଅଭିଯୋଗ କାରଣରୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେବା ସହ ବିଦ୍ୟାର୍ଥୀଙ୍କ ପାଠ ପଢ଼ାରେ ବ୍ୟାଘାତ ଉପୁଜୁଥିବା ବେଳେ ମାନସିକ ଚାପରେ ରହୁଥିବା ଅନେକ ବିଦ୍ୟାର୍ଥ ଯୁକ୍ତି ବାଢ଼ିଛନ୍ତି। ସୁଚନାକ୍ରମେ ଶନିବାର ଆଣ୍ଟୀ ରାଗିଂ ସେଲରେ ୫ ଜଣ ବିଦ୍ୟାର୍ଥୀଙ୍କ ନାମରେ ରାଗିଂ ଅଭିଯୋଗ ଆସିଛି। ଏହି ସୂଚୀରେ ହଷ୍ଟେଲ-୨ ରୁ ୩ଜଣ, ହଷ୍ଟେଲ-୩ ରୁ ୨ ଜଣଙ୍କ ନାମରେ ଅଭିଯୋଗ କରିଥିବା ଚିଠି ଆସିଛି। ଏହାକୁ ନେଇ ଡିନ, ଅଧିକ୍ଷକ ଓ ବିଭାଗୀୟ ମୁଖ୍ୟଙ୍କୁ ନେଇ ସମ୍ମିଳନୀ କକ୍ଷରେ ବୈଠକ ଡକାଯାଇଛି। ପୂର୍ବରୁ ମଧ ଏହି ପରି ଅନେକ ଅଭିଯୋଗ ଆସିଛି କିନ୍ତୁ ତଦନ୍ତ ପରେ ତାହା ଭିତ୍ତିହୀନ ବୋଲି କର୍ତ୍ତୃପକ୍ଷ ଗଣମାଧମ ସାମ୍ନାରେ ସ୍ୱୀକାର କରିଛନ୍ତି। କତୃପକ୍ଷଙ୍କ ଆଚରଣ ଭେଷଜ ମହାବିଦ୍ୟାଳୟର ଛବିକୁ ମଳିନ କରୁଥିବା ଅନେକ ପୂର୍ବତନ ଛାତ୍ର ମତବ୍ୟକ୍ତ କରିଛନ୍ତି।

## ସୀମାରେ ସେବା କରି ଅମର ହେଲେ ଯବାନ ଚିତ୍ତରଞ୍ଜନ

● ଜନ୍ମମାଟିରେ ଗାର୍ଡ ଅଫ୍ ଅନର ସହ ଅନ୍ତିମ ସତ୍କାର



**ଯାଜପୁର,୧।୧୧ (ସଂଚାର ବ୍ୟୁରୋ):** ଜମ୍ମୁ ଅଖନୁର ସେକ୍ଟରରେ କାର୍ଯ୍ୟରତ ସେନା ଯବାନ ଚିତ୍ତରଞ୍ଜନ ଦାସ (ବୟସ ୩୨) ଙ୍କ ଅକାଳ ବିୟୋଗରେ ସମଗ୍ର ଯାଜପୁର ଜିଲ୍ଲା ଶୋକାକୁଳ ହୋଇପଡ଼ିଛି। ଦଶରଥପୁର ବ୍ଲକ ଅନ୍ତର୍ଗତ ଖଣ୍ଡରା ଗ୍ରାମର ଜନ୍ମସ୍ଥାନୀୟ ଏହି ସହିଦ ଯବାନ ୩୦ ଅକ୍ଟୋବର ସକାଳେ ସେନା କ୍ୟାମ୍ପରେ ଶାରୀରିକ ଫିଟନେସ ଅଭ୍ୟାସ ବେଳେ ହୃଦ୍‌ଘାତରେ ପରଲୋକଗମନ କରିଥିଲେ। ଗତକାଲି ଅପରାହ୍ନରେ ଜମ୍ମୁରୁ ବିମାନ ଯୋଗେ ମୃତ ଯବାନଙ୍କ ପାର୍ଥିବ ଶରୀର ଭୁବନେଶ୍ୱର ବିମାନବନ୍ଦରକୁ ଆଣାଯାଇଥିଲା। ସେଠାରେ ସେନା ଅଧିକାରୀମାନେ ସମ୍ମାନ ସହ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ। ପରେ ସେନା ବାହିନୀର ୨୩ ଜଣିଆ ଦଳ ଚିତ୍ତରଞ୍ଜନଙ୍କ ପାର୍ଥିବ ଶରୀରକୁ ସୁସଜ୍ଜିତ ଯାନରେ ରାତି ୧୦ଟା ସମୟରେ ଯାଜପୁର ସହରକୁ ଆଣିଥିଲେ। ଅଧିକ ରାତି ହୋଇଥିବାରୁ ଜିଲ୍ଲା ପ୍ରଶାସନ ଅନୁମତିରେ ଶରୀରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶୀତତାପ ନିୟନ୍ତ୍ରିତ କକ୍ଷରେ ରଖାଯାଇଥିଲା। ଆଜି ସକାଳ ୮.୩୦ରେ ଜନ୍ମମାଟି ଖଣ୍ଡରାରେ ଅନ୍ତିମ ସଂସ୍କାର ପାଇଁ ଶୋଭାଯାତ୍ରାରେ ଶତାଧିକ ଯୁବକ, ସାଧାରଣ ଲୋକ, ଏବଂ ବିଭିନ୍ନ ଦଳର ନେତାମାନେ ସାମିଲ ହୋଇଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**ସାଲେପୁର,୧।୧୧(ସଂଚାର ବ୍ୟୁରୋ):** ଆଜି ସାଲେପୁର ହାଇସ୍କୁଲ ପଡ଼ିଆଠାରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ କୃଷି ଓ କୃଷକର ଉନ୍ନତି ହେଲେ ରାଜ୍ୟ ଓ ଦେଶର ବିକାଶ ହୋଇପାରିବ। ବିଶେଷ କରି ଗ୍ରାମାଞ୍ଚଳର ମହିଳାମାନେ ଗୋପାଳନ ଓ ମତ୍ସ୍ୟ ଚାଷ କଲେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରାଣୀ ସମ୍ପଦ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ସତ୍ୟରଞ୍ଜନ ରାଉତ, ସମ୍ମାନିତ ଅତିଥି ଭାବେ ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସୁଶାନ୍ତ ନାୟକ, ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ ବବିତା ମହନ୍ତ, ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଭିମନ୍ୟୁ ସାହୁ, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ପ୍ରମୁଖ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଘର ଅଗଣାରେ କୁକୁଡ଼ା ଓ ବତକ ପାଳନ, ୩୦+୨ ଏବଂ ୧୦+୧ ଛେଳି ପାଳନ, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ଉନ୍ନତି ହେଲେ ରାଜ୍ୟ ଆର୍ଥିକ ସ୍ଥିତିରେ ଶକ୍ତିଶାଳୀ ହେବା ସହିତ ବେରୋଜଗାର ହଟିବ ବୋଲି ପ୍ରକାଶ କରିଥିଲେ।

# ଆକର୍ଷଣ ହରାଉଛି 'ମୋ ହିଞ୍ଜିଳିକାଟୁ' ସେଲ୍ଫି କର୍ଣ୍ଣର

- ମୁହଁ ଫେରାଉଛନ୍ତି ସେଲ୍ଫି ପ୍ରେମୀ
- ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ



**ହିଞ୍ଜିଳିକାଟୁ, ୧।୧୧(ସଂଚାର ବ୍ୟୁରୋ):** ମନ ମୋହୁଥିଲା ହିଂଜିଳି ବିଜ୍ଞାନ ମହାବିଦ୍ୟାଳୟ ନିକଟରେ ଥିବା ମୋ ହିଂଜିଳିକାଟୁ 'ସେଲ୍ଫି ପଏଣ୍ଟ'। ଆଗେ ଯିଏ ଏହି ବାଟ ଦେଇ ଯାଉଥାଏ ଅଟକି ଯାଇ ନିଜ ମୋବାଇଲରେ ଗୋଟେ ସ୍ନାପ ନିଶ୍ଚୟ ନେଉଥିଲା। ସୋସିଆଲ ମିଡ଼ିଆର ଏହି ଯୁଗରେ ଏବେ ସେଲ୍ଫି ଗୋଟେ ଟ୍ରେଣ୍ଡ ବନିଯାଇଥିବା ବେଳେ ସହରର ମୋ ହିଂଜିଳିକାଟୁ 'ସେଲ୍ଫି କର୍ଣ୍ଣର' ସେଲ୍ଫିପ୍ରେମୀଙ୍କ ପାଇଁ ନୂଆସ୍ଥଳୀ ପାଲଟିଥିଲା। ସେଲ୍ଫି ସହିତ ରିଲ୍ସ କରିବାକୁ ଲୋକମାନଙ୍କ ବେଶୀ ଭିଡ଼ ଜମୁଥିଲା। କିନ୍ତୁ କାଳକ୍ରମେ ଏହାର ରକ୍ଷଣାବେକ୍ଷଣ ଦିଗରେ ଆଉ ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଯାହା ଫଳରେ ମୋ ହିଂଜିଳିକାଟୁ 'ସେଲ୍ଫି ପଏଣ୍ଟ' ଦିନକୁ ଦିନ ଆକର୍ଷଣ ହରାଇବାକୁ ବସିଛି। ସେଲ୍ଫି ପଏଣ୍ଟରେ ରହିଥିବା ମୋ ହିଂଜିଳିକାଟୁର ଶେଷ ଅକ୍ଷର ତଥା 'ଟି' କିଛି ଦିନ ହେଲା ଭାଙ୍ଗିଯାଇଥିବା ବେଳେ କିଛି କରିଡର୍ ଲାଇଟ୍ ଗୁଡ଼ିକ ଜଳୁନି। ଯାହା ଫଳରେ ସେଲ୍ଫି କର୍ଣ୍ଣର ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ବେଳେ ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି। ଯାହା ଫଳରେ ଲୋକମାନେ ଏହି ସେଲ୍‌ଫି ପଏଣ୍ଟ୍ ନିକଟକୁ ଆଉ ଆସୁନାହାନ୍ତି। ପୂର୍ବରୁ ଲୋକମାନେ ଏହି ସ୍ଥାନକୁ ଆସି ମୋବାଇଲ୍ ଫୋନ୍‌ରେ ସେଲ୍‌ଫି ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିବାର ଦେଖାଯାଉଥିଲା। କିନ୍ତୁ ଲାଇଟ୍ ଅଚଳ ଓ ଲେଟର ଭାଙ୍ଗି ଯାଇଥିବାରୁ ଲୋକମାନେ ସେଠାକୁ ଯିବାକୁ ଆଉ ଆଗ୍ରହ ଦେଖାଉନାହାନ୍ତି। ସହରକୁ ସୌନ୍ଦର୍ଯ୍ୟରେ ଭରିଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଦିନକୁ ଦିନ ଲୋକମାନେ ମୁହଁ ଫେରାଉଛନ୍ତି। ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ମରାମତି କରାଯିବାର ଆବଶ୍ୟକତା ରହିଛି ନେଇ ସାଧାରଣରେ ଦାବି ହେଉଛି।

# ପ୍ରତିଷ୍ଠା ହେଲା ୪୪ ସବ୍-ରେଜିଷ୍ଟ୍ରେସନ୍ ଅଫିସ୍

■ ସବୁ ତହସିଲରେ ସବ୍-ରେଜିଷ୍ଟ୍ରେସନ ଅଫିସ୍ ପ୍ରତିଷ୍ଠା କରାଯିବ

■ ରାଜସ୍ୱ ସେବାକୁ ମଧ୍ୟସ୍ଥି ମୁକ୍ତ, ଦୁର୍ନୀତି ମୁକ୍ତ କରାଯାଉଛି



**ଭୁବନେଶ୍ୱର, ୧।୧୧(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ନୂଆ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ରାଜ୍ୟର ସବୁ ତହସିଲରେ ସବ୍-ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରୀ ସେବା ସୁବିଧାରେ ପାଇବା ଲୋକଙ୍କ ଅଧିକାର। ଲୋକଙ୍କୁ ସମ୍ମାନର ସହିତ ଉତ୍ତମ ସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ନୂଆ ଉପନିବନ୍ଧକ ବା ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ରାଜସ୍ୱ ରେଜିଷ୍ଟ୍ରେସନ ଇନସ୍ପେକ୍ଟର ଜେନେରାଲ ପି ଅନ୍‌ୱେଷା ରେଡ୍ଡୀଙ୍କ ସହିତ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟର ସମୁଦାୟ ୩୧୭ ତହସିଲ ମଧ୍ୟରୁ ୨୧୭ ତହସିଲରେ ପୂର୍ବରୁ ସବ୍-ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯାଇଥିଲା। ଅବଶିଷ୍ଟ ୧୦୦ରୁ ଆଜି ୪୪ଟି ସବ୍-ରେଜିଷ୍ଟ୍ରେସନ ଅଫିସ ଖୋଲାଗଲା। ବାକି ୫୬ଟି ପର୍ଯ୍ୟାୟକ୍ରମେ ଚଳିତବର୍ଷ ଶେଷ ସୁଦ୍ଧା ଖୋଲିବାପାଇଁ ଯୋଜନା ରଖାଯାଇଛି। ବର୍ତ୍ତମାନ ରାଜ୍ୟ ସରକାର ୩୨ଟି ବିଭାଗର ୪୩୩ଟି ସେବାକୁ ଅନ୍‌ଲାଇନରେ ଯୋଗାଇ ଦେଉଛନ୍ତି ବୋଲି ସେ କହିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ବିଭାଗରେ ସଂସ୍କାର ଅଣାଯାଇ ସବୁ ତହସିଲରେ ସବ୍ ରେଜିଷ୍ଟ୍ରେସନ୍ ଖୋଲାଯିବା, କିଣାବିକା ପ୍ରକ୍ରିୟାକୁ ସରଳ କରିବା, ରାଜସ୍ୱ ରେକର୍ଡକୁ ସଂଶୋଧନ କରିବା, କ୍ୟାସଲେସ୍ ଅର୍ଥ ନେଣଦେଣ ଓ ଦ୍ରୁତ ପ୍ରଜା ପ୍ରଦାନ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ।

## ଭାଇରାଲ୍ ହେଉଛି ଗର୍ଭଗୃହ ଓ ଶ୍ରୀରାଧାଙ୍କ ଫଟୋ

**ପୁରୀ, ୧।୧୧ (ସଂଚାର ବ୍ୟୁରୋ):** ରାଜ୍ୟର ଅନ୍ୟତମ ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସାକ୍ଷିଗୋପାଳ ସ୍ଥିତ ସାକ୍ଷିଗୋପୀନାଥ ମନ୍ଦିରରେ ଗତକାଲି ପବିତ୍ର ଅଁଳା ନବମୀରେ ଶ୍ରୀରାଧାଙ୍କ ପାଦ ଦର୍ଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେଥିଲେ ଚଳିତ ବର୍ଷ ବିରାଟ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ହ୍ୱାଟସଆପ୍ ଗ୍ରୁପ ମାନଙ୍କରେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି ମନ୍ଦିର ଗର୍ଭଗୃହ, ଶ୍ରୀରାଧାଙ୍କ ଫଟୋ ଏବଂ ଶ୍ରୀରାଧାଙ୍କ ପାଦପଦ୍ମର ଫଟୋ। ବର୍ଷତମାମ ଠାକୁରାଣୀଙ୍କ ପାଦପଦ୍ମ ପିଣ୍ଡା ବସନରେ ଆବୃତ ହୋଇ ରହିଥାଏ। ବର୍ଷକରେ ଥରେ ପବିତ୍ର କାର୍ତ୍ତିକ ମାସର ଅଁଳା ନବମୀ ଦିନ ଶ୍ରଦ୍ଧାଳୁମାନେ ମା' ଙ୍କ ପାଦ ଦର୍ଶନର ସୁଯୋଗ ପାଇଥାନ୍ତି। ତେବେ ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ କିପରି କେହି ମୋବାଇଲ୍ ରେ ଏଭଳିକ ଫଟୋ ଉତୋଳନ କଲା, କିଏ ଏହି ଫଟୋ ଉଠାଇଲା, ଏହି ଫଟୋ ମୋବାଇଲ୍ କ୍ୟାମେରାରେ ଉତୋଳନ କରାଯାଇଛି ନା କୌଣସି ହିଡେନ୍ କ୍ୟାମେରାରେ ଏହି ଫଟୋକୁ କଏଦ କରାଯାଇଛି, ମନ୍ଦିର ଭିତରେ କେଉଁ ସେବକ ଏହି ଫଟୋ ଭାଇରାଲ୍ କରିଛନ୍ତି ନା କୌଣସି ଶ୍ରଦ୍ଧାଳୁ ଏହି ଫଟୋ ଉତୋଳନ କରି ପରବର୍ତ୍ତୀ ସମୟରେ ଫଟୋକୁ ଭାଇରାଲ୍ କରିଛନ୍ତି ତାକୁ ନେଇ ଏବେ ଧାର୍ମିକ ଜଗତରେ ଉଠିଛି ପ୍ରଶ୍ନ। ତେବେ ଏ ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ଆମେ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସେ ଫୋନ୍ ଉଠାଇନଥିଲେ। ଫଳରେ ତାଙ୍କ ପ୍ରତିକ୍ରିୟା ନେବା ସମ୍ଭବ ହୋଇନଥିଲା।

## ୨୪ ଘଣ୍ଟାରେ ଲଘୁଚାପ
## ୧୫ ଜିଲ୍ଲାକୁ ୟେଲୋ ଆଲର୍ଟ

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ୨୪ ଘଣ୍ଟାରେ ଲଘୁଚାପ। ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ଦେଖାଦେଇଛି। ଦକ୍ଷିଣ ମିଆଁମାର ଉପକୂଳ ଏବଂ ସଂଲଗ୍ନ ଉତ୍ତର ଆଣ୍ଡାମାନ ସାଗର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏନେଇ ସ୍ପଷ୍ଟ କରିଛି ଭାରତୀୟ ପାଣିପାଗ ବିଭାଗ। ଏହାର ପ୍ରଭାବରେ ଆଜି ଓଡ଼ିଶାରେ ଝଡ଼ବର୍ଷା ସହ ବଜ୍ରପାତ ହେବାର ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଆଜି ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ପାଇଁ ୧୫ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର।

### ଗଡ଼ିଲା ବାଲିଯାତ୍ରା ସଚେତନତା ରଥ

## ୧୨ ଯାଏଁ ଉପକୂଳର ୧୦ ଜିଲ୍ଲା ପରିକ୍ରମା କରିବ



**କଟକ,୧।୧୧(ସଂଚାର ବ୍ୟୁରୋ) :** ଗଡ଼ିଲା ବାଲିଯାତ୍ରା ସଚେତନତା ରଥ। କଟକ ବାଲିଯାତ୍ରାର ତଳ ପଡିଆ ଠାରେ ଉଦଘାଟନ ହେଲା ସଚେତନତା ରଥ। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଏହି ସଚେତନତା ରଥକୁ ଉଦଘାଟନ କରିଛନ୍ତି। ଏହି ସଚେତନତା ରଥ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ୧୦ ଜିଲ୍ଲାରେ ପରିକ୍ରମା କରିବ। ଅତୀତ ବାଲିଯାତ୍ରାର ଐତିହ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ ରଥ। ଏହାସହ ୧୦ଟି ଜିଲ୍ଲାରେ ଯାତ୍ରା ପାଇଁ ଲୋକଙ୍କୁ ଆମନ୍ତ୍ରଣ କରିବ। ବାଲିଯାତ୍ରା ଆମ ସଂସ୍କୃତି, ପରମ୍ପରା ଓ ଗୌରବମୟ ଅତୀତର ପ୍ରତୀକ। ଦରିଆ ପାରି ଦେଶମାନଙ୍କରେ କିପରି ସାଧବ ପୁଅ ବାଣିଜ୍ୟ କରୁଥିଲେ ସେନେଇ ସ୍ମରଣ କରାଇବ ଏହି ରଥ। ଆସନ୍ତା ୫ରୁ ଆରମ୍ଭ ହୋଇ ନଭେମ୍ବର ୧୨ ତାରିଖ ଯାଏଁ ଚାଲିବ ବାଲିଯାତ୍ରା।

### ■ ଆପିଲ୍ ମାମଲାର ଶୀଘ୍ର ସମାଧାନ

## ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର କ୍ୟାମ୍ପ କୋର୍ଟ



**ଭୁବନେଶ୍ୱର , ୧।୧୧(ସଂଚାର ବ୍ୟୁରୋ):** ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୪୦୦ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୪୦ଟି ମାମଲା ଗ୍ରହଣ ଓ ନିଷ୍କାସନ କରାଯାଇଥିଲା। ଏଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ। ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି।

## ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ



**ଭୁବନେଶ୍ୱର, ୧।୧୧(ସଂଚାର ବ୍ୟୁରୋ):** ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ ୨୦୨୫ ପ୍ରଦାନ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ ତାରିଖରେ ଆୟୋଜିତ ହେବାକୁ ଥିବା ୨-ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯିବ।

ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷତା, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ବିନମ୍ର ଉଦ୍ଦେଶ୍ୟ। ସୋଆ ପରିଚାଳିତ ସେଣ୍ଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ଦୁଇ ଦିନ ଧରି ଏହି ସାହିତ୍ୟ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସୂଚନା ଦେଇଛନ୍ତି ପ୍ରାଚୀନର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା।

## ବିଜେପିରେ ମିଶିଲେ ନୂଆଗାଁ ସରପଞ୍ଚ ଓ ସମିତି ସଭ୍ୟ

**ସମ୍ବଲପୁର/ନୂଆପଡ଼ା, ୧।୧୧ (ସଂଚାର ବ୍ୟୁରୋ):** ନୂଆପଡ଼ାରେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନିର୍ବାଚନ ପ୍ରଚାର ସମୟରେ ଆଜି ନୂଆଗାଁ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେପିରେ ଯୋଗ ଦେଇଛନ୍ତି। ନୂଆପଡ଼ା ନିର୍ବାଚନ ମଣ୍ଡଳୀର କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମପଞ୍ଚାୟତର ସରପଞ୍ଚ ଜୟନ୍ତୀ ମାଳା ପ୍ରଧାନ ଓ ସମିତି ସଭ୍ୟ ଡୋଳାମଣି ଶବର ବିଜେପିରେ ଯୋଗ ଦେଇଛନ୍ତି। ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ କେଭି ସିଂ ଦେଓଙ୍କ ଉପସ୍ଥିତିରେ ଏହି ଦୁଇ ପ୍ରତିନିଧି ତାଙ୍କର ଶତାଧିକ ସମର୍ଥକଙ୍କ ସହ ଡବଲ ଇଞ୍ଜିନ୍ ସରକାର ପ୍ରତି ଆକୃଷ୍ଟ ହୋଇ ବିଜେପିରେ ସାମିଲ ହୋଇଛନ୍ତି। ଏଥର ଉପନିର୍ବାଚନରେ ବିଜେପି ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଅକୁଣ୍ଠ ସମର୍ଥନ କରିବେ ବୋଲି କହିଛନ୍ତି। ନୂଆପଡ଼ା ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟଙ୍କ ବିଜେପିରେ ସାମିଲ୍ ହେବା ଆମ ଦଳକୁ ଶକ୍ତିଶାଳୀ କରିଛି ବୋଲି ଉପମୁଖ୍ୟ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଏବଂ ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ।

## ନୂଆପଡ଼ା ଉପନିର୍ବାଚନ: କୋମନା ବ୍ଲକ୍‌ରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର



**ସମ୍ବଲପୁର / ନୂଆପଡ଼ା,୧।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ଆଜି ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କୋମନା ବ୍ଲକରେ ନିର୍ବାଚନୀ ପ୍ରଚାର କରିଥିଲେ। ପ୍ରଥମେ ନୂଆପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳର ୱାର୍ଡ ନମ୍ବର-୮ ସଲେଭଟା ଅଞ୍ଚଳରେ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହାତକୁ ମଜଭୁତ କରିବା ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ।

ପରେ ନୂଆପଡ଼ାର ଆମୋଦି ଠାରେ ଆୟୋଜିତ ପ୍ରବାସୀ ଓଡ଼ିଆ ସମ୍ମିଳନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଭାରେ ମନ୍ତ୍ରୀ ଡ. ମହାଲିଙ୍ଗ ନିଜ ବକ୍ତବ୍ୟରେ ରାଜ୍ୟରେ କୃଷକ ଭାଇଭଉଣୀ ମାନଙ୍କୁ ଶସକ୍ତ ଏବଂ ସମୃଦ୍ଧ କରିବା ପାଇଁ ଧାନର ସର୍ବନିମ୍ନ ସହାୟତା ମୂଲ୍ୟରେ ବୃଦ୍ଧି, ମା'ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା, ଉନ୍ନତ ଏବଂ ନିଃଶୁଳ୍କ ଚିକିତ୍ସା ସେବା ପାଇଁ ଆୟୁଷ୍ମାନ ଏବଂ ବୟୋବନ୍ଦନା ଯୋଜନା, ନିରାଶ୍ରୟ ଲୋକ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା ଆଦି ଅନେକ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ନିଜର ସମର୍ଥନ ଜଣାଇ ଡବଲ ଇଞ୍ଜିନ ସରକାରର ଡବଲ ଦୃତ ବିକାଶ ଧାରାରେ ନୂଆପଡ଼ା ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଛତିଶଗଡ଼ ମହାସମୁନ୍ଦ ସଂସଦୀୟ କ୍ଷେତ୍ରର ସାଂସଦ ରୂପକୁମାରୀ ଚୌଧୁରୀ, ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ ବିଧାୟିକା କୁସୁମ ଟେଟେ ଏବଂ ଯୁବ ନେତା ଅଭିନନ୍ଦନ ପଣ୍ଡାଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ।

## ବ୍ୟବସାୟୀଙ୍କୁ ଅପହରଣ କରି ୪୦ ଲକ୍ଷ ଲୁଟ୍

■ ବନ୍ଧୁକ ଦେଖାଇ ଧମକ ଦେଲେ

■ ଆଖିରେ କଳାକନା ବାନ୍ଧି ନେଇଗଲେ

■ ୪ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ



**ବେତନଟୀ, ୧।୧୧(ସଂଚାର ବ୍ୟୁରୋ) :** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳର ଜଣେ ନାମୀ ବ୍ୟବସାୟୀଙ୍କୁ ଦିନ ଦ୍ୱିପ୍ରହରରେ ସଶସ୍ତ୍ର ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଅପହରଣ କରି ନେଇ ୮୦ ଲକ୍ଷ ଟଙ୍କା ଦାବି କରିଥିଲେ। ଶେଷରେ ପରିବାର ଓ ସାଙ୍ଗମାନଙ୍କଠାରୁ ୪୦ ଲକ୍ଷ ଯୋଗାଡ଼ କରି ଦେବା ପରେ ହିଁ ବ୍ୟବସାୟୀଙ୍କୁ ଛାଡ଼ିଥିଲେ ଦୁର୍ବୃତ୍ତ। ଘଟଣାଟି ଘଟିଛି ବୈସିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥ ର ପଦ୍ମନାଭ ପୁର ଟୋଲ ପ୍ଲାଜା ନିକଟରେ ଗତ ୨୩ ଅକ୍ଟୋବର ଅପରାହ୍ନରେ ବୋଲି ଜଣା ପଡିଛି ଏଥି ନେଇ ଅପହୃତ ସୁନିଲ ଅଗ୍ରୱାଲଙ୍କ ଲିଖିତ ଅଭିଯୋଗ କ୍ରମେ ଶୁକ୍ରବାର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ ମାମଲା ରୁଜୁ କରିଯାଇ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଅଭିଯୁକ୍ତ ମାନଙ୍କ ଠାରୁ ୪ ଟି ତେଲେଙ୍ଗା କଟୁରୀ, ୮ଲକ୍ଷ ୬୪ ହଜାର ୭ଶହ ଟଙ୍କା, ଗୋଟିଏ ଧଳା ରଙ୍ଗର କିଆ ସେଲ୍ଟସ ଗାଡି, ଗୋଟିଏ କଳା ରଙ୍ଗର ହୁଣ୍ଡାଇ କ୍ରେଟା ଗାଡି, ଗୋଟିଏ ଟିଭିଏସ ଆପାଚି ବାଇକ୍, ଗୋଟିଏ ବାଜାଜ୍ ପୋଲସର୍ ବାଇକ୍ ଜବତ କରିଛି।

ଏଫଆଇଆରରେ ସେ ଉଲ୍ଲେଖ କରିଛନ୍ତି ଯେ, ସେଦିନ ଅପରାହ୍ନ ପ୍ରାୟ ୪:୩୦ରେ ସେ ନିଜର ମ୍ୟାନେଜରଙ୍କ ବାଲେନୋ କାରରେ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ପଦ୍ମନାଭ ଟୋଲ୍ ପ୍ଲାଜା ନିକଟରେ ପହଞ୍ଚିବା ସମୟରେ ହଠାତ୍ ଦୁଇଜଣ ବ୍ୟକ୍ତି ବୁଲେଟ୍ ମୋଟରସାଇକଲରେ ଆସି ତାଙ୍କ ଗାଡ଼ି ଆଗରେ ଅଟକାଇ ଥିଲେ। ସେମାନେ ତାଙ୍କୁ ଗାଡ଼ିରୁ ଟାଣି ବାହାର କରି ତାଙ୍କ ମୁହଁକୁ ମୁଥ ମାରିଲେ ଓ ଧକା ଦେଇ ରାସ୍ତାରେ ପକାଇ ଦେଇଥିଲେ। ଏହି ସମୟରେ ଗୋଟିଏ କାର୍ ଆସି ପହଞ୍ଚିଲା, ଯେଉଁଠାରୁ ବନ୍ଧୁକ ଓ ଅନ୍ୟାନ୍ୟ ଅସ୍ତ୍ର ଶସ୍ତ୍ର ଧରିଥିବା କେତେକ ଦୁର୍ବୃତ୍ତ ଓହ୍ଲାଇ ତାଙ୍କୁ ଘେରି ଧରିଥିଲେ। ଚାରିଜଣ ଦୁର୍ବୃତ୍ତ ତାଙ୍କ କପାଳରେ ବନ୍ଧୁକ ରଖି ମୋବାଇଲ୍ ଫୋନ୍ ଛଡ଼େଇ ନେଇଥିଲେ। ଚିତ୍କାର କରିବୁ ଯଦି ଜୀବନରୁ 'ମାରିଦେବୁ' ବୋଲି ଧମକ ଦେଇ ହାତରେ ମୁହଁ ବନ୍ଦ କରି ଆଖିରେ କଳା କପଡ଼ା ବାନ୍ଧି କାର୍ ଭିତରେ ପୁରାଇ ନେଇଯାଇଥିଲେ। ତାଙ୍କୁ ୮୦ ଲକ୍ଷ ଟଙ୍କା ଦାବି କରାଯାଇଥିଲା। ଟଙ୍କା ନ ଦେଲେ ସେହିଦିନ ହିଁ ମାରିଦେବୁ ବୋଲି ଧମକ ଦିଆଯାଇଥିଲା। ସୁନୀଲ ନିଜର ମ୍ୟାନେଜର ତ୍ରିଲୋକ ଗୁପ୍ତାଙ୍କୁ ଫୋନ୍ କରି ଟଙ୍କା ଯୋଗାଡ଼ କରିପାରିଥିଲେ। ଦୁର୍ବୃତ୍ତମାନଙ୍କ ମଧ୍ୟରୁ ୪ ଜଣ ଯଥା ଅର୍ମାନ ଖାନ, ରାଜେଶ ବାରିକ୍ , ଭବେସ ବେହେରା,ବଳରାମ ରାଉତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚନ୍ଦକା ହତ୍ୟା ଘଟଣାର ପର୍ଦ୍ଦାଫାସ

● ଗୁଣିଗାରିଡ଼ି ସନ୍ଦେହରେ ହତ୍ୟା କରିଥିଲେ

● ୨ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

**ଭୁବନେଶ୍ୱର, ୧।୧୧(ସଂଚାର ବ୍ୟୁରୋ):** ଗତକାଲି ଚନ୍ଦକା ଫରେଷ୍ଟ ସେଞ୍ଚୁରି ଅଞ୍ଚଳରୁ ଗୋଟେ ମଣିଷ କଙ୍କାଳ ମିଳିଥିଲା। ଏହି ଘଟଣାକୁ ଗୁରୁତ୍ୱ ସହ ନେଇ କମିଶନରେଟ ପୋଲିସ ଅନୁସନ୍ଧାନ ଆରମ୍ଭ କଲା ପରେ ସାଇଣ୍ଟିଫିକ ଟିମ ସ୍ଥାନୀୟ ଗୁଇନ୍ଦାର ତଥ୍ୟ ଆଧାରରେ ମୃତକ ୪୭ ବର୍ଷ ବୟସର ରାମଚନ୍ଦ୍ର ଦେଓଗାମ୍ ବୋଲି ଜଣାପଡ଼ିଲା। ରାମଚନ୍ଦ୍ରଙ୍କ ପୁଅ ଚିହ୍ନଟ କରିଥିଲେ। ଏହି ଘଟଣାରେ ୨ ଜଣ ଅଭିଯୁକ୍ତ ଗିରଫ କରାଯାଇଛି। ଦୁହେ ଜଙ୍ଗଲ ବିଭାଗରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଫରେଷ୍ଟ ୱାଚମ୍ୟାନ୍ କହ୍ନେଇ ହେମ୍ବ୍ରମ, ରାମ ସାମଦାକୁ ଗିରଫ କରିଛି ପୋଲିସ। ଗୁଣିଆ ସନ୍ଦେହରେ ହତ୍ୟା କରିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ୩୦, ସେପ୍ଟେମ୍ବର ୨୦୨୫ ହତ୍ୟା କରିଥିଲେ ଅଭିଯୁକ୍ତ। ଦୁଇ ଅଭିଯୁକ୍ତଙ୍କର ବାପାଙ୍କ ମୃତ୍ୟୁ ପରେ ରାମଚନ୍ଦ୍ର ଗୁଣିଗାରେଡି କରୁଥିବା ସନ୍ଦେହ କରି ଅଭିଯୁକ୍ତମାନେ ରାମଚନ୍ଦ୍ରଙ୍କୁ ହତ୍ୟା କରିଥିଲେ। ୨୪ ଘଣ୍ଟା ଭିତରେ ସଠିକ୍ ତଥ୍ୟ ପ୍ରମାଣ ସହ ଅଭିଯୁକ୍ତକୁ ଗିରଫ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା ବୋଲି କହିଛନ୍ତି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ।

## ଦନ୍ତାହାତୀର ମୃତଦେହ ଠାବ

**ଭଞ୍ଜନଗର ୧।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ ରେଞ୍ଜ ବାଇବାଲି ସେକ୍ସନ ବାଣିଆପଲ୍ଲୀ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିବା ଶନିବାର ସକାଳେ ଜଣାପଡିଛି। ହାତୀ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିନାହିଁ। ଖବର ପାଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଅପରାହ୍ନରେ ଜେଟିଏଫ ଟିମ୍ ଭୁବନେଶରରୁ ଆସି ପହଞ୍ଚିବା ପରେ ହାତୀର ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଡିଏଫଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି।

## ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ପାଟଣାଗଡ଼,୧।୧୧(ସଂଚାର ବ୍ୟୁରୋ) :** ଗାଁ ପାଖ ଜଙ୍ଗଲରୁ ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ରତାଖଣ୍ଡି ଗାଁ ପାଖ ଜଙ୍ଗଲରୁ ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର ଲୋକ। ରତାଖଣ୍ଡି ଗାଁର ଜଗଦାନନ୍ଦ ସାଣ୍ଡଙ୍କ ୨୦ ବର୍ଷୀୟ ଝିଅ ସୁନିତା ଗତ ଅକ୍ଟୋବର ୮ ତାରିଖରୁ ନିଖୋଜ ଥିଲେ। ଖୋଜାଖୋଜି ପରେ ନପାଇବାରୁ ୯ ରେ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମୃତ ସୁନିତାଙ୍କ ବାପା। ମୃତକଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ପାଟଣାଗଡ଼ ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ପରିବାର ତରଫରୁ ଅଧିକ ଖୋଜାଖୋଜି କରୁଥିବା ବେଳେ ଆଜି ଗାଁ ପାଖ ଜଙ୍ଗଲରେ ସୁନିତାଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପାଟଣାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ ସହାୟତାରେ ଅଧିକ ତଦନ୍ତ ଜାରି ରହିଛି। ପରିବାର ତରଫରୁ ଏହା ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ଅଭିଯୋଗ କରାଯାଇଛି। ପାଟଣାଗଡ଼ ପୋଲିସ ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

## ବିସିଂହପୁରରେ ଭାଲୁ ଆତଙ୍କ

**ଜୟପୁର, ୧।୧୧ (ସଂଚାର ବ୍ୟୁରୋ):** ଜୟପୁର ବନଖଣ୍ଡର ବୋରିଗୁମ୍ମା ବ୍ଲକରେ କିଛି ଦିନ ହେବ ଭାଲୁ ଆତଙ୍କ ବୃଦ୍ଧି ପାଇଛି। ବିସିଂହପୁର ଓ ସେମାଳାଗୁଡା ଅଞ୍ଚଳରେ ସନ୍ଧ୍ୟା ହେବା କ୍ଷଣି ୪ଟି ଭାଲୁ ରାସ୍ତା ଉପରେ ବୁଲୁଛନ୍ତି। ଏତିକି ବେଳେ ଗତକାଲି ରାତିରେ ମାଲଦା ଗାଁ ର ହନୁମାନ ମନ୍ଦିରରେ ତିନୋଟି ଭାଲୁ ପଶି ଘଣ୍ଟା ଘଣ୍ଟା ଧରି ବୁଲୁଥିବାର କିଛି ଲୋକେ ଦେଖିଛନ୍ତି। ନିଜ ମୋବାଇଲରେ ତାହାର ଭିଡିଓ ବି ଉତୋଳନ କରିଛନ୍ତି। ଯାହା ଏବେ ଭାଇରାଲ ହେଉଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

● ସ୍ୱାଭିମାନ ଅଞ୍ଚଳରେ ଛେଳି ମଡ଼କ

## ୧୪ ଦିନରେ ମଲେଣି ୪୦ ଛେଳି

**ମାଲକାନଗିରି, ୧।୧୧ (ସଂଚାର ବ୍ୟୁରୋ):** ସ୍ୱାଭିମାନ ଅଞ୍ଚଳରେ ଦେଖିବାକୁ ମିଳିଛି ଛେଳି ମଡ଼କ। ଚିନ୍ତାରେ ଏବେ ଛେଳି ଚାଷୀ। ଗ୍ରାମକୁ ଆସୁନାହାନ୍ତି ପଶୁ ଚିକିତ୍ସକ। ଯାହା ଦ୍ୱାରା ଚାଷୀମାନେ ଏବେ ନିଜେ ଚିକିତ୍ସା କରି ବଞ୍ଚାଇ ପାରୁନାହାନ୍ତି ନିଜ ଗୃହ ପାଳିତ ଛେଳି ଓ ମେଣ୍ଢାକୁ। ଏଭଳି ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଟଂଟାଗୁଡାରେ। ଦୁଇ ସପ୍ତାହରେ ଗଲାଣି ୪୦ରୁ ଅଧିକ ଛେଳିର ଜୀବନ। ଅଜଣା ରୋଗରେ ଛେଳି ମାନେ ଆକ୍ରାନ୍ତ ହୋଇ ନାକ ଓ ପାଟିରୁ ଫେଣ ବାହାରି ପେଟ ଫୁଲାଇ ମରି ଯାଉ ଥିବାର ଚିତ୍ର ଏବେ ଦେଖିବାକୁ ମିଳିଛି। ଚିତ୍ରକୋଣ୍ଡାରେ ବ୍ଲକ କାର୍ଯ୍ୟାଳୟ ସ୍ଥାପନ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଆସି ପାରିଲାନାହିଁ ଗୋଷ୍ଠି ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ। ଯାହା ଦ୍ୱାରା ସ୍ୱାଭିମାନ ଅଞ୍ଚଳର ଗୃହ ପାଳିତ ଚାଷୀ ମାନେ ପଶୁ ପକ୍ଷୀଙ୍କ ଟୀକା କରଣ, ଉତମ ସେବା, ପରାମର୍ଶ ଓ ଚିକିତ୍ସା ସହ ସରକାରଙ୍କ ପଶୁ ପକ୍ଷୀ ପାଇଁ ଥିବା ବୀମା ଯୋଜନାର ଲାଭରୁ ବଞ୍ଚିତ ହୋଇ ରହିଛନ୍ତି।

## ଏଥର ମାଡ଼ ଖାଇବ ଛାଡ଼ଖାଇ

**ପୁରୀ,୧।୧୧(ସଂଚାର ବ୍ୟୁରୋ):** ଧର୍ମ ମାସରେ ଏକମାସ ଧରି ଅଧିକାଂଶ ଘରେ ଆମିଷ ରନ୍ଧାଯାଇନାହିଁ। ଅପେକ୍ଷା ଛାଡଖାଇକୁ। ଏଥର ପଞ୍ଚୁକ ଚାରିଦିନ। ଗୁରୁବାର ଛାଡଖାଇ ପଡ଼ିଥିବାରୁ ଆମିଷ ଆଗ୍ରହୀମାନେ ଚିନ୍ତାରେ ପଡ଼ିଛନ୍ତି। ପ୍ରକୃତ ଛାଡଖାଇ ଆମିଷ ବିନା ମାଡ ଖାଇଗଲା ବୋଲି କଥାବାର୍ତ୍ତା ହେଉଛନ୍ତି। ମାର୍ଗଶୀର ମାସ ଗୁରୁବାର ଓଲାଗି ପାଳି ହୋଇଥିବାରୁ ଗୃହିଣୀ ମାନେ ଆଗରୁ ସତର୍କ କଲେଣି ଆମିଷ ନ ଆଣିବାକୁ। ଆମିଷ ଦର ମଧ୍ୟ ଗୁରୁବାର ପରେ ଶୁକ୍ରବାର ବଢ଼ିଯିବାର ଆଶଙ୍କା ରହିଛି। ଶନିବାର ମାଛ ବଜାର ଦର ତାଲିକା ମଧ୍ୟରେ ଭାକୁର ମାଛ କିଲୋ ପ୍ରତି ୧୬୦ ରୁ ୨୦୦ ଟଙ୍କା ରହିଛି। ମିଟିକାଳି ମାଛ କିଲୋ ୧୮୦ ରୁ ୨୨୦ ଟଙ୍କା ରହିଛି। ଆନ୍ଧ୍ର ଓ ଦେଶୀ ରୋହି ମାଛ କିଲୋ ୧୪୦ ରୁ ୧୮୦ ଟଙ୍କା ରହିଛି। ସେହିପରି ଖଇଙ୍ଗା ମାଛ କିଲୋ ୪୦୦ ରୁ ୫୦୦ ଟଙ୍କା ରହିଛି। ଛୋଟ ଓ ବଡ ଚିଙ୍ଗୁଡି ୩୦୦ ରୁ ୬୦୦ ଟଙ୍କା ରହିଛି। କଟା ଚିକେନ କିଲୋ ୨୨୦ ରୁ ୨୬୦ ରହିଛି। ମଟନ କିଲୋ ୮୦୦ ରୁ ୧୦୦୦ ଟଙ୍କା ରହିଛି। ଛାଡଖାଇ ଦିନ ଏହି ଦର ବଢ଼ିବାର ଆଶଙ୍କା ରହିଛି। ଶୁକ୍ରବାର ସକାଳୁ ବିଭିନ୍ନ ଆମିଷ ଦୋକାନରେ ଗହଳି ଲାଗିରହିବ।

# ଜମି ବିକ୍ରି ନାଁରେ ୪୪ ଲକ୍ଷ ଠକେଇ: ୨ ଗିରଫ



ଟ୍ରେସିଂ ମ୍ୟାପ୍, ପଟ୍ଟା, ଚୁକ୍ତିପତ୍ର, ଟଙ୍କା ରସିଦ୍ ଜବତ୍

**ବ୍ରହ୍ମପୁର,୧।୧୧ (ସଂଚାର ବ୍ୟୁରୋ):** ଜମି କିଣେଇ ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୪୪ ଲକ୍ଷ ୫୧ ହଜାର ଟଙ୍କା ଠକେଇ ଅଭିଯୋଗରେ ଗୋସାଇଁନୂଆଗାଁ ଥାନା ପୋଲିସ ନିଳକଣ୍ଠନଗର ପ୍ରଥମ ଲାଇନ ସଂପ୍ରସାରଣ ଅଞ୍ଚଳର ବିଲଡର ଦୀଲିପ କୁମାର ପଶୁପାଳକ(୫୫) ଓ ବଦ୍ରିରାଜନଗର ୩ ଲାଇନର ପ୍ରଦୀପ ପାଣିଗ୍ରାହୀ(୬୨)ଙ୍କୁ ଗିରଫ କରିଛି। ମାମଲା ନଂ ୪୧୪/ ୨୫ ରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସ୍ଥାନୀୟ ଜ୍ୟୋତିନଗରର ସନ୍ତୋଷ କୁମାର ଶତପଥିଙ୍କୁ ଗତବର୍ଷ ଜୁନ ମାସରେ କନିଷି ଗ୍ରାମର ବ୍ୟବସାୟୀ ଜୟରାମ ନାୟକ ଦେଖା କରିଥିଲେ। ଟାଟାଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ ଜାତୀୟ ରାଜପଥ କଡରେ ୨ ଏକର ଜମି ରହିଛି ବୋଲି ସେ ସନ୍ତୋଷଙ୍କୁ ଜଣାଇବା ସହ ୱାଟସଆପ ଜରିଆରେ ଉକ୍ତ ଜମିର ମ୍ୟାପ ପଠାଇଥିଲେ। ଏହାପର ଦିନ ଉଭୟ ମିଶି ଉକ୍ତ ଜମି ଦେଖିବାକୁ ଯାଇଥିଲେ। ସେହି ଜମିଟି ଚମାଖଣ୍ଡି ଗ୍ରାମର ପି. ଯଦୁମଣି ରେଡି ଓ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ଜଣାପଡିଥିଲା। ଏହି ଜମିର ପାୱାର ଅଫ ଅଟର୍ଣ୍ଣି ବିଲଡର ଦୀଲିପ କୁମାର ପଶୁପାଳକଙ୍କ ନିକଟରେ ଥିବା ଜୟରାମ କହିବା ସହ ସେ ଏହି ଜମି ବିକ୍ରି ପାଇଁ ମାର୍କେଟିଂ କରୁଥିବା ଜଣାଇଥିଲା। ପରେ ପଶୁପାଳକ ଉକ୍ତ ଜମିର ପଟ୍ଟା, ମ୍ୟାପ ଦେବା ପରେ ଅପରାହ୍ନରେ ସମସ୍ତେ ମିଶି ପୁଣି ଉକ୍ତ ଜମି ନିକଟକୁ ଯାଇଥିଲେ। ଏହି ଜମିର ଭରଣ ୪୫ ଲକ୍ଷ ଟଙ୍କା ପଡିବ ବୋଲି କହିଥିଲେ। ମୁଲଚାଲ ପରେ ଭରଣ ପିଛା ୪୦ ଲକ୍ଷ ୫୦ ହଜାରରେ କଥା ସ୍ଥିର ହୋଇଥିଲା। ସେହିକ୍ରମରେ ପ୍ରଥମେ ୧୦ ଲକ୍ଷ ଟଙ୍କା ଅଗ୍ରୀମ ଦେବାକୁ ପଶୁପାଳକ କହିଥିଲେ। ସନ୍ତୋଷ ନିଜ ପୁଅର ଆକାଉଣ୍ଟରୁ ପଶୁପାଳକଙ୍କ ସହଯୋଗୀ ପ୍ରଦୀପଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ । ପରେ ସନ୍ତୋଷ ପର୍ଯ୍ୟାୟକ୍ରମରେ ପଶୁପାଳକ ଓ ପ୍ରଦୀପଙ୍କୁ ୪୪ ଲକ୍ଷ ୫୧ ହଜାର ଟଙ୍କା ଦେଇଥିଲେ । ୧ ମାସ ଭିତରେ ଉକ୍ତ ଜମି ପଞ୍ଜିକରଣ ହୋଇଯିବ ବୋଲି ପଶୁପାଳକ ପ୍ରତିଶ୍ରୁତି ଦେଇଥିଲେ। ଏକାଧିକ ମାସ ବିତିବା ପରେ ମଧ୍ୟ ଜମି ପଞ୍ଜିକରଣ ହୋଇନଥିଲା। ଯାହାଫଳରେ ସନ୍ତୋଷଙ୍କ ସନ୍ଦେହ ହୋଇଥିଲା। ଏହି ଜମିର ପ୍ରକୃତ ମାଲିକ କାହାକୁ ଜମି ବିକ୍ରି କରିନାହାନ୍ତି ଏବଂ ପଶୁପାଳକ ଓ ତାଙ୍କ ସହଯୋଗୀମାନେ ନକଲି କାଗଜପତ୍ର ପ୍ରସ୍ତୁତ କରି ତାଙ୍କ ଠାରୁ ୪୪ ଲକ୍ଷ ୫୧ ହଜାର ଟଙ୍କା ଠକି ନେଇଥିବା ସେ ଜାଣିବାକୁ ପାଇଥିଲେ । ଏହାକୁ ନେଇ ସେ ଉକ୍ତ ଥାନାରେ ଅଭିଯୋଗ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଅକ୍ଟୋବରରେ ସୁନା ୩.୩୯% ମହଙ୍ଗା




ଭୁବନେଶ୍ୱର, ୩୧/୧୦(ଇମିସ): ସୁନା ଓ ରୁପା ବଜାର ପାଇଁ ଅକ୍ଟୋବର ଏକ ଚର୍ଚ୍ଚିତ ମାସରେ ପରିଣତ ହୋଇଛି। ଏହି ମାସରେ ଉଭୟ ଧାତୁର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଅକ୍ଟୋବର ୧୭ ତାରିଖରେ ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୩୨,୭୭୦ ଟଙ୍କା ଛୁଇଁଥିଲା। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ସେହିଦିନ ରେକର୍ଡ ୧,୨୧,୭୦୦ ଟଙ୍କାରେ ପହଞ୍ଚିଥିଲା। କିନ୍ତୁ ଏହା ପରଠାରୁ ସୁନା ଦର ତଳକୁ ଖସିଛି। ମାସର ଶେଷଦିନ ଅର୍ଥାତ୍ ଅକ୍ଟୋବର ୩୧ରେ ୨୪ କ୍ୟାରେଟ୍ ସୁନା ଦର ୧,୨୩,୨୮୦ ଟଙ୍କାରେ ଏବଂ ୨୨ କ୍ୟାରେଟ୍ ସୁନା ଦର ୧,୧୩,୦୦୦ ଟଙ୍କା ସ୍ତରରେ ରହିଛି। ଚଳିତମାସ ଆରମ୍ଭ ଅର୍ଥାତ୍ ଅକ୍ଟୋବର ୧ରେ ୨୪ କ୍ୟାରେଟ୍ ସୁନା ଦର ୧,୧୯,୨୪୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧,୦୯,୩୦୦ ଟଙ୍କା ରହିଥିଲା। ତେଣୁ ଉଭୟ ୨୪ କ୍ୟାରେଟ୍ ଏବଂ ୨୨ କ୍ୟାରେଟ ସୁନା ଦର ଅକ୍ଟୋବର ମାସରେ ୩.୩୯ ପ୍ରତିଶତ ବୃଦ୍ଧି ଘଟିଛି। ବଜାର ଦର ଉପରେ ନଜର ପକାଇଲେ ଜଣାଯାଇଛି ଯେ ଅକ୍ଟୋବର ମାସରେ ସୁନାର ସର୍ବନିମ୍ନ ଦର ୩ ତାରିଖରେ ରହିଥିଲା। ସେହିଦିନ ୨୪ କ୍ୟାରେଟ୍ ସୁନା ଦର ୧,୧୮,୫୩୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧,୦୮,୬୫୦ ଟଙ୍କା ରହିଥିଲା। ରୁପା ଦର ମଧ୍ୟ ଅକ୍ଟୋବର ମାସରେ ୨.୪୮ ପ୍ରତିଶତ ମହଙ୍ଗା ହୋଇଛି। ଅକ୍ଟୋବର ୧ ତାରିଖରେ ରୁପାର କିଲୋଗ୍ରାମ ପିଛା ଦର ୧,୬୧,୦୦୦ ଟଙ୍କା ଥିବାବେଳେ ଅକ୍ଟୋବର ୧୫ରେ ଏହା ରେକର୍ଡ ୨,୦୭,୦୦୦ ଟଙ୍କା ଛୁଇଁଥିଲା। କିନ୍ତୁ ଅକ୍ଟୋବର ୩୧ରେ ଏହାର ଦର ୧,୬୫,୦୦୦ ଟଙ୍କାରେ ରହିଛି।

## କମିଲା ଏଲପିଜି ସିଲିଣ୍ଡର ଦାମ୍



ନୂଆଦିଲ୍ଲୀ, ୧।୧୧: ମାସ ଆରମ୍ଭରୁ ଗ୍ରାହକଙ୍କ ପାଇଁ ଖୁସି ଖବର। ଆଜିଠାରୁ ଏଲପିଜି ସିଲିଣ୍ଡର ଦାମରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଆଜିଠାରୁ ଏଲପିଜି ସିଲିଣ୍ଡର ଦାମ୍ ହ୍ରାସ ପାଇଛି। ୧୯ କିଲୋ ଏଲପିଜି ସିଲିଣ୍ଡର ଦାମରେ ପରିବର୍ତ୍ତନ ହୋଇଛି। ୧୯ କିଲୋଗ୍ରାମ ବାଣିଜ୍ୟକ ଏଲ୍ପିଜି ସିଲିଣ୍ଡରର ମୂଲ୍ୟ ୪.୫ ରୁ ୬.୫ ଟଙ୍କା ହ୍ରାସ କରିଛନ୍ତି। ଘରୋଇ ସିଲିଣ୍ଡର ଦାମରେ କୌଣସି ପରିବର୍ତ୍ତନ ହୋଇନାହିଁ। ନୂତନ ଦର ତାଲିକା ଅନୁଯାୟୀ, ଶନିବାର ନଭେମ୍ବର ୧ ଠାରୁ ଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟକ ଏଲପିଜି ସିଲିଣ୍ଡରର ଖୁଚୁରା ବିକ୍ରୟ ମୂଲ୍ୟ ୧୫୯୫.୫୦ ଟଙ୍କା ପରିବର୍ତ୍ତେ ୧୫୯୦.୫୦ ଟଙ୍କା ହେବ। ପୂର୍ବ ମାସରେ ଏହାର ଦାମ୍ ୧୫୯୫.୫୦ ରହିଥିଲା। କୋଲକାତାରେ ଏଲପିଜି ବାଣିଜ୍ୟକ ସିଲିଣ୍ଡରର ମୂଲ୍ୟ ୧୭୦୦.୫୦ ଟଙ୍କା ପରିବର୍ତ୍ତେ ୧୬୯୪ ଟଙ୍କା ହେବ। ମୁମ୍ବାଇରେ ଏବେ ଏହା ୧୫୪୭ ଟଙ୍କା ପରିବର୍ତ୍ତେ ୧୫୪୨ ଟଙ୍କାରେ ଉପଲବ୍ଧ ହେବ। ଚେନ୍ନାଇରେ ବାଣିଜ୍ୟକ ସିଲିଣ୍ଡରର ମୂଲ୍ୟ ୧୭୫୪.୫ ଟଙ୍କା ପରିବର୍ତ୍ତେ ୧୭୫୦ ଟଙ୍କା ହେବ। ବାଣିଜ୍ୟକ ସିଲିଣ୍ଡର ଶସ୍ତା ହେବା ଯୋଗୁ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ବ୍ୟବସାୟୀମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ତେବେ ଘରୋଇ ଗ୍ୟାସ ସିଲିଣ୍ଡର ଦାମରେ କୌଣସି ପରିବର୍ତ୍ତନ ହୋଇନାହିଁ। ୧୪.୨ କିଲୋ ଘରୋଇ ଏଲପିଜି ସିଲିଣ୍ଡର ଦାମ୍ ଏପ୍ରିଲ ୨୦୨୫ରୁ ସ୍ଥିର ରହିଛି। ଘରୋଇ ସିଲିଣ୍ଡର ଦାମ୍ ଦିଲ୍ଲୀରେ ୮୫୩ ଟଙ୍କା, କୋଲକତାରେ ୮୭୯ ଟଙ୍କା, ମୁମ୍ବାଇ ୮୫୨.୫୦ ଟଙ୍କା ଏବଂ ଚେନ୍ନାଇ ୮୬୮.୫୦ ଟଙ୍କା ରହିଛି।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୫,୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୪,୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୫,୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୪,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୫,୪୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୪,୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୫,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୫,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୫,୨୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୫, ୪୦୦ ଓ ୧, ୧୪,୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୮୫,୦୦୦ ଟଙ୍କା ହୋଇଛି।

## ଆଇଇଏମ୍-ୟୁଇଏମ୍ ଗ୍ରୁପ୍ ଏବଂ ଲାୟନ୍ସ କ୍ଲବ୍ ସୃଜନଶୀଳତା ଏବଂ ସମ୍ପ୍ରଦାୟ ସମ୍ମାନିତ

କୋଲକାତା, ୧।୧୧ (ସଂଚାର ବ୍ୟୁରୋ): ଚନ୍ଦନନଗର ସହର, ଯାହା ଏହାର ଚମତ୍କାର ଜଗଦ୍ଧାତ୍ରୀ ପୂଜା ପାଇଁ ପ୍ରସିଦ୍ଧ, ଏକ ଅନନ୍ୟ ସାଂସ୍କୃତିକ ପଦକ୍ଷେପର ସାକ୍ଷୀ ରହିଲା ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ମ୍ୟାନେଜମେଣ୍ଟ (ଆଇଇଏମ୍) ଏବଂ ୟୁନିଭର୍ସିଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ମ୍ୟାନେଜମେଣ୍ଟ (ୟୁଇଏମ୍), କୋଲକାତା, ଲାୟନ୍ସ କ୍ଲବ୍ ଅଫ୍ କୋଲକାତା ଆଇଇଏମ୍ ଏବଂ ଲାୟନ୍ସ କ୍ଲବ୍ ଅଫ୍ କୋଲକାତା ସଲ୍ଟ ଲେକ୍ ଆଇଇଏମ୍ ସହଯୋଗରେ, ଜଗଦ୍ଧାତ୍ରୀ ପୂଜା ସମ୍ମାନ ୨୦୨୫ର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସହରର ସବୁଠାରୁ ଉତ୍କୃଷ୍ଟ ପୂଜାଗୁଡ଼ିକୁ ସେମାନଙ୍କର କଳା, ନବସୃଜନ ଏବଂ ସାମାଜିକ ଅବଦାନ ପାଇଁ ଚିହ୍ନଟ ଏବଂ ପାଳନ କରିବା। ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ ଲାୟନ୍ସ କ୍ଲବ୍ ପ୍ରତିନିଧିମାନଙ୍କୁ ନେଇ ଗଠିତ ଏକ ପ୍ୟାନେଲ ଚନ୍ଦନନଗର, ଭଦ୍ରେଶ୍ୱର ଏବଂ ମାନକୁଣ୍ଡୁରେ ୫୦ରୁ ଅଧିକ ପୂଜା ମଣ୍ଡପ ପରିଦର୍ଶନ କରିଥିଲେ, କଳାତ୍ମକ ନବସୃଜନ, ମୂର୍ତ୍ତି ଡିଜାଇନ୍, ପାରମ୍ପରିକ ସୌନ୍ଦର୍ଯ୍ୟ, ଆଲୋକୀକରଣ ଏବଂ ସାମୁଦାୟିକ ସମ୍ପୃକ୍ତି ଭଳି ପାରାମିଟର ଉପରେ ସେଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ବିଜେତାମାନଙ୍କ ମଧ୍ୟରେ ନେଓଗିବାଗାନ ନୋବୋ ବାଳକ ସଂଘ, ସର୍କସ୍ ମଠ ସାର୍ବଜନୀନ, ତେମାଥା ସାର୍ବଜନୀନ, ବେସୋହାଟା ସାର୍ବଜନୀନ, ହେଲାପୁକୁର ସାର୍ବଜନୀନ, ଉତ୍ତରାଞ୍ଚଳ ସାର୍ବଜନୀନ ବୋରୋ ପଞ୍ଚାନନତାଲା ସାର୍ବଜନୀନ, ଫୋଟୋକଗୋରା ସାର୍ବଜନୀନ, ଏବଂ ମଧ୍ୟାଂଚଳ ସାର୍ବଜନୀନ ସମ୍ମାନ ଗ୍ରହଣ କରିଥିଲେ। ଆଇଇଏମ୍-ୟୁଇଏମ୍ ଗ୍ରୁପ୍‌ର ନିର୍ଦ୍ଦେଶକ ପ୍ରଫେସର ଡଃ ସତ୍ୟଜିତ୍ ଚକ୍ରବର୍ତ୍ତୀ କହିଛନ୍ତି ଯେ, ଚନ୍ଦନନଗରର ଜଗଦ୍ଧାତ୍ରୀ ପୂଜା ବଙ୍ଗଳାର ସୃଜନଶୀଳ ଆତ୍ମାକୁ ଦର୍ପଣ କରିଥାଏ - ଭକ୍ତି, କଳା ଏବଂ ମାନବିକତାକୁ ଏକତ୍ର କରିଥାଏ। ଏହି କାର୍ଯ୍ୟକ୍ରମ ସହରର କାରିଗର ଏବଂ ସଂଗଠକମାନଙ୍କ ପାଇଁ ଏକ ସମ୍ମାନ ଭାବରେ ଛିଡା ହୋଇଥିଲା ଯାହାର ଉତ୍ସାହ ପରମ୍ପରାକୁ ଉଜ୍ଜ୍ୱଳତା ଏବଂ ହୃଦୟରେ ବଞ୍ଚାଇଥାଏ।




## ଜିଓ ଗ୍ରାହକ ପାଇଁ ଗୁଗଲ୍ ଏଆଇ ପ୍ରୋ ୧୮ ମାସ ମାଗଣା

ମୁମ୍ବାଇ, ୧।୧୧: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଗୁଗଲ୍ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗିତା କରିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଉଭୟ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବେ। ଏହି ସହଯୋଗିତାରେ ଜିଓ ଗ୍ରାହକମାନଙ୍କୁ ୧୮ ମାସ ପାଇଁ ଗୁଗଲ୍ ଏଆଇ ପ୍ରୋ ପ୍ଲାନ୍ ମାଗଣାରେ ମିଳିବ। ଏମିତିରେ ପ୍ଲାନ୍‌ର ମୂଲ୍ୟ ୩୫,୧୦୦ ଟଙ୍କା ରହିଛି। କିନ୍ତୁ ଜିଓ ଗ୍ରାହକମାନେ ତାହାକୁ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେମାନେ ଗୁଗଲ୍ ଜେମିନି ୨.୫ ପ୍ରୋ, ନାନୋ ବନାନା ଓ ଭିଓ ୩.୧ ମଡେଲ୍ ଆଦିକୁ ବ୍ୟବହାର କରିପାରିବେ। ଅଧ୍ୟୟନ ଓ ଗବେଷଣା ପାଇଁ ନୋଟ୍‌ବୁକ୍ ଏଲ୍ଏମ୍ ଓ ୨ ଟିବି କ୍ଲାଉଡ୍ ଷ୍ଟୋରେଜ୍ ଭଳି ସେବା ପାଇପାରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ସେବା ୧୮-୨୫ ବର୍ଷ ବୟସର ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ। ଆଗାମୀ ଦିନରେ ସବୁ ଗ୍ରାହକ ଏହି ସୁବିଧା ପାଇପାରିବେ। କେବଳ ୫ଜି ଅସୀମିତ ପ୍ଲାନ ନେଇଥିବା ଗ୍ରାହକମାନଙ୍କୁ ଏଆଇ ସୁବିଧା ପ୍ରଦାନ କରାଯିବ। ରିଲାଏନ୍ସ ଇଣ୍ଟେଲିଜେନ୍ସ ଲିମିଟେଡ୍ ଓ ଗୁଗଲ୍ ମିଳିତ ଭାବେ ଜିଓ ଗ୍ରାହକମାନଙ୍କ ପାଇଁ ଏହି ସୁବିଧା ଆଣିଛନ୍ତି। ପରବର୍ତ୍ତୀ ସମୟରେ ପ୍ରତିଟି ଗ୍ରାହକ, ସଂସ୍ଥା ଓ ଡେଭଲପରଙ୍କୁ ସେଥିରେ ଯୋଡ଼ାଯିବ। ଏ ସମ୍ପର୍କରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ୧୪୫ କୋଟି ଭାରତୀୟଙ୍କ ପାଖରେ ଏଆଇ ସେବା ପହଞ୍ଚାଇବା। ଗୁଗଲ୍ ଭଳି ଏକ ଦୀର୍ଘକାଳୀନ ସହଯୋଗୀ ସହିତ ଆମେ ଭାରତକୁ ଏଆଇ ସକ୍ଷମ ଓ ଏଆଇ ସମର୍ଥ କରିବାକୁ ଚାହୁଁଛୁ ବୋଲି ସେ କହିଛନ୍ତି। ଗୁଗଲ୍‌ର ସିଇଓ ସୁନ୍ଦର ପିଚାଇ କହିଛନ୍ତି ଯେ ଭାରତର ଡିଜିଟାଲ ଭବିଷ୍ୟତକୁ ସାକାର କରିବା ଦିଗରେ ରିଲାଏନ୍ସ ଆମ ପାଇଁ ଏକ ପ୍ରମୁଖ ଅଂଶୀଦାର। ଏହି ପଦକ୍ଷେପ ଭାରତୀୟ ଗ୍ରାହକ, ବ୍ୟବସାୟ ଓ ଡେଭଲପର୍‌ମାନଙ୍କ ପାଖରେ ଗୁଗଲ୍‌ର ଅତ୍ୟାଧୁନିକ ଏଆଇ ଟୁଲ୍ ପହଞ୍ଚାଇବ।

## ସୁନା ଉପରୁ ଟ୍ୟାକ୍ସ ରିହାତି ହଟାଇଲା ଚୀନ୍, ଏବେ ବଢ଼ିବ ଦର

ବେଜିଂ ୧।୧୧: ସୁନାକୁ ନେଇ ଚୀନ୍ ବଡ଼ ନିଷ୍ପତ୍ତି ନେଇଛି। ସୁନା ଉପରେ ଥିବା ଟ୍ୟାକ୍ସ ରିହାତିକୁ ଚୀନ୍ ହଟାଇ ଦେଇଛି। ଏହି ନିଷ୍ପତ୍ତି ୧ ନଭେମ୍ବର ୨୦୨୫ରୁ ଦେଶରେ କାର୍ଯ୍ୟକାରୀ ହୋଇଛି। ଚୀନ୍ ରେ ସୁନା କିଣିଲେ ଏବେ ମୂଲ୍ୟ ଯୁକ୍ତ ଟ୍ୟାକ୍ସ (ଭାଟ) ଦେବାକୁ ପଡିବ।ଏଣୁ ସାଂଘାଇ ଗୋଲ୍ଡ ଏକ୍ସଚେଞ୍ଜରୁ କିଣା ଯାଉଥିବା ସୁନା ପାଇଁ ଶୁଳ୍କ ରିହାତି ମିଳିବ ନାହିଁ। ଏହି ନିଷ୍ପତ୍ତିର ପ୍ରଭାବ କେବଳ ଚୀନ୍ ନୁହେଁ ସାରା ବିଶ୍ୱ ବଜାର ଉପରେ ପଡିବ ବୋଲି ଏବେ ଆଶଙ୍କା କରାଯାଉଛି। ଆର୍ଥିକ ମାନ୍ଦାବସ୍ଥା ମୁହଁରେ ଛିଡା ହୋଇଥିବା ଚୀନ୍ ରାଜସ୍ୱ ଆୟ ବଢାଇବା ପାଇଁ ଏହି ପଦକ୍ଷେପ ନେଇଛି। ଏହା ଦ୍ୱାରା ସରକାରଙ୍କ ଆୟ ବଢ଼ିବ, ହେଲେ ଲୋକଙ୍କ ପକେଟ ଖାଲି ହୋଇଯିବ। ଏହି ଟ୍ୟାକ୍ସ ସମାପ୍ତ ହେବା ଯୋଗୁ ଦେଶରେ ସୁନା ଦର ବଢ଼ିଯିବ। ସରକାରଙ୍କ ନିଷ୍ପତ୍ତି ପରେ ସାଂଘାଇ ଗୋଲ୍ଡ ଏକ୍ସଚେଞ୍ଜରୁ ଖୁଚୁରା ସୁନା କିଣୁଥିବା ରିଟେଲରଙ୍କୁ ଭାଟରେ ରିହାତି ମିଳିବ ନାହିଁ। ଏଣୁ ଚୀନ୍ ରେ ସୁନା କିଣାବିକା ମହଙ୍ଗା ହୋଇଯିବ।

ଅନ୍ୟପକ୍ଷରେ ସରକାର ସୁନା ଉପରେ ଶୁଳ୍କ ବସାଇବା ଯୋଗୁ ଦେଶରେ ଚାହିଦା କମିବ। ବୈଶ୍ୱିକ ବଜାରରେ ସୁନା ଆଉନ୍ସ ପିଛା ୪୦୦୦ ଡଲାର ଆଖପାଖରେ କାରବାର ହେଉଛି। ଏବେ ଚୀନ୍ ସୁନା ଉପରୁ ଟ୍ୟାକ୍ସ ପ୍ରତ୍ୟାହାର କରିବା ଯୋଗୁ ବର୍ଷକ ପରେ ସୁନା ଆଉନ୍ସ ପିଛା ବୈଶ୍ୱିକ ବଜାରରେ ୫ହଜାର ଡଲାର ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ସାରା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କମାନେ ଯେଉଁ ହାରରେ ସୁନା କ୍ରୟ କରୁଛନ୍ତି ଏଥିରୁ ମୂଲ୍ୟ ବୃଦ୍ଧି ଆଶଙ୍କାକୁ ଟାଳି ଦେଇ ହେବନି ବୋଲି ବିଶେଷଜ୍ଞ କହିଛନ୍ତି। ଆମେରିକାରେ ସୁଧହାର ହ୍ରାସ ଓ ଟାରିଫ ଏବଂ ଟ୍ରେଡ ୱାରକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏଣୁ ସୁନା ଚାହିଦା ଢେର ବଢ଼ିଥିବା ବେଳେ ଚୀନ୍ ପକ୍ଷରୁ ଟ୍ୟାକ୍ସ ରିହାତି ହଟା ଯିବା ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି କୁହାଯାଉଛି। ଏଣୁ ହ୍ରାସ ହୋଇ ଚାଲିଥିବା ସୁନା ଦର ପୁଣି ବଢ଼ିବା ଆରମ୍ଭ ହେବ ବୋଲି ଆଶଙ୍କା କରାଯାଉଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୫ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ରୁଷଠାରୁ ରେକର୍ଡ ସଂଖ୍ୟକ ସୂର୍ଯ୍ୟମୁଖୀ ତେଲ ଆମଦାନୀ କଲା ଭାରତ

ନୂଆଦିଲ୍ଲୀ, ୧।୧୧: ରୁଷଠାରୁ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିବାକୁ ନେଇ ଆମେରିକା ସହିତ ଅନ୍ୟମାନେ ଭାରତଉ ଉପରେ ଚାପ ପକାଉଥିଲେ ବି ଭାରତ କିନ୍ତୁ ଅନ୍ୟ ମାଧ୍ୟମରେ ରୁଷ ଠାରୁ ସାମଗ୍ରୀ କିଣି ଚାଲିଛି। ପେଟ୍ରୋଲ ଓ ଡିଜେଲ ବନ୍ଦ ହେଲେ କଣ ହେବ ରୁଷ ଠାରୁ ବହୁଳ ମାତ୍ରାରେ ସୂର୍ଯ୍ୟମୁଖୀ ତେଲ କିଣିବା ଆରମ୍ଭ କରିଦେଇଛି ଇଣ୍ଡିଆ। ଭାରତକୁ ସୂର୍ଯ୍ୟମୁଖୀ ତେଲ ରପ୍ତାନୀ କରିବାରେ ରୁଷ ୟୁକ୍ରେନକୁ ପଛରେ ପକାଇ ନମ୍ବର ୱାନ ଯୋଗଣକାରୀ ରାଷ୍ଟ୍ର ହୋଇଛି। ୨୦୨୧ ମସିହା ପରଠାରୁ ରୁଷରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ ୧୨ ଗୁଣ ବୃଦ୍ଧି ପାଇଛି। କ୍ରୁଡ ଅଏଲ ଭଳି ରୁଷୀୟ ସୂର୍ଯ୍ୟମୁଖୀ ତେଲ ମଧ୍ୟ ଅନ୍ୟ ମାର୍କେଟ ଅପେକ୍ଷା ଶସ୍ତା ଓ ଖୋଲା ସମୁଦ୍ର ବନ୍ଦର ଦେଇ ସହଜରେ ପହଞ୍ଚିପାରୁଥିବାରୁ ଭାରତ ରୁଷ ଠାରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ ବଢ଼ାଇ ଦେଇଛି। ଏହି ସମୟରେ, ୟୁକ୍ରେନର ରପ୍ତାନି ବର୍ତ୍ତମାନ ମୁଖ୍ୟତଃ ୟୁରୋପକୁ ଯାଉଛି। କାରଣ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଯୋଗୁ ବନ୍ଦରଗୁଡ଼ିକ ବନ୍ଦ ପଡ଼ିଛି। ଫଳରେ ଭାରତକୁ ପରିବହନ ମହଙ୍ଗା ଏବଂ କଷ୍ଟକର ହୋଇପଡୁଛି। ୨୦୨୪ ସୁଦ୍ଧା, ଭାରତର ସୂର୍ଯ୍ୟମୁଖୀ ତେଲ ଆମଦାନୀର ଅଧାରୁ ଅଧିକ -ପ୍ରାୟ ୫୬% - ରୁଷରୁ ଆସିଥିଲା। ଯେତେବେଳେ କି ୨୦୨୧ ରେ ମାତ୍ର ୧୦% ଆମଦାନୀ ହୋଇଥିଲା। ଯଦିଓ ସୂର୍ଯ୍ୟମୁଖୀ ତେଲ ମୂଲ୍ୟ ବୃଦ୍ଧି ପାଇଛି ଏବଂ ମୋଟ ଆମଦାନୀ ପ୍ରାୟ ୧୩% ହ୍ରାସ ପାଇବାର ଆକଳନ କରାଯାଉଛି, ତଥାପି ରୁଷ ଭାରତକୁ ସୂର୍ଯ୍ୟମୁଖୀ ତେଲ ରପ୍ତାନୀରେ ୫୫-୬୦% ସହିତ ଆଗରେ ରହିବ ବୋଲି ଜଣାପଡ଼ିଛି। ଅଶୋଧିତ ତୈଳ ଆମଦାନୀ ପାଇଁ ଆମେରିକା ଭାରତ ଉପରେ ଦଣ୍ଡାତ୍ମକ ଭାବେ ଅତିରିକ୍ତ ୨୫% ଶୁଳ୍କ ଲଗାଇଛି। ତେଣୁ ଭାରତ ଏବେ ରୁଷ ଠାରୁ କ୍ରୁଡ ଅଏଲ ନ କିଣିବାକୁ ବିଚାର କରୁଛି। ହେଲେ ପାମ ଅଏଲ ଆମଦାନୀ ବଢ଼ାଇ ମିତ୍ର ରାଷ୍ଟ୍ର ସହିତ ବାଣିଜ୍ୟକ ସମ୍ପର୍କ ଦୃଢ଼ ରଖିବାକୁ ଚେଷ୍ଟା ଜାରି ରଖିଛି।



## ଆପ୍ରେଣ୍ଟିସସିପ୍ ଡିଗ୍ରି ପାଠ୍ୟକ୍ରମ ଉପରେ କର୍ମଶାଳା

କୋଲକାତା, ୧।୧୧: କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ବୋର୍ଡ ଅଫ୍ ପ୍ରାକ୍ଟିକାଲ୍ ଟ୍ରେନିଂ (ବିଓପିଟି)-ପୂର୍ବାଞ୍ଚଳ ପକ୍ଷରୁ ବିଶ୍ୱ ବାଂଗଲା କନ୍‌ଭେନ୍‌ସନ୍ ସେଣ୍ଟର୍‌ରେ ଆପ୍ରେଣ୍ଟିସସିପ୍ ଏମ୍ବେଡେଡ୍ ଡିଗ୍ରି ପାଠ୍ୟକ୍ରମ (ଏଇଡିପି) ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ଜଗତର ପ୍ରତିନିଧି ଭାଗ ନେଇ ଏଇଡିପିର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଓପିଟିର ନିର୍ଦ୍ଦେଶ ଡ. ଏସ୍ ଏମ୍ ଏଜାଜ ଅହମ୍ମଦ କହିଥିଲେ ଯେ ଏଇଡିପି ହେଉଛି ଭାରତର ଉଚ୍ଚଶିକ୍ଷାରେ ଏକ ପରିବର୍ତ୍ତନକୁ ଦର୍ଶାଉଛି। ସ୍ନାତକ ହେଉଥିବା ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନ ଜ୍ଞାନ ସହ ବାସ୍ତବ ଶିଳ୍ପ ଅଭିଜ୍ଞତା ପାଇବାକୁ ଏହା ନିଶ୍ଚିତ କରୁଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଏଏସ୍‌ଡିସିର ଆଞ୍ଚଳିକ ମୁଖ୍ୟ ଆକାଶ ଗୁପ୍ତା, ଓରିଅନ୍ କର୍ପୋରେଟ୍ ଆଲାଏନ୍ସର ନିର୍ଦ୍ଦେଶକ ସୋମନାଥ ବାନାର୍ଜୀ ଉପସ୍ଥିତ ଥିଲେ।



କାହା ପାଇଁ ପୂଜା କେମିତି ? ରାସ୍ତା କଡ଼ରେ ନିଜର କୋମଳମତି ଶିଶୁ ମାନଙ୍କୁ ଧରି ଲାଇଟ୍ ବେଲୁନ ବିକ୍ରି କରିବାରେ ବ୍ୟସ୍ତ ରାଜସ୍ଥାନୀ ବେପାରୀ।

# ପରଙ୍ଗ ଡ୍ୟାମ୍‌ରେ ଆଜି ବି ଭାସୁଛି ହଜାର ହଜାର ମଲା ମାଛ



**ଅନୁଗୁଳ,୧।୧୧(ସଂଚାର ବ୍ୟୁରୋ):** ଯୁଆଡ଼େ ଆଖି ବୁଲାଇଲେ, ପାଣି ଉପରେ ଭାସୁଛନ୍ତି ହଜାର ହଜାର ମଲା ମାଛ । ଅନୁଗୁଳ ଜିଲ୍ଲା ପରଙ୍ଗ ଡ୍ୟାମରେ ଆଜି ବି ପଡ଼ିଛି ମାଛ ମଡ଼କ । ଗତକାଲି ତୁଳନାରେ ଆଜି ଢେର ଅଧିକ ମଲା ମାଛ ଭାସୁଥିବା ଦେଖିବାକୁ ମିଳିଛି। ଲାଗୁଛି ଦିନ କେଇଟାରେ ମାଛଶୂନ୍ୟ ହୋଇଯିବ ପରଙ୍ଗ ଡ୍ୟାମ । ଜିଲ୍ଲା ମତ୍ସ୍ୟ ଅଧିକାରୀ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୁଳ ଆଞ୍ଚଳିକ କାର୍ଯ୍ୟାଳୟର ଏକ ଟିମ୍ ଯାଇ ଡ୍ୟାମକୁ ଯାଇ ପାଣି ଓ ମାଛ ନମୁନା ସଂଗ୍ରହ କରିଛନ୍ତି । ଜିଲ୍ଲା ମତ୍ସ୍ୟ ଅଧିକାରୀ ଡ୍ୟାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ କହିଛନ୍ତି, ଡ୍ୟାମରେ ରୋହି, ଭାକୁଡ଼ ସମେତ ବିଭିନ୍ନ ପ୍ରଜାତିର ମାଛ ମରି ଭାସୁଛନ୍ତି। ପାଣିରୁ ଭୟଙ୍କର ଦୁର୍ଗନ୍ଧ ବାହାରୁଛି। ମାଛଙ୍କ ଲାଗି କ୍ଷତିକାରକ ହେବାଭଳି କିଛି ଜିନିଷ ପାଣିରେ ମାତ୍ରାଧିକ ମିଶିଥିବାରୁ ଏଭଳି ମାଛ ମଡ଼କ ପଡ଼ିଛି । ମାଛ ଓ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱରର ଏକ ଲାବୋରେଟୋରିକୁ ପଠାଯାଇଛି ।

# ୧୦ ଦଫା ଦାବି ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର



**ବୋରିଗୁମ୍ମା/ଜୟପୁର, ୧।୧୧(ସଂଚାର ବ୍ୟୁରୋ):** ଶିକ୍ଷା ବିଭାଗ ରେ କାର୍ଯ୍ୟରତ କର୍ମଚାରୀ ମାନେ ନିଷ୍କ୍ରେସିତ ଅବହେଳିତ ଅବସ୍ଥାରେ ରହୁଥିବା ଯୋଗୁଁ ସେମାନେ ବାରମ୍ବାର ସଂଘ ର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶ୍ରୀ ଶଶୀଭୂଷଣ ଦାଶ୍ ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟ ଙ୍କୁ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ ୧୦ ଦଫା ଦାବିପତ୍ର ପ୍ରଦାନ କରିବା ସହିତ ସେମାନଙ୍କ ୧୦ ଦଫା ଦାବି ପୁରଣ କରି କୋରାପୁଟ ଜିଲ୍ଲା ଶିକ୍ଷା ବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କ ପ୍ରତି ନ୍ୟାୟ ପ୍ରଦାନ କରିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଅନୁରୋଧ କରିଛନ୍ତି। ଦାବି ଗୁଡ଼ିକ ନ୍ୟାର୍ଯ୍ୟ ଦାବି ବୋଲି ଶ୍ରୀ ଦାଶ୍ ପ୍ରକାଶ କରିଛନ୍ତି। ଗୋଟିଏ ଶିକ୍ଷକ/ଶିକ୍ଷୟିତ୍ରୀ ରେ ବିଦ୍ୟାଳୟ ଗୁଡ଼ିକ ଚାଲୁଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଚାପଗ୍ରସ୍ତ ହୋଇ ରହୁଛନ୍ତି ତେଣୁ ସେହି ବିଦ୍ୟାଳୟ ମାନଙ୍କ ରେ ଶିକ୍ଷକ ନିଯୁକ୍ତି କରିବା, ବିଦ୍ୟାଳୟ ମାନଙ୍କ ରେ ଆବଶ୍ୟକତା ଅନୁପାତରେ ଶିକ୍ଷକ ଯୋଗାଇ ଦେବା, ଉପାନ୍ତ ଅଞ୍ଚଳ ରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ମାନଙ୍କୁ ଉପଯୁକ୍ତ ସ୍ଥାନ କୁ ବଦଳି କରିବା, ସ୍ୱାସ୍ଥ୍ୟ ଗତ ସମସ୍ୟା ଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କୁ ଉପଯୁକ୍ତ ସ୍ଥାନକୁ ବଦଳି କରି ଆଣିବା। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କନିଷ୍ଠ ସହାୟକ ପଦବୀ ରେ ପଦୋନ୍ନତି ଦେବା। ସ୍ଥଗିତ ରଖାଯାଇଥିବା ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରିବା। ଯୋଗ୍ୟତା ଭିତିରେ କନିଷ୍ଠ ସହାୟକ ଓ ବରିଷ୍ଠ ସହାୟକ ମାନଙ୍କୁ ପଦୋନ୍ନତି ଦେବା, ଆବଶ୍ୟକତା ଅନୁପାତରେ ରେ କାର୍ଯ୍ୟାଳୟ ମାନଙ୍କ ରେ କର୍ମଚାରୀ ନିଯୁକ୍ତ କରିବା। ଏ ନେଇ ଶ୍ରୀ ଦାଶ୍ ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟ ଙ୍କ ସହିତ ଆଲୋଚନା କରିଥିବା ଗଣ ମାଧ୍ୟମକୁ ସୁଚନା ଦେଇଥିଲେ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ




**ବୋରିଗୁମ୍ମା, ୧।୧୧ (ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ପକ୍ଷରୁ ସଚେତନତା ରଥ ଗଡ଼ିବା ସହ ସାଇବର ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଇବର ସୁରକ୍ଷା ସଚେତନତା ରଥ ବୋରିଗୁମ୍ମା ସହରର ମୁଖ୍ୟ ଟ୍ରାଫିକ ଛକରେ ପହଞ୍ଚିଥିବା ବେଳେ ସହର ପରିକ୍ରମା କରି ଭୈରବ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ପରେ ସାଇବର ସୁରକ୍ଷା ସଚେତନତାକୁ ନେଇ ଏକ ଆଲୋଚନା ଚକ୍ର ସ୍ଥାନୀୟ ଆଇଆଇସି ଶ୍ୱେତ ପଦ୍ମା ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୋରାପୁଟ ଡ଼ିଏସପି. ପୁଷ୍ପାଞ୍ଜଳି ନିଙ୍ଗୀ, ବୋରିଗୁମ୍ମା ଏସଡିପିଓ. ସତ୍ୟବ୍ରତ ଲେଙ୍କା, ଇନ୍ସପେକ୍ଟର ରଚିତା ମାଡକାମୀ, ବୋରିଗୁମ୍ମା ଭୈରବ ଡିଗ୍ରୀ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼.ସୌମେନ୍ଦ୍ର କୁମାର ସ୍ୱାଇଁ ମହାବିଦ୍ୟାଳୟର ପରିଚାଳନା ବୋର୍ଡ ସଭାପତି କେ. ନାଗରାଜ ଦୋରା, ସମ୍ପାଦକ ସୁବାଷ ଚନ୍ଦ୍ର ନାୟକ, ସଦସ୍ୟ ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି ସାଇବର ସଚେତନତା କାର୍ଯ୍ୟକ୍ରମ ଆଲୋଚନାର ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ସାଇବର ସୁରକ୍ଷା ଅଭିଯାନକୁ ନେଇ ବୋରିଗୁମ୍ମା ସ୍ଥିତ ବାଣିଶ୍ରୀ କଲେଜ ଓ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ସହ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଥିବା କୃତି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀ, ବୁଦ୍ଧିଜୀବି ଯୁବଗୋଷ୍ଠୀ ଉପସ୍ଥିତ ରହିଥିଲେ।

# ଏକ୍ସେଲିସିୟର ବିଜ୍ଞାନ କଲେଜରେ ଛାତ୍ର ମୃତ୍ୟୁ



**ଯାଜପୁରରୋଡ଼,୧।୧୧(ସଂଚାର ବ୍ୟୁରୋ):** ପାଣିକୋଇଲି ଥାନା ଅନ୍ତର୍ଗତ ଛୋଟରାପୁର ଗ୍ରାମସ୍ଥିତ ଏକ୍ସେଲିସିୟର ବିଜ୍ଞାନ କଲେଜରେ ଗତକାଲି ରାତିରେ ଏକ ଛାତ୍ରର ମୃତ୍ୟୁ ଘଟିଛି। ଛାତ୍ର ଜଣକ ଦାନଗଦି ବ୍ଲକ ଅନ୍ତର୍ଗତ ମାନତିରା ପଂଚାୟତ କେନ୍ଦୁଢିପି ଗ୍ରାମର ବିଜୟ ପାଲ'ଙ୍କ ପୁଅ ଆଶିଷ ପାଲ(୧୯) ବୋଲି ଜଣାପଡ଼ିଛି। ତେବେ ଏହି କଲେଜରେ ମୃତ୍ୟୁ ବରଣ କରିଥିବା ଛାତ୍ର ଆଶିଷ ପାଲ କଲେଜ ହଷ୍ଟେଲର ଗାଧୁଆଘରେ ଏକ ଗାମିଛା ଯୋଗେ ମୃତ୍ୟୁ ବରଣ କରି ଝୁଲନ୍ତା ଅବସ୍ଥାରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମୃତ ଛାତ୍ରଙ୍କ ପରିବାର ଲୋକ, ବନ୍ଧୁ ପରିଜନଙ୍କ ସମେତ କେନ୍ଦୁଢିପି ଗ୍ରାମର ବାସିନ୍ଦା ମାନେ ଖବରପାଇ କଲେଜ ପରିସର ଠାରେ ପହଂଚିଲା ପରେ ଉକ୍ତ ପରିସର ଶୋକାକୁଳ ମୟ ହେବା ସହ କିଛି ସମୟ ଧରି କଲେଜ କର୍ମଚାରୀ, କର୍ତୃପକ୍ଷ ଓ କେନ୍ଦୁଢିପି ଗ୍ରାମର ବାସିନ୍ଦାଙ୍କ ଭିତରେ ଉକ୍ତ ସ୍ଥାନରେ ମଧ୍ୟ ଏହି ଘଟଣାକୁ ନେଇ ଉତ୍ୟେଜନା ପୁର୍ଣ୍ଣ ହୋଇଉଠିଥିଲା। ଘଟଣାସ୍ଥଳରେ ପାଣିକୋଇଲି ଥାନା ଆଇଆଇସି ରଞ୍ଜିତ ମହାନ୍ତି, ଅଡିସିନାଲ ତହସିଲଦାର ପ୍ରଶାନ୍ତ ପୁହାଣ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ ନେବାକୁ ଯାଉଥିବା ସମୟରେ ପରିସ୍ଥିତି ଅଣଆୟର୍ତ ହୋଇପଡ଼ିବା ଯୋଗୁଁ ସଙ୍ଗେ ସଙ୍ଗେ କୋରେଇ ଆଇଆଇସି ରାକେଶ ତ୍ରିପାଠୀ, ଯାଜପୁର ରୋଡ଼ ଆଇଆଇସି ଆଶିଷ ସାହୁ ଓ ପୋଲିସ ଫୋର୍ସ ପହଞ୍ଚି ଘଟଣାସ୍ଥଳର ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ।

# କେନ୍ଦୁଝରରେ 'ଆରୋଗ୍ୟ ମନ୍ଦିରର' ଉଦ୍‌ଘାଟନ

**କେନ୍ଦୁଝର,୧।୧୧(ସଂଚାର ବ୍ୟୁର):** କେନ୍ଦୁଝର ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ "ବିକାଶ ଜ୍ୟୋତି ଫାଉଣ୍ଡେସନ" ପକ୍ଷରୁ କେନ୍ଦୁଝର ସହରରେ 'ଆରୋଗ୍ୟ ମନ୍ଦିର ' ନାମକ ଏକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ରର ଆଜି ଶୁଭ ଉଦ୍ଘାଟନ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ କେନ୍ଦୁଝର ପୌରପାଳିକା ର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ମୁଖ୍ୟ ଅତିଥି, ଧରଣୀଧର ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନା ର ମୁଖ୍ୟ ଶ୍ରୀମତୀ ସରିତା ନାୟକ ମୁଖ୍ୟ ବକ୍ତା, କାଉନସିଲର ନିହାର ରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ତଥା ମାନ୍ୟବର ସାଂସଦ ଙ୍କ ପ୍ରତିନିଧି ରଞ୍ଜନ କୁମାର ତ୍ରିପାଠୀ, ଓଡ଼ିଶା ଗାନ୍ଧୀ ବିଚାର ପରିଷଦ ର ସଭାପତି ଭକ୍ତବତ୍ସଳ ମହାନ୍ତି ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ଥିଲେ । ପ୍ରଥମେ ସମସ୍ତ ଅତିଥି କେନ୍ଦୁଝର ର ଅଧିଷ୍ଠାତ୍ରୀ ଦେବୀ ମାତାରିଣୀ ଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିଥିଲେ ଏବଂ ମୁଖ୍ୟ ଅତିଥି ଶ୍ରୀମତୀ ନିକୁ ସାହୁ ଫିତାକାଟି ଆରୋଗ୍ୟ ମନ୍ଦିରର ଉଦ୍ଘାଟନ କରିଥିଲେ। ଆରୋଗ୍ୟ ମନ୍ଦିରର ମୁଖ୍ୟ ପରିଚାଳକ ରୁଦ୍ର ନାରାୟଣ ଲୋହାର ସୂଚନା ଦେଇ ଥିଲେ କି ଆରୋଗ୍ୟ ମନ୍ଦିର ହେଉଚି 'ବିକାଶ ଜ୍ୟୋତି ଫାଉଣ୍ଡେସନ' ଟ୍ରଷ୍ଟ ର ଏକ ସ୍ୱାସ୍ଥ୍ୟ ସେବା ର ଏକ ଛୋଟ ପ୍ରୟାସ ଓ ଏଠାରେ ଦିବ୍ୟାଙ୍ଗ ଭାଇ ଭଉଣୀ, ଛାତ୍ର ଛାତ୍ରୀ ଓ ଦେଶରେ କାର୍ଯ୍ୟ ରତ କିମ୍ବା ଅବସର ପ୍ରାପ୍ତ ବୀର ସୈନିକ ମାନଙ୍କ ସମ୍ମାନ ପାଇଁ ସ୍ୱତନ୍ତ୍ର ରିହାତି ର ବ୍ୟବସ୍ଥା ରହିଛି ।

# ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ



**ତୁମୁଡିବନ୍ଧ,୧।୧୧(ସଂଚାର ବ୍ୟୁରୋ):** ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ.. ସାମିଲ ହେଲେ ଶହ ଶହ ଛାତ୍ର ଛାତ୍ରୀ... ସମଗ୍ର ଭାରତ ବର୍ଷରେ ଶୁକ୍ରବାର ଦିନ ମହାନ୍ ରାଷ୍ଟ୍ର ନାୟକ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନ ଅବସରରେ ତୁମୁଡିବନ୍ଧରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତୁମୁଡିବନ୍ଧ ଥାନା ପକ୍ଷରୁ ତୁମୁଡିବନ୍ଧ ଥାନା ପରିସର ଠାରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ 'ଏକତା ପାଇଁ ଦୌଡ଼' ନାମରେ ଏକ ଗଣ ଦୌଡ଼ କରି ମହା ସମାରୋହରେ ପାଳିତ ହୋଇଯାଇଛି । ତୁମୁଡିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା,ନେତାଜୀ ସୁବାଷ ବୋଷ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡ଼ଃ ସୁନୀଲ କୁମାର ପାତ୍ର ସମେତ ଏକ ଶହ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ତୁମୁଡିବନ୍ଧର ଛାତ୍ର ଛାତ୍ରୀ, ତୁମୁଡିବନ୍ଧ ଅଞ୍ଚଳର ବୁଦ୍ଧିଜୀବୀ ଓ ଯୁବକ ଯୁବତୀ ଓ ବରିଷ୍ଠ ନାଗରିକ ସମେତ ଗଣ ମାଧ୍ୟମର ପ୍ରତିନିଧି ମାନେ ଅଂଶ ଗ୍ରହଣ କରିଥିଲେ। ସକାଳ ସାତ ଘଣ୍ଟିକା ସମୟରେ ସମସ୍ତ ଛାତ୍ର ଛାତ୍ରୀ ଓ ପୋଲିସ କର୍ମଚାରୀ ଏକ ମିଳିତ ଭାବରେ ବଜାର ପରିକ୍ରମା କରିବା ସହ ରାଷ୍ଟ୍ରୀୟ ଏକତା ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ଆଜିର ଯୁବ ପିଢ଼ି ନିଶା ଦ୍ରବ୍ୟ ସେବନ କରି ମଦ୍ୟପାନ କରି ଖରାପ ପଥରେ ଯାଉଥିବାହେତୁ ତାହା ସମାଜ ପାଇ ଏକ ଚିନ୍ତାର ବିଷୟ ପାଲଟିଛି ।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା

**କେନ୍ଦୁଝର,୧।୧୧(ସଂଚାର ବ୍ୟୁର):** ଦରିଦ୍ରନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ ଅଳତୀର ପ୍ରାଙ୍ଗଣ ବିଜ୍ଞାନ ମେଳାର ଆଲୋକ, ଉତ୍ସାହ ଓ ନବୀନ ଆବିଷ୍କାରରେ ଖେଳିଗଲା। ଛାତ୍ରଛାତ୍ରୀ ଙ୍ଛାତ୍ରୀଙ୍କ ବିଜ୍ଞାନ ପ୍ରତି ଅଭିନିବେଶ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବିଦ୍ୟାଳୟରେ ବିଜ୍ଞାନ ମେଳାର ଆୟୋଜନ ନ କରାଯାଇଥିଲା। ସ୍ଥାନ ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ବରାଳ ମୁଖ୍ୟ ଅତିଥ୍ ଭାବରେ ଉପସ୍ଥିତ ଥାଇ ଏହି ବିଜ୍ଞାନ ମେଳାର ଶୁଭାରମ୍ଭ କରିଥିଲେ।। ଏହି ଉତ୍ସବର ମୁଖ୍ୟ ବକ୍ତା ଭାବରେ ସମାଜ ସେବୀ ଡା. ରତିକାନ୍ତ ବରାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷା ଓ ତାହାର ପ୍ରୟୋଗିକ ଦିଗ ଉପରେ ପ୍ରେରଣାଦାୟକ ଉଦ୍ବୋଧନ ଦେଇଥିଲେ।

# ମାଣ୍ଡିଆ ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର,୧।୧୧(ସଂଚାର ବ୍ୟୁର):** ସୁବର୍ଣ୍ଣପୁର ଜିଲ୍ଲାପାଳ, ଡ଼ ନୃପରାଜ୍ ସାହୁଙ୍କ ଅଧ୍ୟକ୍ଷତାରେ ମାଣ୍ଡିଆ ଦିବସ -୨୦୨୫ ପାଳନ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଓ ମିଶନ ଶକ୍ତି କାଫେ ସ୍ଥାପନ ପାଇଁ ସମନ୍ୱୟ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ସୁବର୍ଣ୍ଣପୁର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର, କୃଷି ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀ ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲ୍ଲାରେ ମାଣ୍ଡିଆ ଦିବସ - ୨୦୨୫ ପାଳନ ପାଇଁ ଦିନ ବିଶଦ ଭାବେ ଆଲୋଚନା ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାରେ ଟ. ୨୦, ୦୦, ୦୦୦.୦୦ଙ୍କ। କୋଡ଼ିଏ ଲକ୍ଷ ଟଙ୍କା ବିନିଯୋଗରେ ଏକ ମିଶନ ଶକ୍ତି କଫେ ନିର୍ମାଣ କରାଯିବା ବିଷୟରେ ଆଲୋଚନା ହୋଇଥିଲା।

# ବିଜୟା ବନ୍ଧୁମିଳନ ଉପଲକ୍ଷେ ଚଳଞ୍ଚଳ

● ଯୋଗଦେବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

**ନୀଳଗିରି,୧।୧୧(ସଂଚାର ବ୍ୟୁର):** ବାଲେଶ୍ୱର ଜିଲା ନୀଳଗିରି ଡକବଙ୍ଗଳା ପରିସରରେ ଆଜି ଦିନ ୧୦ ଘଟିକାରୁ ରାତ୍ରୀ ୧୧ ପ୍ରର୍ଯ୍ୟନାତ ଅନୁଷ୍ଠିତ ହେବ ଦିବସବ୍ୟାପୀ ବିଜୟା ବନ୍ଧୁମିଳନ ସମାରୋହ। ସମାରୋହର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ ମାନ୍ୟବର ଆଇନ୍ ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏଥି ସହ ସମାରୋହ କମିଟିର ସଭାପତି ତଥା ପୁର୍ବତନମନ୍ତ୍ରୀ ତଥା ବାଲେଶ୍ୱର ଏମ୍.ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବେ। ଦିନ ତମାମ୍ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ସମାରୋହରେ ପାଖାପାଖି ୧୫ହଜାରରୁ ଅଧିକ ଜନସମାଗମ ହେବାର ସୁଚନା।

● ଅବ୍ୟବସ୍ଥା ଭିତରେ ଖୋଲିଲାଅଭୟାରଣ୍ୟ

# ପର୍ଯ୍ୟଟକ ଆଗ୍ରହୀ ହେଲେ ବିକାଶକୁ ଗୁରୁତ୍ୱ ଦେଲାନି ବନବିଭାଗ



**ନୀଳଗିରି,୧।୧୧(ସଂଚାର ବ୍ୟୁର):** ନୀଳଗିରି ଉପଖଣ୍ଡ ଅଧୀନ କୁଲଡିହା ଅଭୟାରଣ୍ୟରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ବର୍ଷାଦିନ ପାଇଁ ଗତ ଜୁନ୍ ୧୫ରୁ ବନ୍ଦ ରହିଥିବା ବେଳେ ନଭେମ୍ବର ୧ ଶନିବାର ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଖୋଲିଲା। ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ପ୍ରଥମ ଦିନରେ ଅଭୟାରଣ୍ୟର କେସିପୁର ପଞ୍ଚାୟତ ବାଲିଆନାଳ ଫାଟକ ନିକଟରେ ପହଞ୍ଚିଥିଲେ। ପ୍ରଥମ ପର୍ଯ୍ୟଟକ ଭାବେ ମୟୁରଭଞ୍ଜ ଜିଲା ଉଦଳା ଅଞ୍ଚଳର ସୋମନାଥ ଦତ୍ତ ତାଙ୍କ ସହ ଚାରି ପରିବାର, ଦ୍ୱିତୀୟ ପର୍ଯ୍ୟଟକ ଭାବେ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳର ରାମଚନ୍ଦ୍ର ଟୁଡୁ ଙ୍କ ସହ ଦୁଇ ଜଣ ମୋଟ ୬ ଜଣ ପର୍ଯ୍ୟଟକ ଆସିଥିଲେ। ଏହି ୬ଜଣଙ୍କୁ ବନବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଚନ୍ଦନ ଲଗାଇ ଓ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଫିତାକାଟି ଥିବା ବେଳେ, ବାଲେଶ୍ୱର ଏ.ସି.ଏଫ୍ ସଭୋନ ଦିଗନ୍ତ ଚାନ୍ଦ ଗେଟ୍ ଖୋଲିଥିଲେ। କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା, ଫରେଷ୍ଟର ସହ ଫରେଷ୍ଟଗାର୍ଡ ଓ ସବୁଜବାହିନୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ କୁଲଡିହା ଅଭୟାରଣ୍ୟରେ କୌଣସି ବିକାଶମୂଳକ କାର୍ଯ୍ୟ ବନବିଭାଗ ହାତକୁ ନେଇ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭୟାରଣ୍ୟ ଖୋଲିଲା ହେଲେ ଅଭୟାରଣ୍ୟ ଭିତରେ ଥିବା ରାସ୍ତା ମରାମତି ହୋଇପାରିନି କି ଅନ୍ୟ ବିକାଶ କାର୍ଯ୍ୟ ମଧ୍ୟ କରାଯାଇନି। ଦୀର୍ଘ ପ୍ରାୟ ୪ ବର୍ଷ ତଳୁ ଅଭୟାରଣ୍ୟ ଭିତରେ ଥିବା ରାସ୍ତା ମରାମତି ହୋଇଥିଲା। କେତେକ ସ୍ଥାନରେ ବର୍ଷା ପାଣି ସ୍ରୋତରେ ବହୁ ରାସ୍ତାରେ ନାଳ ହୋଇ ଯାଇଛି। ଯାହା ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସେହିପରି ଗୋହିରାଭୋଳ ନିକଟରେ ଥିବା "ରିସିଆ ପ୍ରକୃତି ନିବାସ" ପାଖରେ ପର୍ଯ୍ୟଟକଙ୍କ ବୋଟିଂ ସକାଶେ ରିସିଆ ଡ୍ୟାମ ଭିତରେ ବୋଟିଂ କରିବାର ବ୍ୟବସ୍ଥା ରହିଥିଲା।

# ସାଇବର ସୁରକ୍ଷା ଅଭିଯାନ ଓ ଦୁର୍ନୀତି ନିବାରଣ ସପ୍ତାହ ପାଳନ



**ବୈଶିଙ୍ଗା,୧।୧୧(ସଂଚାର ବ୍ୟୁର):** ଆଜି ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ରାଇକମା ଆଶ୍ରମ ବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ ଓ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଯୋଗଦେଇ କୁନିକୁନି ପିଲାମାନେ କିପରି ସାଇବର ଦୁନିଆରୁ ନିଜକୁ ରକ୍ଷା କରି ଗଠନାତ୍ମକ ଦିଗରେ ସଦୁପଯୋଗ କରିପାରିବେ, ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସାମାନ୍ୟ ଲୋଭର ବଶବର୍ତ୍ତୀ ହୋଇ ମଣିଷ କିପରି ଦୁର୍ନୀତିଗ୍ରସ୍ତ ହେଉଛି, ପରବର୍ତ୍ତୀ ସମୟରେ ଅପଯଶ ମୁଣ୍ଡାଉଛି, ସର୍ବସାଧାରଣରେ ନିନ୍ଦିତ ହେଉଛି - ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବ୍ୟାଖ୍ୟାନ କରିବା ସହିତ ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କର ଆହ୍ୱାନକୁ ଅବଗତ କରାଇଥିଲେ। ଏହି ଅବସରରେ ଶିକ୍ଷିକା ଦିପାଞ୍ଜଳି ଦାସ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟ ଅତିଥିଙ୍କୁ ପବିତ୍ର ବ୍ରହ୍ମ କମଳ ଚାରା ଅର୍ପଣ କରାଯାଇ ସ୍ୱାଗତ କରାଯାଇଥିଲା।ବିଦ୍ୟାଳୟର ସମସ୍ତ ଶିକ୍ଷିକା, କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ।

# ରୋଟାରୀ କ୍ଲବ୍ ତରଫରୁ ଶିକ୍ଷକ ସମ୍ବର୍ଦ୍ଧିତ



**ବେତନଟୀ,୧।୧୧(ସଂଚାର ବ୍ୟୁର):** ବେତନଟୀ ରୋଟାରୀ କ୍ଲବ୍ ଦ୍ୱାରଜୁବର୍ଷବ୍ୟାପୀ କରାଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ଅଂଶ ବିଶେଷ ଭାବେ, ଆଜି ବେତନଟୀର ବନ୍ଧନ କଲ୍ୟାଣ ମଣ୍ଡପଠାରେ ନଅ ଜଣ କୃତୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଷ୍ଟ୍ର ନିର୍ମାଣରେ ଅଂଶୀଦାର ହୋଇଥିବା ବଛାବଛା ଶିକ୍ଷକମାନଙ୍କୁ ଏକ କମିଟି ମାଧ୍ୟମରେ ନିର୍ବାଚନ ଏଥିପୂର୍ବରୁ କରାଯାଇଥିଲା। ଏଥିନିମନ୍ତେ ଅନୁଷ୍ଠିତ ସଭାରେ ରୋଟାରିଆନ ସଭାପତି ଗିରିଧାରୀ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସହକାରୀ ଗର୍ଭର୍ଣ୍ଣର ଡାକ୍ତର ଦିପ୍ତୀମୟୀ ମହାପାତ୍ର, ପୂର୍ବତନ ଚାଟାର୍ଡ ସଭାପତି ଶୈଳେନ୍ଦ୍ର ଖଣ୍ଡେଲୱାଇ, ରୋଟାରିଆନ ରବୀନ୍ଦ୍ରନାଥ ମିଶ୍ର ସମ୍ପାଦକ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ ଓ ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚପରିଚାଳନା କରିଥିଲେ, ରୋଟାରିଆନି ଅରୁଣ କୁମାର ଓତା। ମଞ୍ଚାସୀନ ଅତିଥିଙ୍କ ସମେତ ନିମନ୍ତ୍ରିତ ପ୍ରଧାନଶିକ୍ଷକ ଅର୍ଜୁନ ସିଂହ, ନୀଳକଣ୍ଠ ଦାସଙ୍କୁ ରାଷ୍ଟ୍ର ନିର୍ମାଣ ପ୍ରମାଣପତ୍ର, ଉପଢୌକନ ଓ ଚାରାଗଛ ପ୍ରଦାନ କରାଯାଇଥିଲା।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ସୁବର୍ଣ୍ଣପୁର,୧।୧୧(ସଂଚାର ବ୍ୟୁର):** ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଲୁଣ୍ଡା ଅଧ୍ୟକ୍ଷ ଶ୍ରୀଯୁକ୍ତ ରମାକାନ୍ତ ବିଶି ଅବସର ଗ୍ରହଣ କରିଛନ୍ତି। ଏହି ଅବସର ରେ ଲାଇବ୍ରାରୀଆନ ଶିବ ନାରାୟଣ ମହାକୁର ଙ୍କ ସଂଯୋଜନା ରେ ଏବଂ ପ୍ରାଧ୍ୟାପକ ସରୋଜ କୁମାର ପାଣ୍ଡିଆ ଙ୍କ ସଭାପତିତ୍ୱ ରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପଞ୍ଚାୟତ ସମିତି ଡ଼ିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼କ୍ଟର ଦେବାଶିଷ ପାଣ୍ଡିଆ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଭକ୍ତନାଥ ପଣ୍ଡା, ରାଜନୀତି ବିଭାଗୀୟ ମୁଖ୍ୟ ରେଣୁକା ହୋତା, ଶିକ୍ଷା ବିଭାଗୀୟ ମୁଖ୍ୟ ତେଜଶ୍ରୀ ମିଶ୍ର, ସଂସ୍କୃତ ବିଭଗୀୟ ମୁଖ୍ୟ ଦୁର୍ବାସା ପ୍ରଧାନ, ବିକାଶ ଗଡୁଆ, ବାଣିଜ୍ୟ ବିଭାଗୀୟ ମୁଖ୍ୟ ଶାନ୍ତନୁ କୁମାର ପୁରୋହିତ, ବିଶ୍ୱନାଥ ନାଗ ପ୍ରମୁଖ ଶ୍ରୀଯୁକ୍ତ ବିଶି ଙ୍କ ଚାକିରୀ ଜୀବନର ସ୍ମୃତିଚାରଣ କରିଥିଲେ। ଶେଷରେ ଇଂରାଜୀ ବିଭାଗ ସ୍ନାତକୋତ୍ତର ଶିକ୍ଷକ ରାହୁଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଝାରବନ୍ଧ ଓ ଅମ୍ବାଭୋନା ତହସିଲରେ ପ୍ରତିଷ୍ଠା ହେଲା ନୂଆ ସବ୍-ରେଜିଷ୍ଟ୍ରେସନ୍ ଅଫିସ୍



**ବରଗଡ଼,୧।୧୧(ସଂଚାର ବ୍ୟୁର):** ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ନୂଆ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏଥି ମଧ୍ୟରେ ବରଗଡ଼ ଜିଲ୍ଲାର ଝାରବନ୍ଧ ଏବଂ ଆମ୍ବଭୋନା ତହସିଲରେ ନୂଆ ସବ୍-ରେଜିଷ୍ଟ୍ରେସନ୍ ଅଫିସ୍ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରୀ ସେବା ସୁବିଧାରେ ପାଇବା ହେଉଛି ଲୋକଙ୍କ ଅଧିକାର। ସମସ୍ତ ତହସିଲରେ ସବ୍‌ରେଜିଷ୍ଟ୍ରେସନ ଅଫିସ ଖୋଲିବା ଦ୍ୱାରା ଜନସାଧାରଣଙ୍କୁ ଅନେକ ସୁବିଧା ମିଳିପାରିବ। ଦୂରଦୂରାନ୍ତକୁ ଯାଇ ଜମି ପଞ୍ଜୀକରଣ କରିବାର ଅସୁବିଧା ଓ ଖର୍ଚ୍ଚରୁ ମୁକ୍ତି, ସମୟଉପଯୁକ୍ତ ପଞ୍ଜୀକରଣ, ସହଜରେ ମ୍ୟୁଟେସନ ପଟ୍ଟା ଉପଲବ୍ଧ, ରାଜସ୍ୱ ସଂଗ୍ରହରେ ଉନ୍ନତି ଏବଂ ସର୍ବୋପରି ଜମି ପଞ୍ଜୀକରଣରେ ପାରଦର୍ଶିତା ବୃଦ୍ଧି ହୋଇପାରିବ। ତହସିଲ ଅଫିସ ଓ ସବ୍-ରେଜିଷ୍ଟ୍ରେସନ ଅଫିସକୁ କୋ-ଟର୍ମିନସ୍ କରିବା ଦ୍ୱାରା ତହସିଲର ସମସ୍ତ ସେବା ଲୋକମାନେ ଗୋଟିଏ ଯାଗାରେ ସୁବିଧାରେ ପାଇପାରିବେ।

# ସର୍ଦ୍ଦାର ବଲ୍ଲଭ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**କନ୍ଧମାଳ,୧।୧୧(ସଂଚାର ବ୍ୟୁର):** ଆଜି କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ଥାନା ଅଧିକାରୀ ଶ୍ରୀ ଚାପଧାରୀ ପ୍ରଧାନଙ୍କ ନେତୃତ୍ୱରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସ ଅବସରରେ ଶୁକ୍ରବାର ସକାଳ ୭ ଘଣ୍ଟିକା ସମୟରେ ଖଜୁରୀପଡ଼ା ଥାନା ନିକଟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ପାଳନ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା, ସାମ୍ପ୍ରଦାୟିକ ସମନ୍ୱୟକୁ ଶକ୍ତିଶାଳୀ କରିବା ଓ ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣ କରିବା ନାଗରିକମାନଙ୍କ ମଧ୍ୟରେ ଜାତୀୟ ଏକତା ଏବଂ ଦେଶପ୍ରେମ ଜାଗ୍ରୁତ କରିବା ହେଉଛି ରାଷ୍ଟ୍ରୀୟ ଏକତା ଦିବସ ପାଳନର ଉଦ୍ଦେଶ୍ୟ। ଏକତା ଦୌଡ: ଏକ ଭାରତ ଏକ ଆତ୍ମନିର୍ଭର ଭାରତ ଆୟୋଜନ କରାଯାଇଥିଲା। ଏହି ଏକତା ଦୌଡ ରେ ଥାନା ଅଧିକାରୀ ଶ୍ରୀ ପ୍ରଧାନଙ୍କ ସମେତ ଏସ ଆଇ ଦୀନବନ୍ଧୁ ପ୍ରଧାନ, ଲୋକାଲ ପୋଲିସ, ଓଏସଏପି ଫୋର୍ସ ଓ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଯୋଗଦେଇ ଥିଲେ।




# ଶୀତଦିନ କଦଳୀ ଖାଇବାର ଲାଭ ଓ କ୍ଷତି

ଅଧିକାଂଶ ଲୋକ ଋତୁ ଅନୁସାରେ ଖାଦ୍ୟାଭ୍ୟାସ ରଖିଥାନ୍ତି। ଶୀତ ଋତୁ ଆସିଲାଣି ଯେହେତୁ ଆମ ଖାଦ୍ୟରେ ବି ଅନେକ ପରିବର୍ତ୍ତନ ହେବ। ଗ୍ରୀଷ୍ମ ଋତୁରେ ଲାଭଦାୟକ କିଛି ଖାଦ୍ୟ ଶୀତ ଋତୁରେ କ୍ଷତିକାରକ ହୋଇପାରେ। ଏପରି ଏକ ଫଳ ହେଉଛି କଦଳୀ। ଦଳୀ ବର୍ଷସାରା ସହଜରେ ଉପଲବ୍ଧ ଏବଂ ଏଥିରେ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଛି। ମାତ୍ର ଶୀତ ଋତୁରେ କଦଳୀ ଖାଇବା ଉଚିତ କି? ନା ଏହାକୁ ଏଡ଼ାଇବା ଉଚିତ? ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଅଛି, ତେବେ କଦଳୀ ଖାଇବା କ'ଣ ପ୍ରକୃତରେ କ୍ଷତିକାରକ ହୋଇପାରେ? ଆସନ୍ତୁ ଏହି ପ୍ରଶ୍ନର ଉତ୍ତର ବିସ୍ତାରିତ ଜାଣିବା।

**ଶୀତଦିନେ କଦଳୀ ଖାଇବାର ଲାଭ**

ଶକ୍ତିର ଭଲ ଉତ୍ସ: କଦଳୀ କାର୍ବୋହାଇଡ୍ରେଟ୍ ଏବଂ ପ୍ରାକୃତିକ ଶର୍କରା (ଗ୍ଲୁକୋଜ୍, ଫ୍ରକ୍ଟୋଜ) ରେ ଭରପୂର, ଯାହା ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରେ। ଥଣ୍ଡାରେ ଶରୀର ଅଳସୁଆ ଅନୁଭବ କଲେ କଦଳୀ ଲାଭଦାୟକ ହୋଇପାରେ।

ହଜମରେ ସାହାଯ୍ୟ କରେ: କଦଳୀରେ ଥିବା ଫାଇବର ପରିମାଣ କୋଷ୍ଠକାଠିନ୍ୟ ଦୂର କରିବାରେ ସାହାଯ୍ୟ କରେ। ଶୀତ ଋତୁରେ ପାଚନ କ୍ରିୟା ଧୀର ହୋଇଯାଏ, ତେଣୁ କଦଳୀ ପେଟକୁ ସଫା ରଖିବାରେ ସାହାଯ୍ୟ କରେ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ କଦଳୀରେ ଭିଟାମିନ୍ ବି୬, ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ। ଶୀତଦିନେ ରୋଗ ରୋକିବା ପାଇଁ ଏହା ଜରୁରୀ।

ରକ୍ତଚାପ ନିୟନ୍ତ୍ରଣ କରେ: କଦଳୀ ପୋଟାସିୟମର ଏକ ଭଲ ଉତ୍ସ, ଯାହା ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଥଣ୍ଡା ପାଗ ରକ୍ତଚାପ ବୃଦ୍ଧି କରିପାରେ, ତେଣୁ ଏପରି ପରିସ୍ଥିତିରେ କଦଳୀ ଲାଭଦାୟକ ହୋଇପାରେ।



**ଶୀତଦିନେ କଦଳୀ ଖାଇବାର କ୍ଷତି**

କଦଳୀ ଥଣ୍ଡା ରୋଗୁ ଆମନ୍ତ୍ରଣ କରେ। ଶରୀରକୁ ଥଣ୍ଡା କରିଥାଏ। ଯଦି ଆପଣ ପୂର୍ବରୁ ଥଣ୍ଡାରେ ପୀଡିତ, ତେବେ କଦଳୀ ଖାଇବା ଦ୍ୱାରା ଶାରୀରିକ ସମସ୍ୟାକୁ ଆହୁରି ଖରାପ କରିପାରେ। କଦଳୀକୁ କଫ ଉତ୍ପାଦନକାରୀ ଫଳ ଭାବରେ ବିବେଚନା କରାଯାଏ। ଶୀତଦିନେ ଏହା କଫ ବୃଦ୍ଧି କରିପାରେ, ଯାହା ଗଳା ଯନ୍ତ୍ରଣା କିମ୍ବା କାଶ ସୃଷ୍ଟି କରେ।

# ପ୍ରଚୁରପାଣି ପିଇବା ଦ୍ୱାରା ଦ୍ରୁତଗତିରେ ହ୍ରାସ ପାଇବ ମେଦବହୁଳତା



ଆଜିକାଲି ମେଦବହୁଳତା ବା ମୋଟାପଣ ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଗଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମେଦବହୁଳତା ଉପରେ କ୍ରମାଗତ ଭାବେ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରିଚାଲିଛି। ଗତ ୩୦ ବର୍ଷ ମଧ୍ୟରେ ବିଶ୍ୱରେ ମେଦବହୁଳତା ତିନି ଗୁଣ ବୃଦ୍ଧି ପାଇଛି ଡବ୍ଲୁଏଚଓ ଅନୁଯାୟୀ, ଗତ ୩୦ ବର୍ଷ ମଧ୍ୟରେ ବିଶ୍ୱରେ ମେଦବହୁଳତା ତିନି ଗୁଣ ବୃଦ୍ଧି ପାଇଛି। ଏଥିମଧ୍ୟରୁ ପ୍ରାୟ ୨ବିଲିୟନ ଯୁବକଙ୍କ ଅତ୍ୟଧିକ ଓଜନ ବୃଦ୍ଧି ପାଇଥିବା ବେଳେ ୬୫୦ ନିୟୁତ ମୋଟାପଣରେ ପୀଡ଼ିତ ଅଛନ୍ତି। ଆମେରିକା ଏବଂ ଚୀନ୍ ପରେ ଭାରତ ମୋଟାପଣରେ ତୃତୀୟ ସ୍ଥାନରେ ରହିଛି। ରିପୋର୍ଟରୁ ଜଣାପଡ଼ିଛି ଦେଶର ସହରାଞ୍ଚଳ ଜନସଂଖ୍ୟାର ୭୦ ପ୍ରତିଶତ ଲୋକ ଅତିରିକ୍ତ ଓଜନ ବହନ କରୁଛନ୍ତି। ସମ୍ପ୍ରତି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ମୋଟାପଣକୁ ନେଇ ଏକ ପୋଷ୍ଟ ସେୟାର କରିଛି। ଯେଉଁଥିରେ ଓଜନ ହ୍ରାସ ସମାଧାନର ସୂତ୍ର ଉଲ୍ଲେଖ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସୂତ୍ରରୁ ପ୍ରକାଶ, ପାଣି ଓଜନ ହ୍ରାସ ପାଇଁ ଖୁବ ଲାଭଦାୟକ। କାରଣ ଏହା ଭୋକକୁ ଦମନ କରେ, ମେଟାବୋଲିଜିମ୍ ବୃଦ୍ଧି କରେ ଏବଂ ଶରୀରରୁ କ୍ଷତିକାରକ ଅପବ୍ୟବହାର ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ପାଣି ପିଇବା ଦ୍ୱାରା ମଣିଷ କମ୍ ଖାଇଥାଏ ଏବଂ ଏହା ଅତିରିକ୍ତ କ୍ୟାଲୋରି ଗ୍ରହଣକୁ ଏଡାଇବାରେ ସାହାଯ୍ୟ କରିଥାଏ। ଥଣ୍ଡା ପାଣି ପିଇବା କ୍ୟାଲୋରି ନଷ୍ଟ ହୁଏ ଯାହା ଶରୀରର ତାପମାତ୍ରାକୁ ସ୍ୱାଭାବିକ କରେ। ବର୍ତ୍ତମାନ ପରିସ୍ଥିତି ଯାହା ହେଲାଣି ନିଜକୁ ହାଇଡ୍ରେଟେଡ୍ ରଖିବା ସହିତ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବା ନିହାତି ଆବଶ୍ୟକ ହୋଇଗଲାଣି। ପ୍ରତିଦିନ ଚାଲିବା ଏବଂ ବ୍ୟାୟାମ କରିବା ଦ୍ୱାରା ଦ୍ରୁତଗତିରେ ଓଜନ ହ୍ରାସ ହୋଇଥାଏ। ମହିଳାମାନଙ୍କୁ ପ୍ରତିଦିନ ପ୍ରାୟ ୯ କପ୍ ପାଣି ଆବଶ୍ୟକ, ଏବଂ ପୁରୁଷମାନଙ୍କୁ ହାଇଡ୍ରେଟେଡ୍ ରହିବା ପାଇଁ ପ୍ରତିଦିନ ପ୍ରାୟ ୧୩ କପ୍ ପାଣି ଆବଶ୍ୟକ। ଅନେକ ଗବେଷଣାରୁ ଜଣାପଡ଼ିଛି ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଲୋକଙ୍କ ଓଜନ ହ୍ରାସ ପାଇଥାଏ।

# ଶରୀର ପାଇଁ କେତେ ଲାଭଦାୟକ ପାଣି ସିଙ୍ଗଡ଼ା

**ଶୀତଦିନ ଆସିଲେ ଖାଲି ଫୁଲ ନୁହେଁ ବିଭିନ୍ନ ପ୍ରକାରର ଫଳ ବଜାରରେ ଉପଲବ୍ଧ ହୁଏ। ଏହି ଦିନରେ ବଜାରରେ ବିଭିନ୍ନ କିସମର ଫଳର ଚାହିଦା ବଢ଼େ। ଯାହାକୁ ସିଜନାଲ୍ ଫ୍ରୁଟ୍ କୁହାଯାଏ। ବର୍ଷସାରା ଶୀତଳ ଭଣ୍ଡାରରେ ଫଳ ରହୁଥିଲେ ହେଁ ଶୀତରେ ତଟକା ମିଠା ଫଳ ବାହାରେ। ତେବେ ଆପଣ ରାସ୍ତାରେ ଯିବା ବେଳେ କିମ୍ବା ବଜାରରେ ପାଣି ଫଳ ବା ପାଣି ସିଙ୍ଗଡା ଦେଖିଥିବେ। କେବେ ଖାଇଛନ୍ତି କି ଏହି ଫଳ ? କେମିତି ଲାଗେ କେବେ ଚାଖିଛନ୍ତି କି ? ଏହି ଫଳ ଆମ ଶରୀର ପାଇଁ କେତେ ଲାଭଦାୟକ ଜାଣନ୍ତି କି ? ଯଦି ଜାଣି ନାହାନ୍ତି ତେବେ ଜାଣନ୍ତୁ...**



ପାଣି ସିଙ୍ଗଡ଼ାରେ ଥିବା ପ୍ରୋଟିନ୍ , ଫାଇବର୍ , ପୋଟାସିୟମ୍ ଏବଂ ଭିଟାମିନ୍ ବି-୬ ଭଳି ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭକାରୀ। ଯାହା ନିୟମିତ ଖାଇବା ଦ୍ୱାରା ଶରୀରରେ ପାଣିର ଅଭାବ ଦୂର ହେବା ସହ ଓଜନ କମିବା ଏବଂ ଥାଇରଏଡ୍ ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳେ।

ଥାଇରଏଡ୍: ପାଣି ସିଙ୍ଗଡ଼ାରେ ଥିବା ଆୟୋଡିନ୍ ଥାଇରଏଡ୍ ସମସ୍ୟା ପାଇଁ ଖୁବ୍ ଲାଭକାରୀ ହୋଇଥାଏ। ଏହି ଫଳରେ ଥିବା ଆୟୋଡ଼ିନ୍ ଗଳା ସମ୍ବନ୍ଧୀୟ ରୋଗ ପାଇଁ ମଧ୍ୟ ଭଲ ହୋଇଥାଏ। ଆପଣ ଯଦି ଥାଇରଏଡ୍ ସମସ୍ୟା ପାଇଁ ବ୍ୟତିବ୍ୟସ୍ତ ହେଉଛନ୍ତି ତାହେଲେ ଡାକ୍ତରଙ୍କ ପରାମର୍ଶ ନେଇ ପାଣି ସିଙ୍ଗଡ଼ାକୁ ଖାଇପାରିବେ।

ଡିହାଇଡ୍ରେସନ୍:ପାଣି ସିଙ୍ଗଡ଼ାରେ ପ୍ରଚୁର ପରିମାଣରେ ପାଣି ମହଜୁଦ୍ ହୋଇଥାଏ। ଏହାର ସେବନ ଦ୍ୱାରା ଶରୀରରେ ଡିହାଇଡ୍ରେସନର ସମସ୍ୟା ଦୂର ହୋଇଥାଏ।

ସୁସ୍ଥ କେଶ ପାଇଁ ଲାଭକାରୀ: ନିୟମିତ ପାଣି ସିଙ୍ଗଡ଼ା ଖାଇବା ଦ୍ୱାରା ଚୁଟି ଝଡ଼ିବା ସମସ୍ୟା କମ୍ ହୁଏ। ଏଥିରେ ଥିବା ଲରିକ୍ ଏସିଡ୍ ଚୁଟିକୁ ମଜବୁତ ରଖିବାରେ ସହାୟକ ହୋଇଥାଏ।

ଓଜନ କମାଏ: ଯଦି ଆପଣ ନିଜ ବଢୁଥିବା ଓଜନକୁ ନେଇ ଚିନ୍ତିତ ତାହେଲେ ନିୟମିତ ପାଣି ସିଙ୍ଗଡ଼ା ଖାଇବା ଆରମ୍ଭ କରନ୍ତୁ। ଏହି ଫଳରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ଥିବାରୁ ଏହା ପେଟ କମାଇବାରେ ସହାୟକ ହୁଏ। ଏହି ଫଳକୁ ବ୍ରେକଫାଷ୍ଟରେ ସାମିଲ୍ କରିବା ନିହାତି ଆବଶ୍ୟକ।

**କେଉଁମାନଙ୍କୁ ପାଣି ସିଙ୍ଗଡ଼ା ମନା ?**

ମଧୁମେହ ରୋଗୀଙ୍କୁ ପାଣି ସିଙ୍ଗଡ଼ା ଖାଇବା ମନା। ଗ୍ୟାସ୍ ସମସ୍ୟା ଥିଲେ କିମ୍ବା ଏସିଡିଟି ଥିବା ଲୋକଙ୍କୁ ପାଣି ସିଙ୍ଗଡ଼ା ମନା। ଆଲର୍ଜି ଥିଲେ ଏବା ଆଦୌ ଖାଆନ୍ତୁନି

# ପରିବାକୁ ପାଣିରେ ସିଝେଇବା ନା ବାମ୍ଫ ଦେଇ ସିଝେଇବା ଭଲ ?

ଯେତେ ସବୁ ରୋଗବୈରାଗ ସବୁ ଖାଦ୍ୟରୁ ହିଁ ଆସେ। ଯଦି ଆମେ ନିଜ ଖାଦ୍ୟପେୟ ଠିକ୍ କରିଦେବା ତାହାଲେ ଅଧା ରୋଗ କମିଯିବ। ଆପଣ ହୁଏତ ନିଜକୁ ଅତି କମରେ ଥରେ ଏହି ପ୍ରଶ୍ନ ପଚାରିଥିବେ ଯେ ପରିବାକୁ ସିଝେଇକି ଖାଇବେ ନା ବାମ୍ଫେଇକି? ହେଲେ ମନେ ରଖନ୍ତୁ, ଖାଦ୍ୟ ସ୍ୱାଦ ପାଇଁ ଖାଇବା ଯେତିକି ଜରୁରୀ, ସ୍ୱାସ୍ଥ୍ୟ ପାଇଁ ଖାଇବା ବି ସେତିକି ଜରୁରୀ। ଆମେ ସମସ୍ତେ ଏକଥା ଜାଣନ୍ତି ଯେ ଛଣା ପରିବା ଅପେକ୍ଷା ସିଝା ପରିବା ଦେହ ପାଇଁ ଭଲ। ହେଲେ କେଉଁ ସିଝା ଦେହ ପାଇଁ ଭଲ; ବାମ୍ଫ ସିଝା ନା ପାଣି ସିଝା? ଆପଣ ହୁଏତ ନିଜକୁ ଅତି କମରେ ଥରେ ଏହି ପ୍ରଶ୍ନ ପଚାରିଥିବେ ଯେ ଆପଣ ଆପଣଙ୍କର ପନିପରିବା ଫୁଟାଇବା ଉଚିତ କି ସିଝେଇବା ଉଚତ୍?ଏହା ଏକ ଛୋଟ ରୋଷେଇ ଦ୍ୱନ୍ଦ୍ୱ ହୋଇପାରେ। ମାତ୍ର ଏଥିରେ ଅନେକ ସ୍ୱାସ୍ଥ୍ୟ ସଂପର୍କିତ ସମସ୍ୟା ଦୂର ହୋଇଯାଏ। ଆପଣଙ୍କ ପନିପରିବାର ସ୍ୱାଦ ଏବଂ ଦେଖାଯିବାଠାରୁ ଆରମ୍ଭ କରି ସେମାନେ ପ୍ରକୃତରେ କେତେ ପୁଷ୍ଟିକର ପଦାର୍ଥ ପ୍ରଦାନ କରନ୍ତି ତାହା ବି ଜାଣିବା ଜରୁରୀ। ଆମେ ଯେଉଁ ଦୁଇଟି ପ୍ରକ୍ରିୟା କହିଲୁ, ସେଥିରୁ ଗୋଟିଏ ପଦ୍ଧତି ନରମ ଏବଂ ଆରାମଦାୟକ ଲାଗିଥାଏ, ଯେତେବେଳେ କି ଅନ୍ୟଟି ଜିନିଷଗୁଡ଼ିକୁ ହାଲୁକା ଏବଂ ସତେଜ ରଖେ। ଆପଣ କେବେ ଭାବିଛନ୍ତି ଯେ ଆପଣଙ୍କର ବ୍ରୋକୋଲି କେତେବେଳେ କାହିଁକି ମଳିନ ହୋଇଯାଏ କିମ୍ବା ଆପଣଙ୍କର ଗାଜର କାହିଁକି ସେମାନଙ୍କର ମିଠାପଣ ହରାଏ? ତେବେ ଉତ୍ତର ହୋଇପାରେ ଆପଣ ସେଗୁଡ଼ିକୁ କିପରି ରାନ୍ଧୁଛନ୍ତି। ବାମ୍ଫ ଦେଇ ସିଝେଇବା କରିବା ଏବଂ ଫୁଟାଇବା ଉଭୟ ଉତ୍ତମ କୌଶଳ। ସେଗୁଡ଼ିକ ସହଜ, ତେଲ-ମୁକ୍ତ ଏବଂ ସୁସ୍ଥକର ମଧ୍ୟ। ପ୍ରତିଦିନର ଖାଦ୍ୟ ପାଇଁ ଉପଯୁକ୍ତ। ତଥାପି ସେ ଦୁଇଟି ଯାକ କୌଶଳ ଭିନ୍ନ। ତେବେ ପ୍ରଶ୍ନ ହେଉଛି, କେଉଁଟି ଆପଣଙ୍କ ପନିପରିବାଗୁଡ଼ିକୁ ସେମାନଙ୍କର ରଙ୍ଗ, ସ୍ୱାଦ ଏବଂ ଉତ୍ତମତା ଅକ୍ଷୁର୍ଣ୍ଣ ରଖିବାରେ ସାହାଯ୍ୟ କରେ?

ଯେତେବେଳେ ଆପଣ ପନିପରିବାକୁ ବାମ୍ଫରେ ସିଝାନ୍ତି, ସେତେବେଳେ ଆପଣ ପାଣି ନୁହେଁ, ବରଂ ଫୁଟୁଥିବା ପାଣିରୁ ବାଷ୍ପ ଉଠିବା ସହିତ ଧୀରେ ଧୀରେ ରାନ୍ଧୁଛନ୍ତି। ପନିପରିବାଗୁଡ଼ିକ ଷ୍ଟିମର ବାସ୍କେଟ କିମ୍ବା ଚାମଚରେ ତରଳ ପଦାର୍ଥ ଉପରେ ରହିଥାଏ ଏବଂ ବାଷ୍ପ ସେମାନଙ୍କର ପ୍ରାକୃତିକ ସ୍ୱାଦକୁ ଧୋଇ ନ ଦେଇ ସମାନ ଭାବରେ ସେମାନଙ୍କୁ ନରମ କରିଥାଏ। କାରଣ ଏଗୁଡ଼ିକ ପାଣି ସହିତ ସିଧାସଳଖ ସଂସ୍ପର୍ଶରେ ଆସି ନଥାଏ। ଅଧିକାଂଶ ପୋଷକ ତତ୍ତ୍ୱ ଅକ୍ଷୁର୍ଣ୍ଣ ରହିଥାଏ। ସେଥିପାଇଁ ବାମ୍ଫରେ ସିଝା ହୋଇଥିବା ପନିପରିବାପ୍ରାୟତଃଉଜ୍ଜ୍ୱଳଦେଖାଯାଏଏବଂଅଧିକସତେଜସ୍ୱାଦଆସେ।



# ଔଷଧୀୟ ଗୁଣରେ ଭରପୁର ମହୁ



ମହୁ କେବଳ ସ୍ୱାଦ ପାଇଁ ନୁହଁ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ ମହୁ। ଆୟୁର୍ବେଦ ଅନୁସାରେ ମହୁକୁ ସ୍ୱାସ୍ଥ୍ୟର ଭଣ୍ଡାର ବୋଲି ବିବେଚନା କରାଯାଏ। ଯାହାକୁ ଏକ ଔଷଧ ଭାବେ ବ୍ୟବହାର କରାଯାଇଥାଏ। ଏଥିରେ ଅନେକ ଗୁଣ ରହିଛି ଯାହା ଅନେକ ଗମ୍ଭୀର ସମସ୍ୟାକୁ ଦୂର କରିଥାଏ। ଶୀତ ଦିନ ପାଇଁ ମହୁ ସେବନ ଖୁବ୍ ଲାଭକାରୀ ବୋଲି ପ୍ରମାଣିତ ହୋଇ ଆସୁଅଛି। ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। କେବଳ ସୁସ୍ଥ ରଖି ନଥାଏ ବରଂ ଏହା ସୁନ୍ଦରତା ବଜାୟ ରଖିବା ପାଇଁ ମଧ୍ୟ ପ୍ରଭାବଶାଳୀ ହୋଇଥାଏ। ତେଣୁ ସୁସ୍ଥ ଏବଂ ସୁନ୍ଦର ରହିବାକୁ ଚାହୁଁଥିଲେ ପ୍ରତ୍ୟେକ ଦିନ ମହୁ ଖାଇବାର ଅଭ୍ୟାସ କରନ୍ତୁ। ତେବେ ଶୀତ ଋତୁରେ ମହୁ ସେବନର ଫାଇଦା ବିଷୟରେ ଆସନ୍ତୁ ଜାଣିବା।

ମହୁରେ ଗ୍ଲୁକୋଜ, ଆଇରନ୍, ଫସଫେଟ୍, ସୋଡ଼ିୟମ୍, କ୍ଲୋରିନ୍, ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଆଦି ଭରପୁର ମାତ୍ରାର ରହିଥାଏ। ଯାହା ଶରୀରକୁ ବ୍ୟାକ୍ଟେରିଆଠାରୁ ରକ୍ଷା କରିଥାଏ। ଏହାସହ ଏଥିରେ ଆଣ୍ଟିବ୍ୟାକ୍ଟେରିଆ, ଏଣ୍ଟିବାୟୋଟିକ୍, ଭିଟାମିନ୍ ବି୧ ଏବଂ ବି୧୬ ମଧ୍ୟ ଭରପୁର ମାତ୍ରାରେ ରହିଛି। ଯାହା ତ୍ୱଚାର ଚମକ ବଜାୟ ରଖିବା ସହ ସୁନ୍ଦରତା ବଢ଼ାଇବାରେ ସାହାଯ୍ୟ କରିଥାଏ।

ଯଦି କାଶ ଲଗାତାର ହେଉଛି ତେବେ ଏଥିପାଇଁ ମହୁ ବେଷ୍ଟ ହୋଇଥାଏ। ମହୁରେ ଥିବା ଆଣ୍ଟି ଇମଫ୍ଲୋମେଣ୍ଟାରୀ ଗୁଣ କାଶକୁ ରୋକିବାରେ ସହାୟକ କରିଥାଏ। ହଳଦୀ ଏବଂ ଅଦା ରସ ସହିତ ଗୋଟିଏ ଚାମଚ ମହୁ ମିଶାଇ ଦିନକୁ ୩ ଥର ଖାଇଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା ଛଡ଼ା ବ୍ୟାୟାମ କରିବା ପୂର୍ବରୁ ଏକ ଚାମୁଚ ମହୁ ଖାଇଲେ ଥକାପଣକୁ ଦୂର କରେ। ଆପଣ ଚା'ରେ ଚିନି ବଦଳରେ ମହୁର ମଧ୍ୟ ବ୍ୟବହାର କରିପାରିବେ।

ମହୁର ସେବନ କରିବା ଦ୍ୱାରା ରକ୍ତରେ ପଲିଫୋନିକ୍ ଏଣ୍ଟିଅକ୍ସିଡେନ୍ସର ମାତ୍ରା ବଢ଼ିଥାଏ। ଯାହା ଦ୍ୱାରା ହୃଦରୋଗର ଆଶଙ୍କାକୁ କମ୍ କରିଥାଏ। କୋଲେଷ୍ଟ୍ରୋଲ ଥିବା ବ୍ୟକ୍ତିଙ୍କୁ ମହୁ ଖାଇବାକୁ ମଧ୍ୟ ଅନେକ ସମୟରେ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି। ଏଥିସହ ଭଲ ନିଦ ପାଇଁ ମଧ୍ୟ ସହାୟକ ହୋଇଥାଏ ମହୁ। ଯେଉଁ ବ୍ୟକ୍ତିଙ୍କର ନିଦ ସମ୍ବନ୍ଧୀୟ କୌଣସି ସମସ୍ୟା ରହିଛି ସେମାନେ ରାତିରେ ଉଷୁମ କ୍ଷୀରରେ ମହୁ ମିଶାଇ ସେବନ କରନ୍ତୁ। ଦେଖିବେ ଏହାର ତୁରନ୍ତ ଉପଚାର ମିଳିବ। ଯଦି ଆପଣ ପାଚନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣ ବ୍ରେକଫାଷ୍ଟ ପୂର୍ବରୁ ଉଷୁମ ପାଣିରେ ଗୋଟିଏ ଚାମଚ ଲେମ୍ବୁ ରସ ଏବଂ ମହୁ ମିଶାଇ ସେବନ କରିବା ଉଚିତ୍। ଯାହା ଆପଣଙ୍କୁ ପାଚନ ଜନିତ ସମସ୍ୟାରୁ ଆରାମ ଦେବ। ଏତିକି ନୁହେଁ ବରଂ ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ। ଯାହା ଅନେକ ସଂକ୍ରମଣରୁ ରକ୍ଷା କରିଥାଏ। ମହୁ ଭୋକ ନିୟନ୍ତ୍ରିତ ରଖିବାରେ ସହାୟକ ହୋଇଥାଏ। ଦୈନିକ ସକାଳେ ପାଣିରେ ଏକ ଚାମୁଚ ମହୁ ମିଶାଇ ସେବନ କରନ୍ତୁ। ଦେଖିବେ ମେଦ ହ୍ରାସ ହେବା ସହ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିବ। ସାଧାରଣତଃ ଶୀତଦିନେ ଆମ ଦେହ ଶୁଖିଲା ଦିଶିଥାଏ। ତେଣୁ ଶୀତଦିନରେ ମହୁକୁ ମୁହଁରେ ହାଲୁକା ମସାଜ କରିବା ପରେ ପାଣିରେ ଧୋଇଦିଅନ୍ତୁ। ଯାହା ଏକ ନେଚୁରାଲ ମଶ୍ଚରାଇଜର ଭଳି କାମ କରିବ। ଏହା ବ୍ୟତୀତ ଦାଗ ଏବଂ ଡ୍ରାଏନେସକୁ ମଧ୍ୟ କମ କରିବାରେ ସାହାର୍ଯ୍ୟ କରିବ। ଚେହେରାରେ ତୋଫାପଣ ସହ, ଏଣ୍ଟି ଏଜିଙ୍ଗ ସମସ୍ୟାର ସମାଧାନ କରିଥାଏ। ଏହି ସବୁ ସମସ୍ୟା ଥିଲେ ମହୁ ସେବନ କରିବାକୁ ଆଦୌ ଭୁଲନ୍ତୁ ନାହିଁ।

# ଦୁର୍ନୀତି ନିବାରଣ ସଚେତନତା ପଦଯାତ୍ରା ଓ ସାଧାରଣ ସଭା



**ସୁବର୍ଣ୍ଣପୁର,୧।୧୧(ସଂଚାର ବ୍ୟୁର):** ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରୁ ଦୁର୍ନୀତି ନିବାରଣ ସଚେତନତା ପଦଯାତ୍ରା ଆରମ୍ଭ ହୋଇ ସଂସ୍କୃତି ଭବନ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ପଟାଭାଡ଼ି ଛକ ଦେଇ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ଠାରେ ପୂର୍ବାହ୍ନ ୯.୦୦ ଘଟିକା ସମୟରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ସୋନପୁର ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ, ଖେଲୋ ଇଣ୍ଡିଆ ଛାତ୍ର ଛାତ୍ରୀ, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ, ସି.ଆର୍.ପି ଓ ଏମ.ବି.କେ ମାନେ ଯୋଗଦେଇଥିଲେ। ଏହି ପଦଯାତ୍ରାକୁ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ନାରାୟଣ ନାଏକଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ପରେ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।ଏହି ପଦଯାତ୍ରା ଆରମ୍ଭ ସମୟରେ ଓ ଦୁର୍ନୀତି ନିବାରଣ ସଚେତନତା ସଭାରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ସୁବର୍ଣ୍ଣପୁରଙ୍କ ସମେତ ଅନେକ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ ଓ ଭିଜିଲାନ୍ସ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଓ ବିଭିନ୍ନ ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣ ମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଅଧ୍ୟାପକଙ୍କ ଅସଦାଚରଣ ନେଇ ଆଦିବାସୀ ଛାତ୍ରୀଙ୍କ ଅଭିଯୋଗ

# ରାୟଗଡ଼ାରେ ଉତ୍ତେଜନା, ଛାତ୍ରଛାତ୍ରୀଙ୍କ ଧାରଣା

**ରାୟଗଡ଼ା,୧।୧୧(ସଂଚାର ବ୍ୟୁରୋ):** ରାୟଗଡ଼ା ସହରର ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ ଇଉଜିଏମଆଇଟି ରେ ଜଣେ ଆଦିବାସୀ ଛାତ୍ରୀଙ୍କ ପ୍ରତି ଜଣେ ଅଧ୍ୟାପକ ଦ୍ୱାରା ଅସଦାଚରଣ କରାଯାଇଥିବା ଗୁରୁତର ଅଭିଯୋଗ ଆସିଥିବାରୁ ସମଗ୍ର ଅନୁଷ୍ଠାନ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଘଟଣା ପ୍ରକାଶ ପାଉଥିବା ସହିତ ଶତାଧିକ ଛାତ୍ରଛାତ୍ରୀ ଫାଟକ ସମ୍ମୁଖରେ ଧାରଣାରେ ବସି ଅଭିଯୁକ୍ତ ଅଧ୍ୟାପକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସୂତ୍ର ଅନୁଯାୟୀ, ଅନୁଷ୍ଠାନର ଗଣିତ ପ୍ରାଧ୍ୟାପକ ପ୍ରଦୀପ କୁମାର ତ୍ରିପାଠୀ ଗତ ଦୁଇ ଦିନ ତଳେ ସିଭିଲ ଇଞ୍ଜିନିୟରିଂ ବିଭାଗର ପ୍ରଥମ ବର୍ଷର ଜଣେ ଆଦିବାସୀ ଛାତ୍ରୀ ସହ ଅସଦାଚରଣ କରିଥିବା ଅଭିଯୋଗ



ଆଣାଯାଇଛି। ଉକ୍ତ ଛାତ୍ରୀଙ୍କ ସହପାଠୀ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ କହିଛନ୍ତି ଯେ, ଏହି ଅଧ୍ୟାପକଙ୍କ ପୂର୍ବରୁ ମଧ୍ୟ ଏଭଳି ଅନୈତିକ ଘଟଣାରେ ସଂପୃକ୍ତ ଥିବା ଅଭିଯୋଗ ଥିଲା। କିନ୍ତୁ ସେ ପରୀକ୍ଷା ଦାୟିତ୍ୱ ତୁଲାଇଥିବାରୁ ଛାତ୍ରୀମାନେ ଡର ଯୋଗୁଁ ମୁଖ ଖୋଲୁନଥିଲେ। ଘଟଣାକୁ ଅନୁଷ୍ଠାନ ପକ୍ଷରୁ ଚାପି ଦେବା ପ୍ରୟାସ ହୋଇଥିବା ଅଭିଯୋଗ ଆସିଛି। ଏହି ଅଭିଯୋଗ ଆସିଥିବା ପରେ ଛାତ୍ରଛାତ୍ରୀମାନେ ଏକଜୁଟ ହୋଇ ଫାଟକ ଆଗରେ ବସି ନ୍ୟାୟ ଦାବି କରିଥିଲେ। ସେମାନଙ୍କ ଦାବି, ଅଭିଯୁକ୍ତ ଅଧ୍ୟାପକଙ୍କୁ ତତ୍କାଳ ବଦଳି କରିବା ସହ ଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ପ୍ରଶାସନ ଦ୍ୱାରା ବ୍ୟବସ୍ଥା ନେବା ଦରକାର। ଏହି ଘଟଣା ନେଇ ରାୟଗଡ଼ା ଆଦିବାସୀ ସଂଘ ମଧ୍ୟ ତୀବ୍ର ପ୍ରତିକ୍ରିୟା ଜଣାଇଛି। ସଂଘ ପକ୍ଷରୁ ଦୋଷୀ ଶିକ୍ଷକଙ୍କ ତତ୍କାଳ ଗିରଫ ଓ ଆଇନ ଅନୁସାରେ କଠୋର ଶାସନ ଦାବି କରାଯାଇଛି। ସଂଘର ପ୍ରତିନିଧିମାନେ କହିଛନ୍ତି ଯେ, ଏଭଳି ଘଟଣା ଆଦିବାସୀ ଛାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଅନ୍ୟାୟର ଭାବ ସୃଷ୍ଟି କରୁଛି, ଯାହା ଶିକ୍ଷା ପରିବେଶକୁ ଅସୁସ୍ଥ କରୁଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଏବଂ ଅନୁଷ୍ଠାନ ପକ୍ଷରୁ ଘଟଣା ଉପରେ ଅନୁସନ୍ଧାନ ଚାଲିଥିବା କୁହାଯାଇଛି। ଏପରି ଅସଦାଚରଣ ଘଟଣା ନେଇ ଅଭିଭାବକମାନେ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରି ଶିକ୍ଷା ପ୍ରଶାସନ ଓ ପୋଲିସ ଙ୍କୁ ତତ୍ପର ହେବାକୁ ଆହ୍ୱାନ କରିଛନ୍ତି। ଏହି ଅଭିଯୋଗ ନେଇ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ଚାଲିଛି ଓ ଲୋକମାନେ ଆଶା କରୁଛନ୍ତି ଯେ ଦୋଷୀଙ୍କୁ ନ୍ୟାୟସଂଗତ ଶାସନ ମିଳି ଆଗାମୀ ଦିନରେ ଏଭଳି ଅସଦାଚରଣ ପୁଣି ହେବ ନାହିଁ।

## ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଜୟପୁର,୧।୧୧(ସଂଚାର ବ୍ୟୁରୋ):** ଜୟପୁର ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡ ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବସ ଗୁଡିକରେ ନିଆଁ ଲାଗିଲେ କିପରି ନିଆଁକୁ ଆୟତ୍ତ କରିହେବ ସେନେଇ ଶିକ୍ଷା ପ୍ରଦାନ କରିଥିଲେ। ବସଷ୍ଟାଣ୍ଡରେ ଥିବା ଯାତ୍ରୀ ମାନଙ୍କୁ ରୋଷେଇ ସମୟରେ ନିଆଁ ଲାଗିଗଲେ ପ୍ରତିକାର ସ୍ୱରୁପ କଣ କରିବେ ଓ ନିଆଁ ଲାଗିବା ସ୍ଥାନରେ ନିଜେ ଉପସ୍ଥିତ ଥିଲେ କିପରି ନିଆଁକୁ ଆୟତ୍ତ କରିବେ ସେନେଇ ସମସ୍ତଙ୍କୁ ବୁଝାଇଥିଲେ। ଏହିପରି ଜରୁରୀ କାଳିନ ବିଭାଗର ନିୟମ, କାର୍ଯ୍ୟକଳାପ, ଉଦ୍ଧାର କୌଶଳ, ଉନ୍ନତ ଜୀବନ ରକ୍ଷାକାରୀ ଉପକରଣର ବ୍ୟବହାର ଇତ୍ୟାଦି ଉପରେ ସଚେତନତା ବାର୍ତ୍ତା ଦେଇଥିଲେ।

## ବାଲିପାଟଣାରେ ଏକତା ଦିବସ ପାଳିତ



**ବାଲିପାଟଣା,୧।୧୧(ସଂଚାର ବ୍ୟୁରୋ):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ୧୫୦ ବର୍ଷ ଜୟନ୍ତୀ ଅବସରରେ ଆଜି ବାଲିପାଟଣା ରେ ଏହି ଦିବସ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା।ବାଗଲପୁର ସ୍ଥିତ ବିପିନ୍ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ମାନଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଡ଼ ପ୍ରଭାତ କୁମାର ରଥ ଦେଶର ଏକତା ଓ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସାଇବର ସଚେତନତା ପାଇଁ ବକ୍ତୃତା ପ୍ରତିଯୋଗିତା ହୋଇ ଯୋଗ୍ୟ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ର ସାଇ ପ୍ରସାଦ ମହାନ୍ତି ପ୍ରଥମ, ଶ୍ରୀ ବୁଦ୍ଧନାଥ ବିଦ୍ୟାଳୟ ର ଛାତ୍ରୀ ଅନିମା ପ୍ରତିହାରୀ ଦ୍ୱିତୀୟ ଓ ଜନ ବିଦ୍ୟା ମନ୍ଦିର ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାରଣା ତୃତୀୟ ହୋଇଥିବା ବେଳେ ଓଡ଼ିଆ ବକ୍ତୃତା ରେ ବୁଦ୍ଧନାଥ ହାଇସ୍କୁଲ ର ମୃତ୍ୟୁଞ୍ଜୟ ଭୋଳ ପ୍ରଥମ, କୁଶଭଦ୍ରା ହାଇ ସ୍କୁଲ ର ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ କବି ଦ୍ୱିତୀୟ ଓ ପ୍ରାଚୀ ହାଇ ସ୍କୁଲ୍ ର ସୌଭାଗ୍ୟ ମିଶ୍ର ତୃତୀୟ ହୋଇଛନ୍ତି। ଏଥି ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ପ୍ରଧାନ ଶିକ୍ଷକ ତପନ କୁମାର ରାଉତ, ଏ ବି ଇ ଓ ବିଜୟ କୁମାର ବେହେରା, ଯଶୋଦା ସାହୁ ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ସାମ୍ବାଦିକ ଅରୁଣ କୁମାର ଶତପଥୀ ଓ ପୋଲିସ ଅଧିକାରୀ ଦିନେଶ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ମହାନ୍ତି, ମମିତା ଦଳାଇ ଓ ଝୁନି ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଡ଼ଭିତର୍ କ୍ଲଷ୍ଟରସ୍ତରୀୟ ବୈଠକ



**ସୁବର୍ଣ୍ଣପୁର,୧।୧୧(ସଂଚାର ବ୍ୟୁର):** ଗଡ଼ଭିତର୍ କ୍ଲଷ୍ଟର ର ପଞ୍ଚମ କ୍ଲଷ୍ଟର ସ୍ତରୀୟ ବୈଠକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼ବଜାର ଠାରେ ଅନୁଷ୍ଠିତ ହୋଇଛି। ସି ଆର ସି ସି ବୁଦ୍ଧଦେବ ସା ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ର ସୂଚନା ପ୍ରଦାନ କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଶିକ୍ଷକ ପ୍ରଶିକ୍ଷକ ଶ୍ରୀମତୀ ସସ୍ମିତା ଦେହୁରୀ, ରୀତା ଗ୍ଲୋରିଆ ଏକ୍କା, ଶ୍ରୀଯୁକ୍ତ ପ୍ରହଲ୍ଲାଦ ବିଶି ଓ ଶ୍ରୀଯୁକ୍ତ ନବୀନ ବାଘ ଙ୍କ ଉପସ୍ଥିତି ସଭା ପରିସର କୁ ଆକର୍ଷଣୀୟ କରିଥିଲା। ସେମାନେ ତାଙ୍କ ବକ୍ତବ୍ୟରେ ଆଜି ପଞ୍ଚମ ମାସିକ ବୈଠକ ର ସମସ୍ତ ବିଷୟ ଗୁଡ଼ିକୁ ଅତି ସମ୍ୟକ୍ ଭାବରେ ସମସ୍ତଙ୍କୁ ବୁଝାଇ ଦେଇଥିଲେ ଓ ବିନା ଚାପ ର ବଶବର୍ତ୍ତୀ ହୋଇ କାମ କରିବା ପାଇଁ ପରାମର୍ଶ ଦେଇ ଏଫଏଲ୍ଏନ୍ ଶ୍ରେଣୀ ବୁଲି ଦେଖିଥିଲେ ଓ ପ୍ରଶଂସା କରିଥିଲେ।ଏହାପରେ ଶିକ୍ଷୟିତ୍ରୀ ସୁଷମାରାଣୀ ପଣ୍ଡା ଶିଶୁମାନଙ୍କୁ ସୁନ୍ଦର ଭାବେ ଭାଷା ଶିକ୍ଷଣ ଶିକ୍ଷାଦାନ ଦେଇଥିଲାବେଳେ, ଶିକ୍ଷୟିତ୍ରୀ ମୀନାକ୍ଷୀ ନାୟକ ସଂଖ୍ୟାଜ୍ଞାନ ଉପରେ ଶିକ୍ଷାଦାନ ଦେଇ ଥିଲେ।ସେ ଗଣିତ ହାତ ତିଆରି ବିଭିନ୍ନ ପ୍ରକାର ଟିଏଲଏମ୍ ଆଣି ସିଆରଏ ପଦ୍ଧତି ରେ କିପରି ଶିକ୍ଷଣ କାର୍ଯ୍ୟ ସହଜ ଓ ସୁନ୍ଦର କରିହେବ, ସେ ବିଷୟରେ ଆଲୋଚନା କରିଥିଲେ। ପରେ ଏହି ଦୁଇ ଶ୍ରେଣୀ ର ଶିକ୍ଷାଦାନ ଉପରେ ଆଲୋଚନା ହୋଇଥିଲା।

## ଏନ୍ଏସି ସାଧାରଣ ଅଧିବେଶନ ଅନୁପସ୍ଥିତି ନେଇ ଅଧିକାରୀଙ୍କ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଆଗତ



**ଧାମନଗର,୧।୧୧(ସଂଚାର ବ୍ୟୁରୋ):** ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଗତ ଏକ ବର୍ଷ ଧରି ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଛି। ଏ ସବୁରି ବିଶୃଙ୍ଖଳା ମୂଳରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ବୋଲି ସାଧାରଣରେ ମଧ୍ୟ ଆଲୋଚନା ହେଉଛି। ଘଟଣାରୁ ଯାହା ଜଣାଯାଏ ଅଧିକାରୀ ଶ୍ରୀ ନାୟକଙ୍କ ଅସହଯୋଗ ପାଇଁ ଦୀର୍ଘ ୯ ମାସ ହେବ ଏନ୍ ଏ ସିର ସାଧାରଣ ଅଧିବେଶନ ହୋଇ ପାରୁ ନଥିଲା। ଗତ ୨୫/୦୧/୨୦୨୫ରେ ନବମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିବା ବେଳେ ପରେ ବିଭିନ୍ନ ମାସରେ ବୈଠକ ପାଇଁ ଇ ଓ ଶ୍ରୀ ନାୟକ ଜାଣିଶୁଣି ଅସହଯୋଗ କରି ଆସୁଥିଲେ। ୩୧ ଅକ୍ଟୋବର ଶୁକ୍ରବାର ପୂର୍ବାହ୍ନ ୧୧ ଟାରେ ଅଧ୍ୟକ୍ଷାଙ୍କ ସଭାପତିତ୍ୱରେ ଧାମନଗର ଏନଏସିର ୧୦ମ ଅଧିବେଶନ ଅନୁଷ୍ଠିତ ହେବା ପାଇଁ ତା ୨୫/୧୦/୨୦୨୫ ବିଜ୍ଞପ୍ତି ନଂ ୨୭୩୩ ମୂଳେ ସମସ୍ତ ପାରିଷଦ, ବିଧାୟକ, ସାଂସଦ ଓ କାର୍ଯ୍ୟାଳୟର ସମସ୍ତ ସହଯୋଗୀଙ୍କୁ ସୂଚନା ଦିଆଯାଇଥିଲା। ଏପରିକି ସଭିଙ୍କୁ ସୂଚନା ଦେବାକୁ ସେହି ୨୫ ତାରିଖରେ ବଡ଼ବାବୁ ନିଜ ଦସ୍ତଖତ ଓ ଇଓଙ୍କ ମୋହର ମାରି ନୋଟିସର ଏକ କପି ଦେଇଥିଲେ।

## ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ



**ବୈଶିଙ୍ଗା,୧।୧୧(ସଂଚାର ବ୍ୟୁରୋ):** ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ, ଖୁଣ୍ଟାପୁର ପରିସରରେ ଶକ୍ତି କ୍ଲବ ଆନୁକୂଲ୍ୟରେ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଶୁଭସ୍ମିତା ସାମନ୍ତରାୟ ଙ୍କ ନେତୃତ୍ୱ ରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ର କୁପରିଣାମ ଓ ଏହାର ବିକଳ୍ପ ତଥା ସମାଧାନ ଦିଗରେ ଛାତ୍ରଛାତ୍ରୀ ମାନଙ୍କର ଭୂମିକା ସମ୍ପର୍କ ରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ସମେତ ବିଜ୍ଞାନ ଶିକ୍ଷୟିତ୍ରୀ ତୃଷ୍ଣା ଦାଶ ଓ ରାଧୁ ସିଂ ନିଜର ବକ୍ତବ୍ୟ ସାଙ୍ଗକୁ ସ୍ଲାଇଡ଼ ପ୍ରଦର୍ଶନପୂର୍ବକ ବିଷୟଟିର ଭୟଭୟତା କୁ ପିଲାମାନଙ୍କୁ ବୁଝାଇଥିଲେ। ଶେଷରେ କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ କୁ ସଫଳ କରିବାରେ ମୁକୁନ୍ଦ ସେନାପତି, ଜ୍ୟୋତ୍ସ୍ନା ରାଣୀ ଜେନା, ବିଜୟ କୁମାର ସେଠି, ସ୍ନିଗ୍ଧା ଲେଙ୍କା, ଜୟନ୍ତୀ ମହାପାତ୍ର, ସୌଭଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ରାସନ କାର୍ଡ ଲିଷ୍ଟରେ ନାମ ନଥିବାରୁ ପିଇଓଙ୍କୁ ମାଡ଼ ଧମକ



**ଧାମନଗର,୧।୧୧(ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତର ନୂଆ ରାସନ କାର୍ଡ ସର୍ଭେ ପାଇଁ ୨୨୦ ଜଣ ଅନ ଲାଇନରେ ଆବେଦନ କରିଥିଲେ। ପଞ୍ଚାୟତର ପିଇଓ ରବିନ୍ଦ୍ର କୁମାର ଧଳ ଓ ଏଡିଇଓ ହିମାଳୟ ନାୟକ ସେଥି ମଧ୍ୟରୁ ୪୧ ଜଣଙ୍କ ସର୍ଭେ କରିଥିଲେ।ନିଜକୁ ପଞ୍ଚାୟତର ନେତା ବୋଲାଉଥିବା ବଳରାମ ଦାସ ନିଜ ନାମକୁ ଏହି ତାଲିକାରେ ଯୋଗ କରିବାକୁ କହିଥିଲେ। ମାତ୍ର ତାଙ୍କର ଦୁଇତାଲା ସହ ଦୁଇଟି କୋଠା,୧୨ ଚକିଆ ଟ୍ରକ ଦୁଇଟି, ଟ୍ରାକ୍ଟର ଗୋଟିଏ ଥିବା ସହ ରଡ,ସିମେଣ୍ଟ ଓ ଚିପ୍ସ ବେପାରରେ ଜିଏଷ୍ଟି ଥିବାରୁ ହୋଇପାରିନି ବୋଲି ଦୁଇ ଅଧିକାରୀ ମନା କରିଥିଲେ। ଯେହେତୁ ଶ୍ରୀ ଦାଶ ସରକାରୀ ଦଳର ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଏତିକିରେ ରାଗିଯାଇ ଉଭୟ ପୁରୁଷ ଓ ମହିଳା ପଞ୍ଚାୟତ ଅଧିକାରୀଙ୍କୁ କୁ ଭାଷାରେ ଗାଳିଗୁଲଜ ସହ ମୋର ରାସନ କାର୍ଡ ନହେଲେ କହି ମାରିବାକୁ ଧମକ ଦେଇଥିଲେ। ଭୟଭୀତ ହୋଇ ପିଇଓ ଶ୍ରୀଧଳ ଓ ଏଡିଇଓ ହିମାଳୟ ନାୟକ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ବୋଲି ପିଇଓ ରବିନ୍ଦ୍ର କୁମାର ଧଳ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ କ୍ଷମତା ଭୟରେ ଚାପି ହୋଇ ପିଇଓଙ୍କ ଅଭିଯୋଗ ସତ୍ୟ ଥିଲେ ମଧ୍ୟ କଥା ଆଡେଇ ଦେଇଥିଲେ।

## ଖଣି ବିଭାଗର ଚଢାଉ, ବାଲି ହାଇୱା ଜବତ

**କୋରେଇ,୧।୧୧(ସଂଚାର ବ୍ୟୁରୋ):** ଯାଜପୁର ଖଣି ବିଭାଗ ପକ୍ଷରୁ ବେଆଇନ ବାଲି ଚାଲାଣ ଉପରେ ଚଢାଉ କରାଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ରୁଡ଼ିଆ ଠାରେ ଏକ ବାଲି ହାଇୱାକୁ ଯାଞ୍ଚ କରାଯିବାରୁ ତା ନିକଟରୁ ଖଣି ବିଭାଗ କୌଣସି କାଗଜପତ୍ର ପାଇନଥିଲା। ପରେ ଉକ୍ତ ହାଇୱାଟକୁ ଜବତ କରି ପାଣିକୋଇଲି ପୁଲିସକୁ ହସ୍ତାନ୍ତର କରିଛି।

## ୧୦୦ ଶଯ୍ୟା ବିଶିଷ୍ଟ 'ମିଶନ ଆଶ୍ରା' ଲୋକାର୍ପିତ



**ସୁବର୍ଣ୍ଣପୁର,୧।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ଓଡ଼ିଶା ପିପୁଲସ ଫୋରମ ଦ୍ୱାରା ପରିଚାଳିତ ମିଶନ ଆଶ୍ରା ମାଧ୍ୟମରେ ମାନସିକ ରୋଗରେ ଜଡିତ ଅସହାୟ ପୁରୁଷ ଓ ମହିଳା ମାନଙ୍କ ପାଇଁ ଏକ ଆଶ୍ରୟ ଏବଂ ଥଇଥାନ କେନ୍ଦ୍ର ଲୋକାର୍ପିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଡ. ନୃପରାଜ୍ ସାହୁ ୧୦୦ ଶଯ୍ୟା ବିଶିଷ୍ଟ ଆଶ୍ରୟ ଓ ଥଇଥାନ କେନ୍ଦ୍ର କୁ ଶୁଭ ଉଦଘାଟନ କାରିଥିଲେ। ଜିଲ୍ଲାପାଳ ଡା. ସାହୁ କହିଛନ୍ତି ୧୦୦ ଶଯ୍ୟା ବିଶିଷ୍ଟ ଆଶ୍ରୟ ଓ ଥଇଥାନ କେନ୍ଦ୍ର ଲାଗି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଓଡ଼ିଶା ସରକାର ଅନୁମୋଦନ ଦେଇଛନ୍ତି। ଆଗାମୀ ଦିନରେ ମାନସିକ ରୋଗରେ ପୀଡିତ ଅସହାୟ ମହିଳା ଓ ପୁରୁଷ ଏହି କେନ୍ଦ୍ର ରେ ରହି ଭଲ ହୋଇ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ ହେବେ। ଏହି ଆଶ୍ରୟ ଓ ଥଇଥାନ କେନ୍ଦ୍ର କୁ ପିପୁଲସ ଫୋରମ ପରିଚାଳନା କରିବ ବୋଲି କହି ଜୀବନରେ ମାନବିକ ସମ୍ପର୍କ ଖୁବ୍ ଆବଶ୍ୟକ, କ୍ଷଣିକ ମୁହୂର୍ତ୍ତ କୁ ଆମେ ନିୟନ୍ତ୍ରଣ କରି ପାରିଲେ ପରିବାର ରୁ ସମାଜ ରୁ ଆମକୁ ନିର୍ବାସିତ ହେବା ଭଳି ପରିସ୍ଥିତି କେବେ ଆସିବନି ବୋଲି କହିଥିଲେ।

## ବାର ଆସୋସିଏସନ ତରଫରୁ କଳାହାଣ୍ଡି ଦିବସ ପାଳନ



**କଳାହାଣ୍ଡି,୧।୧୧(ସଂଚାର ବ୍ୟୋରୋ):** ଦିବସ ବାର ଆସୋସିଏସନ ପକ୍ଷରୁ ସଭାପତି ସୁଧାଂଶୁ ନନ୍ଦଙ୍କ ନେତୃତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ପୂର୍ବତନ ସଭାପତି ସନ୍ତୋଷ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ, ମଞ୍ଚ ରେ ବରିଷ୍ଠ ଓକିଲ ଲୋକନାଥ ନାୟକ, ଅଶ୍ୱିନୀ କୁମାର ସାହୁ, ସୁବ୍ରତ କୁମାର ବହିଦାର ଅଂଶ ଗ୍ରହଣ କରି କଳାହାଣ୍ଡି ର ସଂସ୍କୃତି, ଐତିହ୍ୟ, ସଂସ୍କୃତି ତଥା ପଞ୍ଚସ୍ତରୀ ବର୍ଷ ରେ କଳାହାଣ୍ଡି ର ଅର୍ଥନୀତିକ, ସାମାଜିକ ଓ ରାଜନୀତିକ ସ୍ଥିତି ଓ ସମାଜ ର ଅବହେଳିତ ନିଷ୍ପେସିତ ମାନଙ୍କ ପାଇଁ ଆଇନ ଗତ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ ଓ ଭବିଷ୍ୟତରେ କଳାହାଣ୍ଡି ଜିଲ୍ଲାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଉପରେ ସମସ୍ତେ ଗୁରୁତ୍ୱ ଆରୋପ କରିଥିଲେ।

### ● ଅଙ୍ଗନବାଡ଼ି ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁ ନ'ଥିବା ଅଭିଯୋଗ

## କର୍ମୀ ସମେତ ଉପଯୁକ୍ତ ସେବା ଯୋଗାଇବାକୁ ହିତାଧିକାରୀଙ୍କ ଦାବୀ



**ଲାଞ୍ଜିଗଡ଼,୧।୧୧(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଆଦିବାସୀଙ୍କ ପାଇଁ ଉଭୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି।ସେଥି ମଧ୍ୟରୁ ମହିଳା ଓ ଶିଶୁଙ୍କ ବିକାଶ ପାଇଁ ସମ୍ମନିତ ଶିଶୁ ବିକାଶ ଯୋଜନା ରହିଛି ହେଲେ ଲାଖିବାହାଲି ଗାଁର ଅଙ୍ଗନବାଡ଼ି ଦିଦି ଅବସର ନେଇଁ ୬ମାସ ବିତିଯାଇଥିଲେ ମଧ୍ୟ ଏବେ ଯାଏଁ ଖାଲି ପଡ଼ିଥିବା ଅଙ୍ଗନବାଡ଼ି ପଦବୀ ପୂରଣ ହୋଇପାରିନାହିଁ।ଯାହାଦ୍ୱାରା ଶିଶୁଙ୍କ ପ୍ରାକ-ପ୍ରାଥମିକ ଶିକ୍ଷା ସମେତ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଅଣ୍ଡା ଛତୁଆ ଭଳି ବିଭିନ୍ନ ପୃଷ୍ଟିକର ଖାଦ୍ୟ ମିଳୁନ'ଥିବା ଅଭିଯୋଗ ହେଉଛି।ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମହିଳା ଓ ଶିଶୁ ବିକାଶ ଯୋଜନା ଅଧୀନରେ ଗର୍ଭବତୀ ମହିଳାଙ୍କଠାରୁ ଆରମ୍ଭ କରି ପ୍ରସୂତି ମହିଳା ଅଥବା ଜନ୍ମରୁ ତିନି ବର୍ଷ ଓ ତିନି ବର୍ଷରୁ ଛଅ ବର୍ଷର ଶିଶୁଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧା ରହିଥିବାବେଳେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଅବସର ନେବାପରେ ଦୀର୍ଘ ଛଅ ମାସ ହେବ ହିତାଧିକାରୀଙ୍କୁ ଠିକ ଭାବରେ ଉପଯୁକ୍ତ ସୁବିଧା ସେବା ମିଳୁନ'ଥିବା ଅଭିଯୋଗ ହେଉଥିବା ବେଳେ ଦୀର୍ଘ ବର୍ଷ ହେବ ଅଙ୍ଗନବାଡ଼ି କେନ୍ଦ୍ର ବିପଦ ସଂକୁଳ ଅବସ୍ଥାରେ ରହିଛି। କେତେବେଳେ କାହା ଉପରେ ଛାତ ଖସିପଡ଼ିବ ତାହା କହିହେବନି। ଅଳ୍ପ ବର୍ଷା ହେଲେ ପାଣି ଝରିବା ସହ ଛାତଉପରୁ ଛାତର ପ୍ଲାଷ୍ଟର ସିମେଣ୍ଟ ଖଣ୍ଡଖଣ୍ଡ ହୋଇ ତଳେ ଖସି ପଡୁଛି। ହେଲେ ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନି ଯାହାଦ୍ୱାରା ବିପଦ ପୂର୍ଣ୍ଣ ଛାତ ତଳେ ଶିଶୁଙ୍କ ଭବିଷ୍ୟତ ଗଢ଼ାହେଉଛି।

## 'ପର୍ଏଁରୀ ତିହାର'ର ପ୍ରସ୍ତୁତ ବୈଠକ



**ସୁବର୍ଣ୍ଣପୁର,୧।୧୧(ସଂଚାର ବ୍ୟୁରୋ):** ସାଂସ୍କୃତିକ ଅନୁଷ୍ଠାନ ପର୍ଏଁରୀ ଆନୁକୁଲ୍ୟରେ ଓଡିଶା ସରକାରଙ୍କ ଓ ଜିଲ୍ଲା ସଂସ୍କୃତି ପରିଷଦ ସୁବର୍ଣ୍ଣପୁର ସହଯୋଗ ରେ ଆସନ୍ତା ଜାନୁୟାରୀ ୧ରେ ପାରମ୍ପରିକ ଲୋକନୃତ୍ୟ ଓ ସଂଗୀତ ଉତ୍ସବ "ପର୍ଏଁରୀ ତିହାର" ଅନୁଷ୍ଠିତ ହେବ। ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ରେ ସଂପାଦକ ଚୌଧୁରୀ ବିଭାର ବିଗତ ବର୍ଷର ଆୟ ବ୍ୟୟ ବିଷୟରେ ଆଲୋକପାତ କରିଥିଲେ। ଏ ବର୍ଷ ଜିଲ୍ଲାର ଲୋକ କଳା ତଥା ଜିଲ୍ଲାର ବରିଷ୍ଠ ଲୋକ କଳାକାର ମାନଂକୁ ଆଣି ମଞ୍ଚ ରେ ପୁରୁଣା ଲୋକ ଗୀତ ଓ ଲୋକ ନୃତ୍ୟ ପରିବେଷଣ କରିବେ ବୋଲି ଚୌଧୁରୀ ବିଭାର ସୂଚନା ଦେଇଥିଲେ। ମାଁ ସୁରେଶ୍ୱରୀଙ୍କ ପରିସରରେ ପୂଜାଅର୍ଚ୍ଚନା ସହିତ ମଶାଲ ଶୋଭାଯାତ୍ରା ହେବ। ଏବଂ ପଶ୍ଚିମ ଓଡିଶାର ରାଧା କୃଷ୍ଣ ଦଣ୍ଡ ବିଷୟରେ ଦଣ୍ଡ ଗୁରୁ ମାନଙ୍କୁ ନେଇ ସେମିନାର ଓ କର୍ମଶାଳା କରିବାପାଇଁ ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ ଓ ଅଭିମନ୍ୟୁ କୁଶଳ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଉପ ସଭାପତି ଶ୍ରୀ ପ୍ରଫୁଲ୍ଲ ନାଏକ ସହିତ ସହ-ସଂପାଦକ ପୃଥିରାଜ ବାଗ କୋଷାଧ୍ୟକ୍ଷ- ସୁଶାନ୍ତ ସାହୁ, ଗୋପାଳ ମେହେର, ସୋମ୍ୟରଂଜନ ସେଠି, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ● ବ୍ୟବସାୟୀଙ୍କୁ ଅପହରଣ ଘଟଣା

## ୪ ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ: ଜଣେ ସନ୍ଦେହରେ ଅଟକ



**ବୈଶିଙ୍ଗା,୧।୧୧(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଯୋଗଳ ଠାରେ ଥିବା କାମଧେନୁ ରାଇସ ମିଲର ମାଲିକ ବିଶିଷ୍ଟ ବ୍ୟବସାୟୀ ସୁନୀଲ କୁମାର ଅଗ୍ରୱାଲଙ୍କ ଅପହରଣ ଘଟଣାରେ ୪ ଅଭିଯୁକ୍ତ ଗିରଫ କରିଛି ପୁଲିସ। ସୂଚନା ମୁତାବକ ଅକ୍ଟୋବର ୨୩ ତାରିଖ ଦିନ ବ୍ୟବସାୟୀ କୌଣସି କାର୍ଯ୍ୟ ପାଇଁ ବାଲେଶ୍ୱର ଯାଉଥିବା ସମୟରେ ୧୮ ନଂ ଜାତୀୟ ରାଜପଥ ପଦ୍ମନାଭପୁର ଟୋଲ ଗେଟ ନିକଟରେ ଏକ ବୁଲେଟ ଯୋଗେ ୨ ଜଣ ବ୍ୟକ୍ତି ତାଙ୍କ କାରକୁ ଅଟକାଇ ଥିଲେ ଏବଂ କାର ରୁ ବଳପୂର୍ବକ ବାହାରକୁ ଆଣିଥିଲେ। ପରେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ତାଙ୍କୁ ଏକ କାର୍ ଯୋଗେ ଅପହରଣ କରିନେଇଥିଲେ ଏବଂ ତାଙ୍କୁ ଅଶୀ ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ଟଙ୍କା ଦେଇନପାରିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ବ୍ୟବସାୟୀ ଜଣକ ଟଙ୍କା ଯୋଗାଡ଼ ପାଇଁ ନିଜ ମ୍ୟାନେଜରଙ୍କୁ ଫୋନ୍ ଯୋଗେ କହିଥିଲେ କିନ୍ତୁ ମ୍ୟାନେଜର ଏବଂ ପରିବାର ଲୋକେ ଚାଳିଶ ଲକ୍ଷ ଟଙ୍କା ଯୋଗାଡ଼ କରିବାରେ ସମର୍ଥ ହୋଇପାରିଥିଲେ।

## କନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତା



**ସୁନ୍ଦରଗଡ଼,୧।୧୧(ସଂଚାର ବ୍ୟୁର):** ନଭେମ୍ବର ୧ ତାରିଖ ଶନିବାର ସକାଳ ୧୦ଟା ସମୟରୁ ୨୪ ତମ ଆନ୍ତଃ ଜିଲ୍ଲା ସ୍ତରୀୟ କନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତା ଯୋଗୀମାଲ ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ୨୦ ଟି ଜିଲ୍ଲାରୁ ଖେଳାଳି ଅଂଶ ଗ୍ରହଣ କରି ନିଜ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଟାଙ୍ଗରପାଲି ବ୍ଲକ ଉନ୍ନୟନ ଅଧିକାରୀ ବିରେସେନ୍ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ସରପଞ୍ଚ ସୌଦାମିନୀ ଭୋଇ, ଏଇଇ ମାନସ କୁମାର ନେଟି ଅତିଥି ଭାବେ ଯୋଗଦାନ କରି ଖେଳର ମଜା ନେଇଥିଲେ। ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘ ସାଧାରଣ ସମ୍ପାଦକ ପୃଥିରାଜ ସାହୁ, ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି, ଆନ୍ତର୍ଜାତୀୟ ରେଫରୀ ବ୍ରଜ ମୋହନ ସାହୁ, ଅଫିସ ସେକ୍ରେଟାରୀ ବିଶ୍ୱନାଥ ମିଶ୍ର, ଟ୍ରେଜରର ନିରଜ ସ୍ୱାଇଁ, ଜିଲ୍ଲା ଉପଦେଷ୍ଟା ରଥ ଖାଲକୋ, ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀ, ଜନ ସେବା ସମିତି ସଭାପତି ନଳିନ ପଟେଲ ଉପସ୍ଥିତ ଥିଲେ। ଗୌରାଙ୍ଗ ସାହୁ, ରେଫରୀ କିରନ ଶିଳା ବାର୍ଲକ୍ଷ, ହୁତାଶନ ଦଣ୍ଡସେନା, ବିକାଶ କୁଆ, ରସାନନ୍ଦ ମହାନନ୍ଦିଆ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ ଖେଳ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ମଡେଲ ପର୍ଲିଆମେଣ୍ଟ

**ଜଗତସିଂହପୁର,୧।୧୧(ସଂଚାର ବ୍ୟୁର):** ଜଗତସିଂହପୁର ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲାର ୧୦ ଗୋଟି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ୮୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ମଡେଲ ପାର୍ଲ୍ୟାମେଣ୍ଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଜଗତସିଂହପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ, ମନୋଜ କୁମାର ମିଶ୍ର, ଲକ୍ଷ୍ମୀଧର ପ୍ରଧାନ ଓ ଶିକ୍ଷକ ତ୍ରିଲୋଚନ ସାହୁ ବିଚାରକ ଭାବରେ ଯୋଗଦେଇ ୨ ଜଣ ଛାତ୍ରୀଙ୍କୁ ଶ୍ରେଷ୍ଠ ବକ୍ତା ଭାବରେ ମନୋନୀତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦଘାଟନ କରିଥିବା ବେଳେ ସମସ୍ତ ୧୦ ଗୋଟି ପିଏମଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାର୍ଗ ଦର୍ଶନ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା ଓ ଅଭିଭାବକ ବୃନ୍ଦ ଯୋଗ ଦେଇଥିଲେ। ଡିଜିଟାଲ ଲର୍ଣ୍ଣ ଉପରେ ଶାସକ କୁ ସମଗ୍ର ମଶିକ୍ଷା ସଂଯୋଜକ ଚନ୍ଦ୍ରଜିତ ପରିଜା ପରିଚାଳନା କରିଥିଲେ ଓ ମଧୁସ୍ମିତା ପାଟି, ବି. ଇ. ଓ., ଜଗତସିଂହପୁର ଧନ୍ୟବାଦ ଅର୍ପଣ କରିଥିଲେ ।



## ଏସଏଚ୍‌ଜି ଗ୍ରୁପ ମହିଳାଙ୍କ ୩୫ ଲକ୍ଷ ଠକେଇ ମାମଲାରେ ମହିଳା ଗିରଫ ଓ କୋର୍ଟ ଚାଲାଣ

**ବୈଶିଙ୍ଗା,୧।୧୧(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି ପର୍ଯ୍ୟାୟ କ୍ରମେ ଏସ ଏଚ ଜି ମହିଳା ଙ୍କ ଠାରୁ ୩୫ ଲକ୍ଷ ଟଙ୍କା ଠକି ନେଇଥିବା ଘଟଣାରେ ଶୁକ୍ରବାର ଅପରାହ୍ନରେ ୩୩ ଜଣ ମହିଳା ବୈଶିଙ୍ଗା ଥାନାରେ କରୁଣାକର ବେହେରା ଙ୍କ ସ୍ତ୍ରୀ ନିନି ସିଂ ନାମରେ ଅଭିଯୋଗ କରିଥିଲେ।ସେହି ଅଭିଯୋଗ ନେଇ ୫୫୬/୨୫ ମୂଳେ ବୈଶିଙ୍ଗା ଥାନା ରେ ଏକ ମାମଲା ରୁଜୁ କରାଯାଇଥିଲା।ଆଜି ଅଭିଯୁକ୍ତ ମହିଳା ନିନି ସିଂ (୪୦) ଙ୍କୁ ଗିରଫ କରି ଡାକ୍ତରଖାନା ରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ କାରିଣୀ ମହିଳା ମାନେ ଆଜି ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ ପହଞ୍ଚି ଏହି ଭଳି ଆବୁରି ଶତାଧିକ ମହିଳାଙ୍କ ଠାରୁ ଠକି ନେଇଥିବା ଥାନାଧିକାରୀ ଙ୍କୁ ଜଣାଇଥିଲେ।